

ଘୁଞ୍ଚିପାରେ
'ପରମସୁନ୍ଦରୀ'
ରିଲିଜ୍ ଡେଟ୍

▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-356 ◆BHUBANESWAR ◆TUESDAY ◆24 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୫୬ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୪ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଟେଷ୍ଟ ଶତକରେ ୱିକେଟକିପରଙ୍କ ରେକର୍ଡ

■ ଲିଡ୍ସ, ୨୩।୬ (ଏଜେନ୍ସି): ୱିକେଟ୍ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରି ଋଷଭ ପନ୍ତ୍ ଭାରତ କ୍ରିକେଟ୍ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ବିଶ୍ୱରେ ଜଣେମାତ୍ର ୱିକେଟରକ୍ଷକ ଭାବେ ଜିମ୍ବାୱେର ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାୱାର ଦକ୍ଷିଣ ଆଫ୍ରିକା ବିପକ୍ଷ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏବେ ପନ୍ତ୍ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରି ଫ୍ଲାୱାରଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଇଂଲଣ୍ଡର ଲିଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ପନ୍ତ୍ ୧୩୪ ରନ୍ ଓ ଦ୍ୱିତୀୟ ଇନିଂସରେ

**ଫ୍ଲାୱାରଙ୍କ ସମକକ୍ଷ ହେଲେ ଋଷଭ ପନ୍ତ୍**

୧୧୮ ରନ୍ କରିଛନ୍ତି। ଏହା ଫଳରେ ସେ ପ୍ରଥମ ଭାରତୀୟ ୱିକେଟ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଏବଂ ଇଂଲଣ୍ଡ



ମାଟିରେ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ତାଙ୍କ ପୂର୍ବରୁ ୬ଜଣ ଭାରତୀୟ ଦେଶ ଓ ବିଦେଶରେ ଗୋଟିଏ ଟେଷ୍ଟରେ ୨ଟି ଶତକ

**ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ**

ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୬୮ଟି ଟେଷ୍ଟ ଖେଳି ମଧ୍ୟ କେହି ଏପରି ସଫଳତା ପାଇ ନ ଥିଲେ।

ଏଠାରେ ଭାରତର ଦ୍ୱିତୀୟ ଇନିଂସରେ ମଧ୍ୟ ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ପନ୍ତ୍ ଓ ରାହୁଲ ଚତୁର୍ଥ ୱିକେଟ ଭାଗିଦାରୀରେ ୧୯୫ ରନ୍ ଉଠାଇ ଭାରତକୁ ମଜବୁତ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍ ଓ ଋଷଭ ପନ୍ତ୍ ଶତକ ହାସଲ କରିଥିଲେ। ଗୋଟିଏ ଟେଷ୍ଟରେ ୫ଜଣ ଖେଳାଳି ଶତକ ହାସଲ କରି ଭାରତର କ୍ରିକେଟ ଇତିହାସରେ ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି।

### କତର, ଇରାକ୍‌ରେ ଥିବା ଆମେରିକା ଘାଟି ଉପରେ ଇରାନର ଆକ୍ରମଣ

# ଘନଉଛି ବିଶ୍ୱଯୁଦ୍ଧ ଆଶଙ୍କା

■ ତେହରାନ,୨୩।୬(ଏଜେନ୍ସି): ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଛି କି ଇରାନ-ଇସ୍ରାଏଲ ଯୁଦ୍ଧ? ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରି ଆମେରିକା ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ବଢ଼ାଇଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଆଜି କତର ଓ ଇରାକରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିବା ପରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଇରାନର ଏଭଳି ଆକ୍ରମଣ ପଛରେ ରୁଷର ହାତ ଥିବା ସନ୍ଦେହ କରାଯାଉଥିବାରୁ ଯୁଦ୍ଧ ଆହୁରି ବ୍ୟାପକ ହୋଇପାରେ ବୋଲି ସାମରିକ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ

**ଇସ୍ରାଏଲ୍ ଆକ୍ରମଣରେ ଇରାନର ୧୫ ଲଢୁଆ ବିମାନ ନଷ୍ଟ**

**ଇରାନୀ ସ୍ଲିପରସେଲ୍ ଆକ୍ରମଣ ଭୟରେ ନ୍ୟୁୟର୍କରେ ହାଇ ଆଲର୍ଟ**

**ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ସହ ସବୁ ସମ୍ପର୍କ ଛିନ୍ନ: ଇରାନ**

**ପ୍ରତି କ୍ଷେପଣାସ୍ତ୍ର ମାଡ଼ର ଗୋଟିଗୋଟି ହିସାବ ଦିଆଯିବ: ଇସ୍ରାଏଲ**



କରିଛନ୍ତି। ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ଆକ୍ରମଣ ପରେ କୁଏତ, ଇରାକ, କତର, ବାହାରୀନ ଓ ୟୁଏଇ ସମେତ ୯ଟି ଦେଶ ସେମାନଙ୍କର ଆକାଶ ସୀମାକୁ ଯାତ୍ରୀ ବିମାନ ପାଇଁ ବନ୍ଦ କରିଦେଇଛନ୍ତି।

କତରର ଅଲ୍‌ଉଦେଦ୍ ବାୟୁସେନା ଘାଟି ଏବଂ ଇରାକର ଅଏନ ଅଲ୍ ଅସଦ୍ ଘାଟି ଉପରେ ଇରାନ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବା ଘୋଷଣା କରିଛି। ଏହି ଆକ୍ରମଣରେ ଦୋହା ଆକାଶରେ ପ୍ରଚଣ୍ଡ ବିସ୍ଫୋରଣ ଯୋଗୁଁ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ଦୋହା ନିକଟବର୍ତ୍ତୀ ଅଲ ଉଦେଦ୍ ଘାଟିରେ ଆମେରିକାର ୧୦ ହଜାର ସୈନ୍ୟ ରହିଛନ୍ତି। ମଧ୍ୟପ୍ରାଚ୍ୟରେ ଏହା ହେଉଛି ଆମେରିକାର ସବୁଠାରୁ ବଡ଼ ସାମରିକ ଘାଟି। ଏଠାରେ ଆମେରିକା ସେଣ୍ଟ୍ରାଲ କମାଣ୍ଡର ମୁଖ୍ୟାଳୟ ରହିଛି। ଏଠାରେ ଆମେରିକାର ୧୦୦ରୁ ଅଧିକ ଯୁଦ୍ଧ ବିମାନ ରହିଛି। ତେବେ ଏହି ଆକ୍ରମଣରେ କ'ଣ କ୍ଷତି ଘଟିଛି, ତାହା ଜଣାପଡ଼ି ନାହିଁ। ସେହିଭଳି ଇରାକର ଅଲ ଅସଦ ବାୟୁସେନାର ଘାଟିରେ ମଧ୍ୟ ଇରାନ ରକେଟ ମାଡ଼ କରିଥିବା କହିଛି। ଏହି ଘାଟିରେ ଆମେରିକାର ▸ପୃଷ୍ଠା-୭

### ବିଧାନସଭା ଉପନିର୍ବାଚନ

## ଇଣ୍ଡିଆ ମେଣ୍ଟ ୪, ଏନ୍‌ଡିଏ ୧

■ ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ୪ଟି ରାଜ୍ୟର ୫ଟି ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନରେ କେଜ୍ରିୱାଲଙ୍କ ଆମ୍ ଆଦମୀ ପାର୍ଟି (ଆପ୍)କୁ ପଞ୍ଜାବ ଓ ଗୁଜରାଟରେ ସଫଳତା ମିଳିଛି। ପଞ୍ଜାବର ଲୁଧିଆନା ପଶ୍ଚିମ ଏବଂ ଗୁଜରାଟର ଭିସାବଦର ଆସନରେ ଏହାର ପ୍ରାର୍ଥୀ ବିପୁଳ ଭୋଟ୍‌ରେ ବିଜୟ ହାସଲ କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପରାଜୟ ପରେ ଏହି ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଆପ୍ ପାଇଁ ନୂଆ ଜୀବନଦାନ ସଦୃଶ୍ୟ ହୋଇଛି। ଅନ୍ୟ ତିନିଟି ଆସନରେ ବିଜେପି, କଂଗ୍ରେସ ଓ ମମତାଙ୍କ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଥିବା ଏହି ଉପନିର୍ବାଚନରେ ଇଣ୍ଡିଆ ମେଣ୍ଟକୁ ୪ଟି ଆସନ ମିଳିଥିବା ବେଳେ ଗୋଟିଏ ଆସନରେ ଏନ୍‌ଡିଏ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।



ପଞ୍ଜାବ ଏବେ ଆପ୍ ଶାସନାଧୀନ ଥିବା ବେଳେ ଗୁଜରାଟରେ ବିଜେପି କ୍ଷମତାରେ ରହିଛି। ଲୁଧିଆନାରେ ଆପ୍ ପ୍ରାର୍ଥୀ ସଞ୍ଜୀବ ଆରୋରା ୧୦,୬୩୭ ଭୋଟ୍‌ରେ କଂଗ୍ରେସର ଭାରତ ଭୂଷଣ ଆଶୁଙ୍କୁ ପରାସ୍ତ କରିଛନ୍ତି। ଗୁଜରାଟର ଭିସାବଦରରେ ଆପ୍ ପ୍ରାର୍ଥୀ ଗୋପାଳ ଇଟାଲିଆ ୧୭,୫୫୪ ଭୋଟ୍‌ରେ ବିଜେପିର କିର୍ତ୍ତୀ ପଟେଲଙ୍କୁ ପରାସ୍ତ କରିଛନ୍ତି। ଏହି ଦୁଇଟି ଆସନ ଆପ୍ କବ୍‌ଜାରେ ଥିଲା। ବିଧାୟକଙ୍କ ମୃତ୍ୟୁ ଯୋଗୁଁ ▸ପୃଷ୍ଠା-୭

### ସୂଚନା ଦେଲେ ପ୍ରେମ୍ ପଟ୍ଟନାୟକ

## ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ନବୀନ

■ ଭୁବନେଶ୍ୱର, ୨୩।୬ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ସୋମବାର ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ୍ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ପ୍ରେମ୍ ପଟ୍ଟନାୟକ କହିଛନ୍ତି ଯେ ଅସ୍ତ୍ରୋପଚାର ପରେ ନବୀନଙ୍କ

**ପ୍ରାର୍ଥନା ପାଇଁ ରାଜ୍ୟବାସୀଙ୍କୁ ଜଣାଇଲେ କୃତଜ୍ଞତା**

ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ ନିରୀକ୍ଷଣରେ ଅଛନ୍ତି। ବର୍ତ୍ତମାନ ସେ କିଛି କିଛି ଚଲାବୁଲା ମଧ୍ୟ କରୁଛନ୍ତି। ଏହି ଅବସରରେ ନବୀନଙ୍କ ପାଇଁ ଚିନ୍ତା ପ୍ରକଟ କରିଥିବା ଓ ପ୍ରାର୍ଥନା କରିଥିବା ରାଜ୍ୟବାସୀଙ୍କୁ ପ୍ରେମ୍ କୃତଜ୍ଞତା ଜଣାଇଛନ୍ତା। ଏହାସହିତ ରାଜ୍ୟବାସୀଙ୍କ ମଙ୍ଗଳକାମନା ଯୋଗୁଁ ନବୀନ ପଟ୍ଟନାୟକ ▸ପୃଷ୍ଠା-୭



### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## ମାମଲା ରୁଜୁକଲେ ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର,୨୩।୬(ସମିସ): ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣାର ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ନିଜଆଡୁ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ଡିଜିଙ୍କୁ ଆୟୋଗ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି।

### କ୍ରାଇମବ୍ରାଞ୍ଚ ହାତରେ ଡିଜିଟାଲ ପ୍ରମାଣ

■ ଭୁବନେଶ୍ୱର, ୨୩।୬ (ସମିସ): ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ତଦନ୍ତ ବେଳେ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି ଡିଜିଟାଲ ପ୍ରମାଣ। ଯାହାକି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସହାୟକ ହେବ। ସିସିଟିଭି ଫୁଟେଜ ଓ ମୋବାଇଲରୁ ମିଳିଛି ବଳିଷ୍ଠ ପ୍ରମାଣ। ▸ପୃଷ୍ଠା-୭

### ଯାଜପୁରରେ ହଟଚମଟ

## ଦିଲ୍ଲୀ ଯୁବତୀଙ୍କୁ ଅସଦାଚରଣ

■ ଦଶରଥପୁର, ୨୩।୬ (ସମିସ): ଗାଁ ପରିବେଶ, ପରମ୍ପରା, ସଂସ୍କୃତି, ଚାଲିଚଳଣି ଜାଣିବା ପାଇଁ ସାଙ୍ଗ ସହ ସୁଦୂର ଦିଲ୍ଲୀରୁ ଛୁଟି ଆସିଥିଲେ। କିନ୍ତୁ ତାଙ୍କ ସହ ଏଠାରେ ଅସଦାଚରଣ ଭଳି ଅଘଟଣ ଯେ ଘଟିବ, ତାହା ସେ କେବେ କଳ୍ପନା କରିନଥିଲେ। ଦୁର୍ବୃତ୍ତଙ୍କ ଅସଦାଚରଣ ଯେତିକି କଷ୍ଟ ଦେଲା, ତା'ଠାରୁ ଅଧିକ କଷ୍ଟକର ଥିଲା ପୁଲିସ୍‌ର ବ୍ୟବହାର ଓ ନିଷ୍କ୍ରିୟତା। ବାନ୍ଧବୀଙ୍କ ସହ ଯାଜପୁର ଜିଲ୍ଲା ଦଶରଥପୁର ବୁଲି ଆସିଥିବା ଦିଲ୍ଲୀର ଉକ୍ତ ଯୁବତୀଜଣଙ୍କ ହେଲେ, ଲିଜା ଶର୍ମା (ଛଦ୍ମନାମ)। ଦଶରଥପୁର ଅଞ୍ଚଳର ସାଙ୍ଗ ସୁମିତ୍ରା ସାହୁ (ଛଦ୍ମନାମ)ଙ୍କ ସହ ସେ ଯାଜପୁର ବୁଲି ଆସିଥିବା ବେଳେ ତାଙ୍କ ସହ ଏହି ଆପରାଧିକ ଘଟଣା ଘଟିଛି। ଦୁଇ ଦୁର୍ବୃତ୍ତ ଉଭୟଙ୍କୁ ଅସଦାଚରଣ କରିବା ସହ ସୁମିତ୍ରାଙ୍କ ସମ୍ପର୍କୀୟ ଭାଇଙ୍କୁ ନିସ୍ତୁକ ମାଡ଼ ମାରି ଦରମରା କରିଛନ୍ତି।

ଅପରପକ୍ଷେ, ମହିଳାଙ୍କ ପାଇଁ ଓଡ଼ିଶା ସୁରକ୍ଷିତ ▸ପୃଷ୍ଠା-୭

### ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ଘଟଣାରେ ୯ ଅଟକ

## ତାତିଲା ଦଳିତ ମହାସଭା

■ ଧରାକୋଟ, ୨୩।୬ (ସମିସ): ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଘଟଣାକୁ ନେଇ ଦଳିତ ମହାସଭା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମରେ ଘଟିଥିବା ଏହି ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ମହାସଭାର ଜିଲ୍ଲା ଆବାହକ ସଂଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଆଜି ଦୁଇ ପୀଡ଼ିତଙ୍କ ଗାଁ ସିଙ୍ଗିପୁରରେ ମହାସଭା ପକ୍ଷରୁ ଏକ ଜରୁରୀ ବୈଠକ ▸ପୃଷ୍ଠା-୭





## ଉଦ୍‌ବେଗ ପ୍ରକାଶ କଲେ ରାହୁଲ ଗାନ୍ଧୀ

■ ଭୁବନେଶ୍ୱର,୨୩।୬(ସମିସ): ଗଞ୍ଜାମ ଧରାକୋଟ୍‌ରେ ଦୁଇ ଦଳିତ ଯୁବକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଘଟଣାରେ ଗଭୀର

**'ମନୁସ୍ମୃତି ନୁହେଁ; ସମ୍ବିଧାନ ଅନୁସାରେ ଦେଶ ପରିଚାଳିତ ହେଉ'**

ଉଦ୍‌ବେଗ ପ୍ରକାଶ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଓଡ଼ିଶାର ଦୁଇଜଣ ଦଳିତ ଯୁବକଙ୍କୁ ଆଣ୍ଠୁରେ ଚଲେଇବା, ଘାସ ଖାଇବା ସହ ନାଳ ପାଣି ପିଇବାକୁ ବାଧ୍ୟ କରିବା ଘଟଣା କେବଳ ▸ପୃଷ୍ଠା-୭



## ମୋ ଜୀବନ ପ୍ରତି ବିପଦ: ତେଜପ୍ରତାପ

ପାଟନା, ୨୩।୬(ଏଜେନ୍ସି): ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ନିଜ ଜୀବନ ପ୍ରତି ବିପଦ ଅଛି ବୋଲି ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଛନ୍ତି। ଷଡ଼ଯନ୍ତ୍ର କରି ମୋତେ ପାର୍ଟି ଅର୍ଥାତ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ରୁ ବହିଷ୍କାର କରାଯାଇଛି। ମୋ ବ୍ୟକ୍ତିଗତ ଜୀବନକୁ ନେଇ ଲୋକେ ଆକ୍ଷେପ କରୁଛନ୍ତି। ଏହାକୁ କେହି ବରଦାସ୍ତ କରିବେ



ନାହିଁ। ଯଦି ମୋ ଉପରେ ଏଭଳି ଚାପ ପ୍ରୟୋଗ କରାଯାଏ, ତେବେ ଆଇନର ଆଶ୍ରୟ ନେବି ବୋଲି ସେ କହିଛନ୍ତି। ଆରଜେଡି ଓ ପରିବାରରୁ ବାହର କରିଦିଆଯିବା ପରେ ସେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଛନ୍ତି। ମୁଁ ଡରିବା ଲୋକ ନୁହଁ ଓ ମୁକାବିଲା କରିବାକୁ ପ୍ରସ୍ତୁତ। ମୋ ବରୋଧରେ ଷଡ଼ଯନ୍ତ୍ର କରିଥିବା ୪-୫ ଜଣ ଲୋକ ନାମ ପଦାକୁ ଆଣିବି। ମୋତେ ଅନ୍ୟାୟ ଭାବେ ପାର୍ଟି, ପରିବାର ଓ ସଂଗଠନରୁ ବାହର କରିଦିଆଯାଇଛି। କେବେ କାହାର ଅମଙ୍ଗଳ ଚିନ୍ତା କରିନାହିଁ। ସବୁବେଳେ ମାତାପିତାଙ୍କର ସମ୍ମାନ କରିଛି। ମୋ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବି। ସାନ ଭାଇ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ମୋର ଆଶୀର୍ବାଦ ରହିଛ ବୋଲି ସେ କହିଛନ୍ତି।

## ପୁଣି ମୋଦୀଙ୍କୁ ପ୍ରଶଂସା କଲେ ଥରୁର୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଗୋଟେପଟେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ



ସେପଟେ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ଶଶି ଥରୁର ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଏକ ଇଂରାଜୀ ଖବରକାଗତରେ ସ୍ତମ୍ଭ ଲେଖି ସେ ମୋଦିଙ୍କୁ ଦେଶର ଅମୂଲ୍ୟ ସମ୍ପଦ ବୋଲି କହିଛନ୍ତି। ମୋଦୀଙ୍କ ଶକ୍ତି, ଗତିଶୀଳତା ଓ ଇଚ୍ଛାଶକ୍ତି ହିଁ ତାଙ୍କୁ ଦେଶର ଏକ ପ୍ରମୁଖ ସମ୍ପତ୍ତି ଭାବେ ଗଢ଼ି ତୋଳିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଜବାବରେ ଭାରତର କାର୍ଯ୍ୟାନୁଷ୍ଠାନ ସ୍ୱରୂପ କରାଯାଇଥିବା ଅପରେସନ ସିନ୍ଦୂର ପରେ ବିଶ୍ୱରେ ବିଭିନ୍ନ ଦେଶକୁ ପଠାଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳୀର ଅଭିଜ୍ଞତା ନେଇ ସେ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ଏହା ଦ୍ୱାରା ଭାରତ କୂଟନୈତିକସ୍ତରରେ ମଧ୍ୟ ସାରା ବିଶ୍ୱରେ ନିଜର ବର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ଥରୁରଙ୍କ ନେତୃତ୍ୱରେ ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀ ଆମେରିକାର ସମେତ ଗୁଏନା, ପାନାମା, କଲମ୍ବିଆ, ବ୍ରାଜିଲ ଗସ୍ତ କରି ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲା। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଏହି ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବା ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଛି ବୋଲି ସେ କହିଛନ୍ତି।

## ଜଗନମୋହନଙ୍କ ବିରୋଧରେ ଏଫ୍ଆଇଆର୍

ହାଇଦରାବାଦ୍, ୨୩।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶ ପୂର୍ବତନ ମୁଖମନ୍ତ୍ରୀ ଜଗମୋହନ ରେଡ୍ଡୀଙ୍କ ବିରୋଧରେ ହିଟ୍ ଆଣ୍ଡ ରନ୍ ମାମଲାରେ ଏଫ୍ଆଇଆର ଦାଏର କରାଯାଇଛି। ଗୁଣ୍ଟୁର ଜିଲ୍ଲା ଏସ୍‌ପି ଏସ୍ ସତୀଶ କୁମାର ରବିବାର ରାତିରେ ଏକ ସାମ୍ବାଦିକ ସମ୍ମଳନୀରେ ଏନେଇ ସୂଚନା ଦେଇଛନ୍ତି। ଜଗମୋହନ କାର ୫ ଦିନ ତଳେ ଏକ ରୋଡ ଶୋ ଅବସରରେ ଜଣେ ୫୩ ବର୍ଷୀୟ ବ୍ୟକ୍ତିଙ୍କ ଉପରେ ମାଡିଯାଇଥିଲା। ହସ୍ପିଟାଲ



ନେବା ବେଳେ ତାଙ୍କୁ ମୃତ୍ୟୁ ହୋଇଥିଲା। ଏହି ମୃତ ବ୍ୟକ୍ତିଙ୍କ ନାମ ଚିଲି ସିଙ୍ଗିଆ ବୋଲି କୁହାଯାଇଛି। ସେ ଜଗନମୋନହଙ୍କ ପାର୍ଟି ୱାଇଆରଏସ୍‌ସିପିର କର୍ମୀ ଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଓ ଏହା ସାମ୍ନାକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଗତ ୧୮ ତାରିଖରେ ଏହି ଘଟଣା ଘଟିଥିଲା। ଜଗନ ପାଲନାଡୁ ଜିଲ୍ଲାରେ ରେଣ୍ଟାପଲ୍ଲା ଗାଁରେ ଜଣେ ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଯାଉଥିଲେ। ଏହି କାର୍ଯ୍ୟକର୍ତ୍ତା ଗତ ବର୍ଷ ପୁଲିସ୍ ପ୍ରତାଡ଼ନାର ଶିକାର ହୋଇ ଆତ୍ମହତ୍ୟା କରିଥିଲେ। ଜଗନ ତାଙ୍କ ସମର୍ଥନରେ ରୋଡ ଶୋ'ର ଆୟୋଜନ କରିଥିଲେ। ସିଙ୍ଗିଆ ଜଗନଙ୍କ ଗାଡି ଉପରେ ଫୁଲ ପକାଇଥିବା ବେଳେ ତଳେ ପଡ଼ିଯାଇଥିଲେ ଓ ଗାଡି ତାଙ୍କ ଉପରେ ଚଢ଼ିଯାଇଥିଲା। ଜଗନଙ୍କୁ ମାତ୍ର ୩ଟି ଗାଡ଼ି ନେବାର ଅନୁମତି ଦିଆଯାଇଥିଲା। କିନ୍ତୁ ତାଙ୍କ ରୋଡ ଶୋରେ ୩୦ଟି ଗାଡ଼ି ସାମିଲ ଥିଲା। ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ପରେ ଜଗନଙ୍କ ବରୋଧରେ ମାମଲା ରୁଜୁ କରାଯାଇଛି ବୋଲି ସତୀଶ କହିଛନ୍ତି।

# କନିଷ୍କ ବିସ୍ଫୋରଣକୁ ପୂରିଲା ୪୦ ବର୍ଷ



**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଆଜିକୁ ଠିକ୍ ୪୦ ବର୍ଷ ତଳେ ଏୟାର ଇଣ୍ଡିଆର 'କନିଷ୍କ' ବିମାନ ଖାଲିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇଥିଲା। ୨୩ ଜୁନ୍ ୧୯୮୫ରେ ବିମାନ ମଣ୍ଟ୍ରିଲରୁ ଲଣ୍ଡନ ଯାଉଥିବା ବେଳେ ବିସ୍ଫୋରଣର ଶିକାର ହୋଇଥିଲା। ଏଥିରେ ସମସ୍ତ ୩୨୯ ଯାତ୍ରୀ ଓ ବିମାନ କର୍ମଚାରୀ ପ୍ରାଣ ହରାଇଥିଲେ। ଏହାଥିଲା ବିମାନ ଚଳାଚଳ ଇତିହାସରେ ସବୁଠାରୁ ଭୟଙ୍କର ଆତଙ୍କବାଦୀ ଆକ୍ରମଣ। ଏୟାର ଇଣ୍ଡିଆର ଏହି ବୋଇଂ ବିମାନ-୭୮୭ ୩୧ ହଜାର ଫୁଟ ଉପରେ ଉଡୁଥିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ ପରେ ଆଟଲାଣ୍ଟିକ ମହାସାଗରରେ ଖସିପଡ଼ିଥିଲା। ଏହି ଆତଙ୍କବାଦୀ ଆକ୍ରମଣ ଘଟଣା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା।

ଏୟାର ଇଣ୍ଡିଆର କନଷ୍କ ବିମାନ-୧୮୨ କାନାଡ଼ାରୁ ମଣ୍ଟ୍ରିଲରୁ ଲଣ୍ଡନ ଓ ଦିଲ୍ଲୀ ଦେଇ ମୁମ୍ବାଇ ଆସିବାର ଥିଲା। ବିମାନଟି ମଣ୍ଟ୍ରିଲରୁ ଉଡ଼ାଣ କରି ଲଣ୍ଡନ ଅଭିମୁଖେ ଯାଉଥିବା ବେଳେ ଆୟର୍ଲାଣ୍ଡ ଉପକୂଳ ଠାରୁ ୨୦୦ କିଲୋମିଟର ଦୂରରେ ଆତଙ୍କବାଦୀଙ୍କ ବିସ୍ଫୋରଣର ଶିକାର ହୋଇଥିଲା। ବିମାନରେ ୨୬୮ ଜଣ କାନାଡାର ନାଗରିକ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଭାରତୀୟ ବଂଶୋଦ୍ଭବ। ଏହାବାଦ୍ ବ୍ରିଟେନର ୨୭ ଏବଂ ଭାରତର ୨୨ ଜଣ ନାଗରିକ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ ମଣ୍ଟ୍ରିଲ ଛାଡ଼ିବା ପରେ ସକାଳ ୭ଟାରେ ପାଇଲଟ୍ ନରେନ୍ଦ୍ର ସିଂହ ହଂସ ଆୟର୍ଲାଣ୍ଡ ବାୟୁସୀମାରେ ପ୍ରବେଶ କରିବାକୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଲଣ୍ଡନ ଆଉ ୪୫ ମିନିଟ ବାକିଥିଲା। ସେତେବେଳେ ବିମାନ ଆଟଲାଣ୍ଟିକ ମହାସାଗର ଉପରେ ୩୧ ହଜାର ଫୁଟ ଉଚ୍ଚରେ ଉଡୁଥିଲା। ଏହି ସମୟରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ବିମାନ ଖଣ୍ଡ ଖଣ୍ଡ ହୋଇ ମହାସାଗରରେ ଖସିପଡ଼ିଥିଲା। ୧୪୧ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବିମାନର ଧ୍ୱଂସାବଶେଷ ସମୁଦ୍ର ୬,୭୦୦ ଫୁଟ୍ ତଳକୁ ଖସିଥିଲା। ମୃତକଙ୍କ ମଧ୍ୟରେ ନବଜାତ ଶିଶୁ ମଧ୍ୟ ରହିଥିଲେ। ୧୯୭ ମୃତଦେହ ଗଭୀର ସମୁଦ୍ରରେ ହଜିଯାଇଥିଲା। ଖାଲିସ୍ତାନୀ ଆତଙ୍କବାଦୀ ଏୟାର ଇଣ୍ଡିଆର ଦୁଇଟି ବିମାନରେ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ। ସେମାନେ ବିମାନର ସୁଟକେସରେ ବିସ୍ଫୋରକ ଖଞ୍ଜିଥିଲେ। ଜାପାନର ନାରିଟିଆ ବିମାନବନ୍ଦରରେ ଗୋଟିଏ ବିମାନରୁ ଏୟାର ଇଣ୍ଡିଆ ବିମାନକୁ ସୁଟକେସ ନିଆଯାଉଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ଦୁଇ ଜଣ ଶ୍ରମିକ ପ୍ରାଣ ହରାଇଥିଲେ। ଏହାର ଠିକ ଏକ ଘଣ୍ଟା ପରେ କନିଷ୍କରେ ବିସ୍ଫୋରଣ ହୋଇଥିଲା। ଏହି ଆତଙ୍କବାଦୀ ଆକ୍ରମଣର ୧୫ ବର୍ଷ ପରେ ମକଦ୍ଦମା ଆରମ୍ଭ ହୋଇଥିଲା। ତେବେ ଜଣେ ମାତ୍ର ଆତଙ୍କବାଦୀଙ୍କୁ ୧୫ ବର୍ଷର ଜେଲଦଣ୍ଡ ମିଳିଥିବା ବେଳେ ଅନ୍ୟ ଦୁଇ ଜଣ ଦୋଷମୁକ୍ତ ହୋଇଥିଲେ। ଅପରେସନ ବ୍ଲୁଷ୍ଟାର'ର ପ୍ରତିଶୋଧ ନେବାଲାଗି କାନାଡାରେ ଥିବା ଚରମପନ୍ଥୀ ସଂଗଠନ ବାବର ଖାଲସା ଏହି ବିସ୍ଫୋରଣ କରାଇଥିଲା

ଆଜି ୪୦ ବର୍ଷ ପୂର୍ତ୍ତି ଅବସରେ ଭାରତ ସମେତ କାନାଡା ଏବଂ ଆୟର୍ଲାଣ୍ଡ ପକ୍ଷରୁ ମିଳିତ ଭାବେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଦିଲ୍ଲୀରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କାନାଡ଼ା ଏବଂ ଆୟର୍ଲାଣ୍ଡର କୂଟନୀତିଜ୍ଞ ଏବଂ ଭାରତୀୟ ବୈଦେଶିକ ବିଭାଗର ଅନେକ ଅଧିକାରୀ ଉପସ୍ଥିତ ଥିଲେ।

- **ବିମାନ ଇତିହାସରେ ସବଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ**
- **୩୨୯ ଜଣ ଯାତ୍ରୀ, କର୍ମଚାରୀ ପ୍ରାଣ ହରାଇଥିଲେ**

## ବିଜେପି ବିଧାୟକଙ୍କୁ ବସିବାକୁ ନ ଦେବାରୁ ବ୍ୟକ୍ତିଙ୍କୁ ମାଡ଼

### ବନ୍ଦେ ଭାରତ ଟ୍ରେନ୍‌ରେ ଅଘଟଣ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ବନ୍ଦେ ଭାରତ ଟ୍ରେନ୍‌ରେ ଆଉ ଏକ ଘଟଣା ସମ୍ନାକୁ ଆସିଛି। ଦିଲ୍ଲୀ- ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ବିଜେପିର ଜଣେ ବିଧାୟକଙ୍କୁ ସିଟ୍‌ରେ ବସିବାକୁ ନ ଦେବା ଫଳରେ ଜଣେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ମାଡ଼ ମରାଯାଇଛି। ଗୁରୁବାର ଏହି ଘଟଣା ଘଟିଥିଲା। ଉତ୍ତରପ୍ରଦେଶ ଝାନ୍‌ସିର ବିଜେପି ବିଧାୟକ ରାଜୀବ ସିଂ ପତ୍ନୀ ଓ ପୁଅ ସହ ନିଜ ନିର୍ବାଚନ ମଣ୍ଡଳୀ ଝାନସୀକୁ ଯାତ୍ରା କରୁଥିଲେ। ରାଜୀବଙ୍କୁ ଡବାରେ ପଛରେ ସିଟ୍ ମିଳିଥିବା ବେଳେ ତାଙ୍କ ପରବାର ସଦସ୍ୟଙ୍କୁ ଆଗରେ ସିଟ୍ ମିଳିଥିଲା। କିନ୍ତୁ ପତ୍ନୀ ଓ ପୁଅ ପାଖ ସିଟ୍‌ରେ ବସିଥିବା ବ୍ୟକ୍ତି ରାଜୀବଙ୍କ ସହ ସିଟ୍ ଅଦଳ ବଦଳ କରିବାକୁ ରାଜି ହୋଇ ନଥିଲେ। ଏଥିରେ ରାଜୀବଙ୍କ କେତେକ ସମର୍ଥକ ଉତ୍‌କ୍ଷିପ୍ତ ହୋଇ ବ୍ୟକ୍ତିଜଣଙ୍କୁ ମାଡ଼ ମାରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାଖାପାଖି ୧୨ ଜଣ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିଟ୍‌ରେ ବସିଥିବା ବେଳେ ମୁଥ ମାରିଥିଲେ। ଏପରି ବ୍ୟକ୍ତିଙ୍କୁ ସେମାନେ ଚପଲ୍‌ରେ ମଧ୍ୟ ବାଡେଇଥିଲେ ଓ ତାଙ୍କ ନାକରୁ ରକ୍ତ ବାହରିଥିବାର ଦେଖାଯାଇଥିଲା। ସିସିଟିଭି ଫୁଟେଜ ଆଧାର କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ରେଲବାଇ ପୁଲିସ (ଜିଆରପି) ତରଫରୁ କୁହାଯାଇଛି।

## ସିରିଆର ଚର୍ଚ୍ଚରେ ଆତ୍ମଘାତୀ ବିସ୍ଫୋରଣ; ୨୨ ମୃତ

ଦାମାସକସ୍, ୨୩।୬(ଏଜେନ୍ସି): ସିରିଆ ରାଜଧାନୀ ଦାମାସକସ୍‌ରେ ଏକ ଚର୍ଚ୍ଚରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ରବିବାର ରାତି ହୋଇଥିବା ଏହି ଘଟଣାରେ ଅତିକମ୍‌ରେ ୨୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୬୩ ଜଣ ଆହତ ହୋଇଛନ୍ତି। ଗ୍ରୀକ ଆର୍ଥୋଡକ୍ସ ସେଣ୍ଟ ଏଲିଆସ ଚର୍ଚ୍ଚରେ ପ୍ରାର୍ଥନା ଅବସରରେ ଲୋକ ଯୋଗ ଦେବା ପରେ ଏହି ଘଟଣା ଘଟିଥିଲା। ଆଇଏସ୍‌ଆଇଏସ୍‌ର ଜଣେ ଆତଙ୍କବାଦୀ ଚର୍ଚ୍ଚରେ ଧସେଇ ପସିବା ପରେ ପ୍ରଥମେ ଫାୟାରିଂ କରିଥିଲେ ଓ ପରେ ବୋମା ଫୁଟାଇ ନିଜକୁ ଉଡାଇ ଦେଇଥିଲେ। ଏହି ଆକ୍ରମଣ ଭାରତୀୟ ସମୟ ଅନୁସାରେ ରାତିରେ ହୋଇଥିଲା। ଏହି ଆତଙ୍କବାଦୀ ସହ ଜଣେ ବନ୍ଧୁକଧାରୀ ମଧ୍ୟ ଥିଲା। ସେ ମଧ୍ୟ ଲୋକ ଉପରେ ଗୁଳି ବର୍ଷା କରିଥିଲା। କିନ୍ତୁ ବିସ୍ଫୋରଣ ଘଟାଇ ନଥିଲା। ସେତେବେଳେ ଚର୍ଚ୍ଚରେ ପାଖାପାଖି ୧୫୦ରୁ ୩୫୦ ଲୋକ ଥିଲେ। ସୁରକ୍ଷାକର୍ମୀ ଯାଞ୍ଚ ପ୍ରକ୍ରିୟାର ଆରମ୍ଭ କରିଥିବା ବେଳେ ଚର୍ଚ୍ଚକୁ ଘେରାଉ କରାଯାଇଛି। ଏହି ଆତଙ୍କବାଦୀ ଆକ୍ରମଣକୁ ସିରିଆ ସରକାର ନନ୍ଦା କରିଛନ୍ତି।



# ପହଲଗାମ୍ ଆତଙ୍କୀକୁ ଚିହ୍ନିଲେ ଗିରଫ ଅଭିଯୁକ୍ତ

ଶ୍ରୀନଗର, ୨୩।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ୩ ଜଣ ଆତଙ୍କୀଙ୍କ ମଧ୍ୟରୁ ଜଣକର ପରିଚୟ ମିଳିଛି। ରବିବାର ନ୍ୟାସନାଲ ଇନଭେଷ୍ଟିଗେଟିଂ ଏଜେନ୍ସି (ଏନ୍ଆଇଏ) ଦ୍ୱାର ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ଏହି ଆତଙ୍କବାଦୀମାନଙ୍କ ମଧ୍ୟରୁ ଜଣକୁ ଚିହ୍ନି ପାରିଛନ୍ତି ଓ ଏହାର ନାମ ସୁଲେମାନ ଶାହା ବୋଲି କହିଛନ୍ତି। ତେବେ ବାକି ଦୁଇଜଣ ଆତଙ୍କବାଦୀଙ୍କ ପରିଚୟ ମଳିପାରି ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପରେ କେତେକ ଆତଙ୍କବାଦୀଙ୍କ ଚିତ୍ର ସାମ୍ନାକୁ ଆସିଥିଲା। ଏମାନେ ହେଲେ ହାସିମ ମୁଶା, ତହ୍ଲା ଭାଇ ଓ ଜୁନେଦ। ସୁଲେମାନ ଏହି ଆତଙ୍କବାଦୀ ନେଟୱର୍କର ଅଂଶବବିଶେଷ ବୋଲି କୁହାଯାଇଛି। ଅବଶ୍ୟ ଜୁନେଦ୍ ଗତବର୍ଷ ଏନକାଉଣ୍ଟରେ ମୃତ୍ୟୁବରଣ କରିଥିଲା। ଜୁନେଦର ମୋବାଇଲ ଫୋନ୍‌ରେ ବାକି ୩ ଆତଙ୍କୀଙ୍କ ଫଟୋ ମିଳିଥିଲା। ଏଥିରେ ସୁଲେମାନ ଶାହାର ଫଟୋ ମଧ୍ୟ ଥିଲା। ସୁଲେମାନଙ୍କୁ କେତେକ ପୀଡିତ ପରିବାର ଲୋକ ଚିହ୍ନିବାରେ ସଫଳ ହୋଇଛନ୍ତି। ରବିବାର ପହଲଗାମ ଆତଙ୍କବାଦୀ ଆକ୍ରମଣକାରୀଙ୍କୁ ଶରଣ ଦେଇଥିବା ଦୁଇଜଣ ବ୍ୟକ୍ତିଙ୍କୁ ଏନ୍ଆଇଏ ଗିରଫ୍ କରିଥିଲା। ଏହି ଦୁଇଜଣ ହେଲେ ପରଭେଜ ଅହମ୍ମଦ ଜୋଠାର ଓ ବସିର ଅହମ୍ମଦ ଜୋଠାର।

## ଜ୍ୟୋତିଙ୍କ ହାଜତ ଆଉ ୧୪ ଦିନ ବଢ଼ିଲା

ହିସାର, ୨୩।୬(ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟକରୁଥିବା ଅଭିଯୋଗରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାହ୍ଲୋତ୍ରାଙ୍କ ବିଚାର ବିଭାଗୀୟ ହାଜତକୁ ଆହୁରି ୧୪ ଦିନ ବୃଦ୍ଧି କରାଯାଇଛି। ସୋମବାର ହିସାର କୋର୍ଟରେ ଭିଡିଓ କନଫୋରେନ୍ସି ଜରିଆରେ ହୋଇଥିବା ଶୁଣାଣିରେ ଜ୍ୟୋତିଙ୍କୁ ହାଜର କରାଯାଇଥିଲା।



ଜ୍ୟୋତିଙ୍କ ଜାମିନ ଆବେଦନକୁ ତଳ କୋର୍ଟ ପ୍ରତ୍ୟାଖାନ କରିଥିଲେ। ପାକିସ୍ତାନ ଏଜେଣ୍ଟଙ୍କ ସମ୍ପର୍କରେ ଆସି ଜ୍ୟୋତି ସମ୍ବେଦନଶୀଳ ସୂଚନା ପାକିସ୍ତାନକୁ ଦେଉଥିବାର ଅଭିଯୋଗ ହୋଇଥିଲା। ଏବେ ସେ ସେସନ କୋର୍ଟରେ ଜାମିନ ଆବେଦନ କରିବେ ଓ ଏ ନେଇ ଆଇନଗତ ବିକଳ୍ପ ଉପରେ ବିଚାର ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୭ରେ ହେବ। ଉଲ୍ଲେଖଥାଉ କି, ମେ ୧୬ରେ ଜ୍ୟୋତିଙ୍କୁ ତାଙ୍କ ଘରେ ପୁଲିସ୍ ଗିରଫ କରିଥିଲା। ଗିରଫ ହେବା ପରେ ତାଙ୍କ ୯ ଦିନ ପୁଲିସ ରିମାଣ୍ଡରେ ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଜୁନ୍ ୨୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ କୋର୍ଟ ପଠାଇଥିଲେ। ଏହା ପୂର୍ବରୁ କରିବେ ବୋଲି ଜ୍ୟୋତିଙ୍କ ଓକିଲ କୁମାର ମୁକେଶ କହିଛନ୍ତି। ଜ୍ୟୋତିଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗ ମିଛ ବୋଲି ସେ କହିଛନ୍ତି। ୟୁଟ୍ୟୁବ୍‌ରେ ଜ୍ୟୋତିଙ୍କ ୩.୭୭ ଲକ୍ଷ ଫଲୋଅର ଥିଲେ। କିନ୍ତୁ ସେ ଗିରଫ୍ ହେବାର ଅର୍ଥାତ ୧୮ ତାରିଖରେ ତାଙ୍କ ଫଲୋଅର ସଂଖ୍ୟାରେ ୪ ହଜାର ବୃଦ୍ଧି ହୋଇଥିଲା।

## ଇସ୍ରାଏଲ-ଇରାନ ଯୁଦ୍ଧ ରୋକିବାକୁ ପ୍ରଧାନମନ୍ତ୍ରୀ ପ୍ରୟାସ କରନ୍ତୁ: ଖଡ଼୍‌ଗେ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡ଼ଗେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି। ଆମ ପ୍ରଧାନମନ୍ତ୍ରୀ ନିଜକୁ ବିଶ୍ୱଗୁରୁ ବୋଲି ପରିଚୟ ଦେଉଥିବା ବେଳେ ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି। ଏହି ଯୁଦ୍ଧକୁ ରୋକିବାକୁ ଆମ ଦେଶ ତଥା ପ୍ରଧାନମନ୍ତ୍ରୀ ପ୍ରୟାସ କରିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଆପଣ



ବିଶ୍ୱ ଗୁରୁ ହୁଅନ୍ତୁ କି ଘରର ଗୁରୁ ହୁଅନ୍ତୁ। ସେଥିରେ କିଛି ଯାଏ ଆସେ ନାହିଁ। ଲୋକଙ୍କୁ ପେଟ୍ରୋଲ, ଡିଜେଲ, ଖାଦ୍ୟ, ପୋଷାକ ଓ ମୁଣ୍ଡ ଉପରେ ଛାତ ଆବଶ୍ୟକ। ପ୍ରଧାନମନ୍ତ୍ରୀ ଏହି ସବୁ ମୌଳିକ ଆବଶ୍ୟକତା ପୂରଣ କରିବାରର ଦରକାର ରହିଛି ବୋଲି ସେ କହିଛନ୍ତି। ଇରାନ ସବୁବେଳେ ଭାରତକୁ ବିଭିନ୍ନ ମାମଲାରେ ସମର୍ଥନ ଦେଇଆସିଛି। ପୁଣି ଇରାନ ମଧ୍ୟ ଭାରତ ଏକ ପୁରୁଣା ବନ୍ଧୁ ରାଷ୍ଟ୍ର ରୂପେ ବେଶ୍ ଜଣାଶୁଣା। ଭାରତ ୫୦ ପ୍ରତିଶତ ଇନ୍ଧନ ଇରାନଠାରୁ ପାଇଥାଏ। ତେଣୁ ଭାରତ ଏହି ଯୁଦ୍ଧରେ ଇରାନକୁ ଖୋଲାଖୋଲି ଭାବେ ସମର୍ଥନ ଦେବା ଉଚିତ ବୋଲି କର୍ଣ୍ଣାଟକ ରାୟଚୁରରେ ଏକ ଜନସଭାରେ ଭାଷଣ ଦେବା ଅବସରରେ ଖଡଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ସବୁବେଳେ ବିପକ୍ଷକୁ ଅପମାନିତ କରିବାକୁ ପ୍ରୟାସ କରିଆସିଛନ୍ତି ଓ ବିପକ୍ଷ ପ୍ରତି ତାଙ୍କର ଆଦୌ ସମ୍ମାନ ନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଭାରତୀୟ ସେନାବାହିନୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ପାକିସ୍ତାନକୁ କଡ଼ା ଜବାବ ଦେଇଛି। ତେବେ ମୋଦୀ ବ୍ୟକ୍ତିଗତ ଭାବେ ଏହାର ଶ୍ରେୟ ନେବାକୁ ଚେଷ୍ଟିତ ଥିଲେ ବୋଲି ଖଡଗେ କହିଛନ୍ତି।



## ଯାନ୍ତ୍ରିକ ତ୍ରୁଟି କାରଣରୁ ତିନି ବିମାନର ଉଡ଼ାଣ ବାତିଲ୍

### ଇନ୍ଦୋରରେ ଅଟକିଲା ଭୁବନେଶ୍ୱର ବିମାନ

ଇନ୍ଦୋର, ୨୩।୬(ଏଜେନ୍ସି): ଯାନ୍ତ୍ରିକ ତ୍ରୁଟି କାରଣରୁ ଏୟାରଲାଇନ୍ସର ବିମାନଗୁଡିକର ଉଡାଣ ବାତିଲ ହେବା ପ୍ରକ୍ରିୟା ଜାରି ରହିଛି। ସୋମବାର ଏୟାର ଇଣ୍ଡିଆ ବିମାନ ଓ ଇଣ୍ଡିଗୋ ବିମାନରେ ସମସ୍ୟା ଦେଖାଦେଇଥିଲା। ସେହିପରି ରବିବାର ପକ୍ଷୀ ମାଡ ହେବା କାରଣରୁ ଏୟାର ଇଣ୍ଡିଆ ଏକ ବିମାନ ଉଡାଣ ବାତିଲ ହୋଇଥିଲା। ଜୟପୁର ବିମାନ ବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବମାନ ଜୟପୁରରୁ ଦୁବାଇ ଯିବାର ଥିଲା। ତେବେ ଟେକ୍‌ଅଫ୍ କରିବାର ଠିକ୍ ପୂର୍ବରୁ କକ୍‌ପିଟ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ରନୱେରୁ ବିମାନକୁ ପାଇଲଟ ଫେରାଇ ଆଣିଥିଲେ। ଏଥିରେ ୧୩୦ ଯାତ୍ରୀ ଥିଲେ। ୫ ଘଣ୍ଟା ପରେ ମଧ୍ୟ ବିମାନ ଠିକ୍ ହୋଇ ନଥିଲା। ଫଳରେ ବିମାନର ଉଡାଣକୁ ରଦ୍ଦ କରିବାକୁ ପଡ଼ିଥିଲା।

ସେହିପରି ଇନ୍ଦୋରରୁ ଭୁବନେଶ୍ୱର ଆସୁଥିବା ଇଣ୍ଡିଗୋ ବିମାନ ୬ଇ ୬୩୩୨ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ରନୱେରୁ ପଛକୁ ଫେରିଥିଲା। ଏହି ବିମାନରେ ୮୦ ଜଣ ଯାତ୍ରୀ ଥିଲେ। ବିମାନରେ ସାମାନ୍ୟ ଯାନ୍ତ୍ରିକ ତ୍ରୁଟି ଥିଲା ବୋଲି ଏୟାରପୋର୍ଟ ଟର୍ମିନାଲ ମ୍ୟାନେଜର ସୂଚନା ଦେଇଛନ୍ତି। ଏହାକୁ ଠିକ୍ କରାଯିବା ପରେ ବିମାନ ଭୁବନେଶ୍ୱର ଯାତ୍ରା କରିଥିଲା। ବିମାନ ପାଖାପାଖି ଅଢେଇ ଘଣ୍ଟା ରନୱେ ଉପରେ ଛିଡ଼ା ହୋଇଥିଲା।

ସେହିପରି ଥିରୁବନନ୍ତପୁରମରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନର ଉଡାଣକୁ ବାତିଲ କରାଯାଇଛି। ଏହି ବିମାନ ଲ୍ୟାଣ୍ଡିଂ କରିବା ପରେ ସେଥିରେ ପକ୍ଷୀ ମାଡ ହୋଇଥିବାର ଆଶଙ୍କା କରାଯାଉଥିଲା। ବିମାନର ଯାଞ୍ଚ୍ କରାଯାଇଥିଲା। ଏହାପରେ ବିମାନର ଉଡାଣକୁ ରଦ୍ଦ କରାଯାଇଥିଲା। ଯାତ୍ରୀମାନଙ୍କୁ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କୁ ପଇସା ରିଫଣ୍ଡ କିମ୍ବା ନୂଆ ବୁକିଂ ଦିଆଯାଉଛି। ରବିବାର ରାତିରେ ଇନ୍ଦୋରୁ ଦିଲ୍ଲୀ ଯିବାକୁ ଥିବା ବିମାନର ଉଡାଣକୁ ମଧ୍ୟ ବାତିଲ କରାଯାଇଥିଲା।

# ମରିଗଲା ମାନବିକତା

### କର୍କଟ ପୀଡ଼ିତାଙ୍କୁ ଅଳିଆଗଦାରେ ଫୋପାଡ଼ିଦେଲା ନାତି

ମୁମ୍ବାଇ, ୨୩।୬(ଏଜେନ୍ସି): ମୁମ୍ବାଇରେ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। କର୍କଟ ରୋଗରେ ପୀଡିତା ଜଣେ ୬୦ ବର୍ଷୀୟା ମହିଳାଙ୍କୁ ତାଙ୍କ ନାତି ଡଷ୍ଟବିନ୍‌ରେ ଫୋପାଡି ଚାଲିଯାଇଛନ୍ତି। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ମହିଳାଙ୍କ ନାମ ଯଶୋଧା ଗାଏକ୍ୱାଡ। ଶନିବାର ସିଟି ଆରେ କଲୋନୀରେ ପୁଲିସ ଯଶୋଦାଙ୍କୁ ଅଳିଆ ଗଦାରେ ପାଇବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ନାତି ତାଙ୍କୁ ଅଳିଆ ଗଦାରେ ଛାଡି ଚାଲିଯାଇଛି ବୋଲି ଯଶୋଦା କହିଛନ୍ତି। ସକାଳେ ମହିଳାଙ୍କୁ ଠାବ କରାଯାଇଥିଲେ ମଧ୍ୟ ସନ୍ଧ୍ୟା ୫.୩୦ରେ ପୁଲିସ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। କେତୋଟି ହସ୍ପିଟାଲ ତାଙ୍କୁ ଭର୍ତ୍ତି କରିବାକୁ ମନା କରିବା ପରେ ପୁଲିସ ତାଙ୍କୁ କୁପେର ହସ୍ପିଟାଲରେ ଭର୍ତ୍ତି କରିଥିଲା। ମହିଳା ଜଣା ଚର୍ମ କର୍କଟ ରୋଗରେ ପୀଡିତ ବୋଲି ଜଣାଯାଇଛି। ମହିଳା ଜଣକ ତାଙ୍କୁ ଦୁଇଟି ଠିକଣା ପୁଲିସକୁ ଦେଇଛନ୍ତି। ଗୋଟିଏ ମାଲଦାର ହୋଇଥିବା ବେଳେ ଅନ୍ୟଟି କାଣ୍ଡିଭାଲି ବୋଲି ଜଣାଯାଇଛି। ପୁଲିସ ତଦନ୍ତ କରୁଥିବା ବେଳେ ମହିଳାଙ୍କ ପରିବାର ଲୋକଙ୍କ ଆସିବାକୁ ପୁଲିସ ଅପେକ୍ଷା କରିଛି। ଅଳିଆ ଗଦାରେ ପଡିଥିବା ବେଳେ ମହିଳା ଜଣକ ହଲିଚଲି ପାରୁ ନଥିଲେ। ଜଣେ ମହିଳା ଅତ୍ୟନ୍ତ ଅସୁସ୍ଥ ଥିବା ବେଳେ ତାଙ୍କୁ କିପରି ଏହି ଅସ୍ୱାସ୍ଥ୍ୟକର ପରିବେଶରେ ଛାଡି ଦିଆଗଲା ବୋଲି ଆରେ ଥାନା ପୁଲିସ ଅଧିକାରୀ କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଓ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଛି। ଏବେ କୁପର ହସ୍ପିଟାଲ୍‌ରେ ତାଙ୍କର ଚିକିତ୍ସା କରାଯାଉଛି। ଏ ଘଟଣାର ତଦନ୍ତ ଚାଲୁ ରହିବ ବୋଲି ପୁଲିସ କହିଛନ୍ତି।



## ଏସ୍‌ସି/ଏସ୍‌ଟି ଆକ୍ଟ କେସ୍‌ରେ ଫସିଲେ ଇଣ୍ଡିଗୋର ୩ ଅଧିକାରୀ

ଗୁରଗାଓଁ, ୨୩।୬(ଏଜେନ୍ସି): ହରିୟାଣା ଗୁରଗାଓଁରେ ଇଣ୍ଡିଗୋ ଏୟାର ଲାଇନ୍ସର ଏକ ଟ୍ରେନି ପାଇଲଟ୍ ବିମାନର ଜଣେ କ୍ୟାପଟେନଙ୍କ ସମେତ ୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଏସ୍/ଏସଟି ଆକ୍ଟ ଅନୁସାରେ ଏଫଆଇଆର ଦାଏର କରାଇଛନ୍ତି। ଏକ ବୈଠକରେ ଜାତିସୂଚକ ଶବ୍ଦ କହିବା ସହ ଅପମାନିତ କରାଯାଇଥିବାର ଅଭିଯୋଗ ଆଣିଛନ୍ତି ଟ୍ରେନି ପାଇଲଟ। ଜାତିଆଣ ଆକ୍ଷେପ କରିବା ସହ ତୁମେ ବିମାନ ଉଡାଇବାକୁ ଯୋଗ୍ୟ ନୁହଁ ଓ ଫେରିଯିବା ସହ ଚପଲ ସିଲାଇ କର ବୋଲି କ୍ୟାପ୍‌ଟେନ କହିଥିବା କଥା ଟ୍ରେନି ପାଇଲଟ ଜଣକ ଅଭିଯୋଗ ଆଣିଛନ୍ତି। ଗୁରଗାଓଁରେ ବୈଠକ ପରେ ଟ୍ରେନି ପାଇଲଟ ଜଣକ ବେଙ୍ଗାଲୁରୁରେ ପୁଲିସ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। ଏହି ମାମଲାରେ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ଅଭିଯୋଗ ମିଛ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। କିନ୍ତୁ ଆଇନଗତ ପ୍ରକ୍ରିୟାରେ ସହଯୋଗ କରିବାକୁ ଏୟାର ଲାଇନ୍ସ ପ୍ରତିଶ୍ରୁତି ଦେଇଛି। ସେପଟେ ଅଭିଯୁକ୍ତଙ୍କୁ ପଚାର ଉଚରା କରିବାକୁ ଆମେ ଡାକିବୁ ବୋଲି ଗୁରଗାଓଁ ପୁଲିସ କହିଛି।

## ଘଣା ଲାଗିହେଲେ ମହାପ୍ରଭୁ

ପୁରୀ,୨୩।୬ (ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କୁ ଖଳିଲାଗି ହୋଇଛି। ରବିବାର ପତିମହାପାତ୍ର ଏବଂ ଦଇତାପତି ସେବାୟତ ମହାପ୍ରଭୁଙ୍କ ସୁସ୍ଥ ହେବାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିବା ସହ ଶୃଙ୍ଖଳିତ ରଥଯାତ୍ରା ନେଇ ଆଲୋଚନା କରିଥିଲେ। ତ୍ରୟୋଦଶୀରେ ଘଣାଲାଗି ଲାଗି କରାଯାଇଛି। ପାଟରା ସେବକଙ୍କଠାରୁ

### ଆଜି ବନକଲାଗି

ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ)ରେ ଲାଗି କରାଯାଇ ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢ଼ିବା ପରେ ଅଣସର ଶୁଦ୍ଧସୁଆରଙ୍କ ଘରୁ ଘଣ୍ଟ, ଛତା, କାହାଳୀ ସହ ଖଳି ହାଣ୍ଡି ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏହାପରେ ଶ୍ରୀମୁଖ ଓଡା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ି ପ୍ରସାଦ ଅଣାଯାଇ ଲାଗି କରାଯାଇଥିଲା। ପତିମହାପାତ୍ର ସଂସ୍କାର କରିବା ପରେ ଦତ୍ତମହାପାତ୍ର ସେବକମାନେ ଖଡ଼ିଲାଗି କରିଥିଲେ। ଏହାପରେ ଅଣସର ଦ୍ୱାର ବନ୍ଦ କରାଯାଇ ଦଶାବତାର ଠାକୁରଙ୍କ ଆଳତି, ଅବକାଶ ଓ ଭୋଗମଣ୍ଡପ ବଢ଼ିଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ମହାପ୍ରଭୁଙ୍କ ବନକଲାଗି କରାଯିବ।

# ବଢୁଛି ଦୁଷ୍କର୍ମ; ଓଡ଼ିଶା ଅସୁରକ୍ଷିତ

## ସରକାର ବେଫିକର; ମନ୍ତ୍ରୀ ବେପରୁଆ

■ ଦେଶର ଦ୍ରୁତ ବିକାଶକୁ ଆମେରିକାର ଭୟ ଥାଇପାରେ: ପ୍ରଭାତୀ
■ ଆମେରିକା ଅସୁରକ୍ଷିତ, ଆମେ ସେଠାକୁ ଯିବୁ ନାହିଁ: କୃଷ୍ଣଚନ୍ଦ୍ର
■ ଉପମୁଖ୍ୟମନ୍ତ୍ରୀଙ୍କ 'ଲଭର୍ସ ପଏଣ୍ଟ' ସଂଜ୍ଞାକୁ ନେଇ ବିରୋଧୀ ଖପ୍ପା

ଭୁବନେଶ୍ୱର,୨୩।୬(ସମିସ): ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ଆସିବା ବେଳେ ସତର୍କତା ଅବଲମ୍ବନ କରିବାକୁ ନିଜ ନାଗରିକଙ୍କୁ ଆମେରିକା ପ୍ରଶାସନର ମାର୍ଗଦର୍ଶିକା ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। ମାତ୍ର ବର୍ଷଟିଏ ମଧ୍ୟରେ ଓଡ଼ିଶାର ଆଇନ ଶୃଙ୍ଖଳା ଏବଂ ମହିଳା ସୁରକ୍ଷା ଏମିତି ଅନିୟନ୍ତ୍ରିତ ହେବା ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି ସ୍ଥିତିରେ ରାଜ୍ୟ ସରକାର ନିଜ ଦାୟିତ୍ୱକୁ ତୁଲାଇବା ଓ ସୁସ୍ଥ ପରିବେଶ ପାଇଁ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ବେପରୁଆ ମନ୍ତବ୍ୟ ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସରକାରଙ୍କ ନିରବତା, ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କିମ୍ଭୁତକିମାକାର ଟିପ୍ପଣୀ ରାଜ୍ୟର ଛବିକୁ ଅଧିକ ମଳିନ କରିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଆମେରିକାର ମାର୍ଗଦର୍ଶିକା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଭାରତବର୍ଷର ଦ୍ରୁତଗତିରେ ହେଉଥିବା ବିକାଶକୁ ଆମେରିକା ହୁଏତ ଭୟ କରୁଛି। ସେଥିପାଇଁ ଆମେରିକା ପକ୍ଷରୁ ଏପରି ମନ୍ତବ୍ୟ ଦିଆଯାଇଛି। ଓଡ଼ିଶାକୁ ଆସୁଥିବା ଆମେରିକୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଅତି ନଗଣ୍ୟ। ଆମ ରାଜ୍ୟରେ ଆମେରିକା ଆଶଙ୍କା କରୁଥିବା ସ୍ଥିତି ନାହିଁ। ତାଙ୍କ ଦେଶକୁ ଚଳାଇବା ପାଇଁ ସେମାନେ ଯାହା କରିବେ, ତାହାକୁ ତାଙ୍କ ଦେଶର ଲୋକେ ମାନିବେ। ଆମ ରାଜ୍ୟ ପାଇଁ ଚିନ୍ତା ମୋହନ ସରକାର କରୁଛନ୍ତି। ସେହିପରି ଦେଶ ନରେନ୍ଦ୍ର ମୋଦୀଙ୍କ ହାତରେ ସୁରକ୍ଷିତ ଅଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହ ଓଡ଼ିଶା ସରକାର ରାଜ୍ୟର 'ଲଭର୍ସ ପଏଣ୍ଟ'ଗୁଡ଼ିକର ସୁରକ୍ଷାକୁ ସରକାର ଧ୍ୟାନ ଦିଆଯାଉଛି। ସେଠାରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇ ପର୍ଯ୍ୟାୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇସାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଦିନକ ତଳେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଆମେରିକାର ମାର୍ଗଦର୍ଶିକାକୁ ନେଇ ବିଚିତ୍ର ଟିପ୍ପଣୀ ଦେଇଛନ୍ତି। ଆମେରିକା ଏବେ ଅସୁରକ୍ଷିତ, ସେମାନେ ଆମ ଦେଶ କଥା କ'ଣ କହୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଶ୍ରୀ ପାତ୍ର ଆମେରିକା ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀ ପାତ୍ର ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ମନ୍ତବ୍ୟକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ନଜରରେ ଲଭର୍ସ ପଏଣ୍ଟର ସଂଜ୍ଞା କଣ, ରାଜ୍ୟରେ କେତୋଟି ଲଭର୍ସ ପଏଣ୍ଟ ଅଛି ସେ ନେଇ ଉପମୁଖ୍ୟମନ୍ତ୍ରୀ ତଥ୍ୟ ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି। ଏମିତି ମନ୍ତବ୍ୟ ଦେଇ ଉପମୁଖ୍ୟମନ୍ତ୍ରୀ କେବଳ ନିଜ ଏବଂ ସରକାରଙ୍କ ଦାୟିତ୍ୱରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ବିରୋଧୀ କହିଛନ୍ତି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ଏବଂ ଦାୟିତ୍ୱ ଅଟେ। ସରକାର ନିଜ ଉତ୍ତରଦାୟିତ୍ୱକୁ ବହନ କରିବାର ଆବଶ୍ୟକତା ରହିଛି ଏବଂ ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାର ଆବଶ୍ୟକତା ରହିଛି। ମାତ୍ର ଏପରି ନକରି ଆମେରିକାକୁ ଦୋଷ ଦେବା କିମ୍ବା ଲଭର୍ସ ପଏଣ୍ଟ ପରି ଶସ୍ତା ମନ୍ତବ୍ୟ ଦେବା ଉପମୁଖ୍ୟମନ୍ତ୍ରୀଙ୍କ ପକ୍ଷେ ଆଦୌ ଗ୍ରହଣୀୟ କିମ୍ବା ସମିଚୀନ ନୁହେଁ ବୋଲି ବିରୋଧୀ କହିଛନ୍ତି।

■ କବିସୂର୍ଯ୍ୟଙ୍କ ମାଟିରେ ମୁଖ୍ୟମନ୍ତ୍ରୀଙ୍କ କାବ୍ୟିକ ସମ୍ବୋଧନ

## ଭାଷଣ ଲେଖକଙ୍କ ଅଜ୍ଞାନତା; ମୁଖ୍ୟମନ୍ତ୍ରୀ ଲଜ୍ଜିତ

ବ୍ରହ୍ମପୁର,୨୩।୬(ସମିସ): ମଙ୍ଗଳବାର ଗଞ୍ଜାମ ଜିଲ୍ଲାରେ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କାବ୍ୟିକ ସମ୍ବୋଧନକୁ ନେଇ ରୋଚକ ଚର୍ଚ୍ଚା ଜୋର୍ ଧରିଛି। 'ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ...' ପଂକ୍ତିକୁ ଗଞ୍ଜାମର ବରପୁତ୍ର କବିସୂର୍ଯ୍ୟ ବଳଦେବ ରଥ ରଚନା କରିଥିବା ନେଇ ନିଜ ବକ୍ତବ୍ୟରେ କହିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରକୃତରେ ଏହି ପଂକ୍ତିଟି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ କାବ୍ୟର। କେବଳ ସେତିକି ନୁହେଁ; ମଞ୍ଚରେ ଥିବା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ସମେତ ଜିଲ୍ଲାର ଦୁଇ ମନ୍ତ୍ରୀ, ଦୁଇ ସାଂସଦ ଓ ଶୀର୍ଷସ୍ଥାନୀୟ ନେତୃତ୍ୱ ଉପସ୍ଥିତ ଥିଲେ ମଧ୍ୟ କେହିହେଲେ ମୁଖ୍ୟମନ୍ତ୍ରୀଙ୍କ ଏହି ତ୍ରୁଟିକୁ ସଂଶୋଧନ କରିବା ପରିବର୍ତ୍ତେ ନିରବ ରହିବାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମମାଟିରେ ତାଙ୍କ ରଚନାକୁ ନେଇ ଭ୍ରମ ସୃଷ୍ଟି କରିବା ଗଞ୍ଜାମ ଜିଲ୍ଲା ପ୍ରତି ଉପହାସ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅତୀତରେ ସତ୍ୟଭାମାପୁରରେ ଭାଷଣ ଦେବାବେଳେ ମଧୁସୂଦନ ଦାସଙ୍କୁ 'ଉତ୍କଳମଣି' ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ବୋଲି କହି ଚର୍ଚ୍ଚାକୁ ଆସିଥିଲେ। ଭାଷଣ ଲେଖୁଥିବା ବ୍ୟକ୍ତିଙ୍କ ଅଜ୍ଞାନତା ଯୋଗୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଲଜ୍ଜିତ ହେଉଥିବା ଦେଖାଯାଉଛି। ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ସଭାସମିତିରେ ବରପୁତ୍ର ଓ ସାହିତ୍ୟିକମାନଙ୍କ ସଂପର୍କରେ ଟିପ୍ପଣୀ ରଖିବାବେଳେ ତରବର ନ ହୋଇ ସଠିକ୍ ତଥ୍ୟ ରଖିବା ଉଚିତ୍ ବୋଲି ମତପ୍ରକାଶ ପାଇଛି।

# ରାଜକନିକାରେ ବେଲଗାମ୍ ଝାଡ଼ାବାନ୍ତି

ରାଜକନିକା, ୨୩।୬(ସମିସ): ଯାହା ଅନୁମାନ କରାଯାଉଥିଲା, ଶେଷରେ ସେୟା ହିଁ ହେଲା। ରାଜକନିକା ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ନା ରହିଲା ଆଗୁଆ ସତର୍କତା, ନା ଆକ୍ରାନ୍ତ ପାଉଛନ୍ତି ସଠିକ୍ ଚିକିତ୍ସା ସେବା। ରାଜ୍ୟରେ ସୃଷ୍ଟି ହୋଇଥିବା ଡାଇରିଆ ମୁକାବିଲା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଚେତାବନୀ ପରେ ବି ରାଜକନିକାରେ ଏହାର କୌଣସି ସତର୍କତାକୁ ଆଦୌ ଗୁରୁତ୍ୱ ଦିଆଯାଉ ନଥିବାରୁ ଆଜି ୨୦ରୁ ଅଧିକ ଆକ୍ରାନ୍ତ ମେଡିକାଲରେ ପହଞ୍ଚିଛନ୍ତି। ଏକାବେଳକେ ଏତେସଂଖ୍ୟକ ରୋଗୀ ଭର୍ତ୍ତି ହେବାରୁ ଶଯ୍ୟା ଅଭାବ ପଡ଼ିଛି। ଫଳରେ ରୋଗୀଙ୍କୁ ତଳେ ଶୁଆଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବରୁ ଗତ ୨୦ ତାରିଖ ଦିନ ଓଳାଭର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ଭାନୁମତୀ ସାହୁଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା କଥାକୁ ସ୍ୱାସ୍ଥ୍ୟ ବିଭାଗ ଶ୍ୱାସଜନିତ ମୃତ୍ୟୁ କହି ଟାଳିଦେବା ପରେ ଆଜି ସ୍ଥିତି ବିଗିଡ଼ିଛି।



ଆଜି ରାଜକନିକା ବ୍ଲକ୍‌ର ବିଭିନ୍ନ ଗାଁରୁ ୨୦ରୁ ଅଧିକ ଝାଡ଼ାବାନ୍ତି ରୋଗୀ ମେଡିକାଲରେ ପହଞ୍ଚିବା ପରେ ବି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘଟଣାକୁ ହାଲୁକା ଭାବେ ନେଇଛି। ଏ ସମ୍ପର୍କରେ ମେଡିକାଲ ଅଫିସରଙ୍କୁ ପଚାରିବାକୁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇନାହିଁ। ତେବେ ରାଜକନିକା ମେଡିକାଲରେ ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯିବା ପରେ ବି ଶଯ୍ୟା ସଂଖ୍ୟା ୧୬ରେ ସୀମିତ ରହିଛି। ୧୬ ଶଯ୍ୟା ବିଶିଷ୍ଟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଟି ଶଯ୍ୟା ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ବଳକା ୯ ଶଯ୍ୟାକୁ ସାଧାରଣ ଶଯ୍ୟା ଭାବେ ବ୍ୟବହାର କରାଯାଉଛି।

ରାଜ୍ୟରେ ବର୍ତ୍ତମାନ ଡାଇରିଆର ପ୍ରାଦୁର୍ଭାବ ବଢ଼ୁଥିବା ବେଳେ ଏହି ପ୍ରତିକୂଳ ପରିସ୍ଥିତିରେ ରାଜକନିକା ବ୍ଲକ୍ ମୁଖ୍ୟାଳୟ ଚିକିତ୍ସା କେନ୍ଦ୍ରରେ ରୋଗୀ ଶଯ୍ୟା ବିନା ତଳେ ପଡ଼ି ରହିବା ଆମ ବିକଶିତ ସ୍ୱାସ୍ଥ୍ୟସେବାକୁ ପ୍ରମାଣ କରୁଛି। ଏଠାରେ ସବୁ ସମୟରେ ଡାକ୍ତର ରହୁ ନଥିବା ବେଳେ କର୍ମଚାରୀଙ୍କ ମଧ୍ୟରେ ରହୁନି ସେବା ମନୋଭାବ। ଏମିତି ସ୍ଥିତିରେ କେବଳ କାଗଜକଲମରେ ଚାଲୁଥିବା ସ୍ୱାସ୍ଥ୍ୟ ସେବାକୁ ତାଚ୍ଛଲ୍ୟ କରିଛନ୍ତି ନୂଆଗାଁ ରୋଗୀଙ୍କ ସମ୍ପର୍କୀୟ ଚମ୍ପା ମଲିକ। ବ୍ଲକ୍ ମୁଖ୍ୟାଳୟର ଏଭଳି ଅବସ୍ଥା ଥିବା ବେଳେ ଗ୍ରାମାଞ୍ଚଳରେ ଥିବା ଓଳାଭର, କଣ୍ଡିଆ, କୋଇଲିପୁର ଓ କାଟଣା ପିଏଚସି କଥା ପଚାରେ କିଏ? ବଦଳିଆ ଡାକ୍ତର ଓ କର୍ମଚାରୀରେ ଦଶନ୍ଧି ଧରି ଚାଲିଆସୁଥିବା ଏଭଳି ସମସ୍ୟାର ସୁଧାର ଆଣି ଡାଇରିଆ ସ୍ଥିତିରେ ଅଧିକ ସମ୍ବେଦନ ହେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସିଡିଏମଓ ଓ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସାଇବର ଅପରାଧ
# ରାଜ୍ୟପାଳଙ୍କ ଉଦ୍‌ବେଗ

ଭୁବନେଶ୍ୱର,୨୩।୬(ସମିସ): ଦିନକୁ ଦିନ ରାଜ୍ୟରେ ସାଇବର ଠକେଇ ମାମଲା ବଢୁଛି । ୨୦୨୪ରେ ସାଇବର ଠକେଇ ପୂର୍ବବର୍ଷ ଅପେକ୍ଷା ୧୪୦ ପ୍ରତିଶତ ବୃଦ୍ଧି ପାଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରଖିଥିବା ତଥ୍ୟ ଅନୁସାରେ ୨୦୨୪ରେ ୪୧୫.୯୦ କୋଟି ଟଙ୍କା ସାଇବର ଅପରାଧୀ ରାଜ୍ୟରୁ ଲୁଟିଛନ୍ତି। ପୂର୍ବବର୍ଷ ଏହି ପରିମାଣ ମାତ୍ର ୭୯.୪୪ କୋଟି ରହିଥିଲା। ୨୦୨୩ ତୁଳନାରେ ୨୦୨୪ରେ ୪୦୦ ପ୍ରତିଶତ ଠକେଇ ବଢିଛି। ୨୦୨୪ରେ ସାଇବର ଠକେଇ ସଂକ୍ରାନ୍ତ ୧ହଜାର ୫୫୩ଟି ମାମଲା ପୁଲିସ ରୁଜୁ କରିଥିବାବେଳେ ୯୧ଜଣଙ୍କୁ ଗିରଫ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସାଇବର ଠକେଇ ମାମଲା ବୃଦ୍ଧିକୁ ନେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଏ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି ।



ରାଜଭବନ ପରିସରରେ ସାଇବର ଠକେଇ ସଂକ୍ରାନ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟପାଳ କହିଛନ୍ତି ଯେ ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ବିକଶିତ ହେବା ଏବଂ ଇଣ୍ଟରନେଟ୍ ଉପରେ ଆମର ନିର୍ଭରଶୀଳତା ବୃଦ୍ଧି ପାଇବା ସହିତ ଭର୍ଚୁଆଲ କ୍ଷେତ୍ରରେ ଥିବା ବିପଦଗୁଡ଼ିକ ମଧ୍ୟ ବୃଦ୍ଧି ପାଉଛି। ବ୍ୟକ୍ତିଗତ ସ୍ମାର୍ଟ ଫୋନ ଏବଂ ବ୍ୟାଙ୍କିଂ ସିଷ୍ଟମରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ନେଟ୍‌ୱାର୍କ ପର୍ଯ୍ୟନ୍ତ ସବୁକିଛିକୁ ଟାର୍ଗେଟ୍ କରି ସାଇବର ଆକ୍ରମଣ ବାରମ୍ବାର ହେଉଛି। ଏହି ଆକ୍ରମଣ ଆର୍ଥିକ କ୍ଷତି, ତଥ୍ୟ ଚୋରି, ସମ୍ମାନ ହାନି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ମଧ୍ୟ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ସୁରକ୍ଷିତ ଅନଲାଇନ୍ ବ୍ୟବହାର ବିଷୟରେ ଶିକ୍ଷା ଏବଂ ସଚେତନତା ଜରୁରୀ ହୋଇପଡିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଆଇଜି ବିନୟତୋଷ ମିଶ୍ର, ସିବି-ସିଆଇଡିର ବରିଷ୍ଠ ଅଧିକାରୀ ରୀତେଶ ମହାପାତ୍ର , ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଏସ୍‌ଟିଏଫ ଡିଆଇଜି ପିନାକ ମିଶ୍ରଙ୍କ ବହୁ ଅଧିକାରୀ ଯୋଗ ଦେଇଥିଲେ ।

## ବଜ୍ରାଘାତରେ ଭାଙ୍ଗିଲା ମହିମାଗାଦି ମୁଖଶାଳା ଦଧିନଉତି

ଯୋରନ୍ଦା,୨୩।୬(ସମିସ): ବଜ୍ରାଘାତରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମା ଗାଦିମନ୍ଦିର ପୂର୍ବ ମୁଖଶାଳାର ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ରବିବାର ରାତି ପ୍ରାୟ ସାଢ଼େ ୧ଟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଗାଦି ମନ୍ଦିର ପୂର୍ବପାର୍ଶ୍ୱ ମୁଖଶାଳା ଦଧିନଉତି ବଜ୍ରପାତରେ ଭାଙ୍ଗିଯାଇଥିବା ସୋମବାର ସକାଳେ ଜଣାପଡ଼ିଥିଲା। ଆର୍ଥି ନ ଥିବାରୁ ବଜ୍ରପାତରେ ବାରମ୍ବାର ମନ୍ଦିର କ୍ଷତିଗ୍ରସ୍ତ ହେଉଛି। ଗତ ୧୫ ବର୍ଷ ମଧ୍ୟରେ ଗାଦି ମନ୍ଦିରରେ ୩ ଥର ବଜ୍ରାଘାତ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଗାଦି ମନ୍ଦିର ୨ୟ ବେଢ଼ା ଚତୁଃପାର୍ଶ୍ୱରେ ୪ଟି ମୁଖଶାଳା ଓ ସୁଉଚ୍ଚ ପଥର ପ୍ରାଚୀର କାର୍ଯ୍ୟ ୧୯୨୨ରୁ ୧୯୨୬ ମସିହା ମଧ୍ୟରେ ଶେଷ ହୋଇଥିଲା। ଦୀର୍ଘ ବର୍ଷ ହେଲା ନିର୍ମାଣ ହୋଇଥିଲେ ମଧ୍ୟ କୌଣସି କ୍ଷତି ହୋଇ ନ ଥିଲା। କିନ୍ତୁ ୨୦୧୫ରେ ବଜ୍ରାଘାତରେ ଗାଦି ମନ୍ଦିର ସପ୍ତଫେଣି କ୍ଷତିଗ୍ରସ୍ତ ହୋଇଥିଲା।



ବଲ୍କଳଧାରୀ ମହିମା ସମାଜ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମୁଖ୍ୟମନ୍ଦିର ଆର୍ଥି କରାଯାଇଥିଲା। ପୁନଶ୍ଚ ୨ବର୍ଷ ପରେ ମନ୍ଦିରର ପଶ୍ଚିମ ମୁଖ୍ୟଦ୍ୱାର ମୁଖଶାଳାର ଦଧିନଉତି ବଜ୍ରପାତରେ ଆଂଶିକ କ୍ଷତି ହୋଇଥିଲା। ରବିବାର ରାତିରେ ପୁଣି ବଜ୍ରପାତ ଘଟି ପୂର୍ବ ମୁଖଶାଳାର ଦଧିନଉତି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବଜ୍ରପାତର ପ୍ରକୋପ ଏତେ ଅଧିକ ଥିଲା ଯେ ଗାଦି ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ରାମ ଦାସଙ୍କ ଗୋଟିଏ

### ୧୫ ବର୍ଷ ମଧ୍ୟରେ ୩ ଥର

କାନକୁ ଠିକ୍‌ରେ ଶୁଭୁନାହିଁ। ମହିମାଗାଦିର ଛୋଟ ଛୋଟ ମନ୍ଦିର ଓ ମୁଖଶାଳାଗୁଡ଼ିକରେ ସରକାରଙ୍କ ପକ୍ଷରୁ ଆର୍ଥି ବ୍ୟବସ୍ଥା କରାଯିବା ପାଇଁ ମହିମା ଧର୍ମଧାମ ବିକାଶ ପରିଷଦ, ମହିମା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ଏ ସମ୍ପର୍କରେ ବଲ୍କଳଧାରୀ ମହିମା ସମାଜ ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ ଓ ବରିଷ୍ଠ ସନ୍ନ୍ୟାସୀ ଦୀନବନ୍ଧୁ ଦାସ କହିଛନ୍ତି ଗାଦି ମନ୍ଦିରରେ ଦୀର୍ଘ ୧୫ ବର୍ଷ ହେଲା ଆର୍ଥି ହୋଇଥିଲା। ଆଜି ଘଟଣା ପରେ ଇଞ୍ଜିନିୟରଙ୍କୁ ଡକାଯାଇ ମରାମତି କରାଯିବ ବୋଲି କହିଛନ୍ତି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଅନୁଗୋଳ, ୨୩।୬ (ସମିସ): ଅନୁଗୋଳ ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ଘଟଣାର ଆଜି ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଆଡହକ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ମାମଲାର ବିଚାର କରି ଦୋଷୀକୁ ୨୦ ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ କିଶୋରନଗର ଥାନା ତୁରୁଡ଼ା ଗ୍ରାମର ପ୍ରଜାରଞ୍ଜନ ରାଉଳ ଓରଫ୍ ରାଜା।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଘରେ ଏକାକୀ ଥିବା ବେଳେ ପ୍ରଜାରଞ୍ଜନ ତାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିଲା। ଯିବାବେଳେ ନାବାଳିକାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା ଏବଂ ଘରେ ଥିବା ୨ଲକ୍ଷ ଟଙ୍କା ନେଇଯାଇଥିଲା। ଏସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

## ୨୫ରେ ଲଘୁଚାପ; ବଢ଼ିବ ବର୍ଷା

ଭୁବନେଶ୍ୱର,୨୩।୬(ସମିସ): ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୌସୁମୀ ଜନିତ ନିମ୍ନ ଚାପରେଖା ଯୋଗୁଁ ଉତ୍ତର ଓଡ଼ିଶାରେ ବର୍ଷା ପାଇଁ ପାଗ ଅନୁକୂଳ କରାଇଛି। ଏଥିପାଇଁ ମଙ୍ଗଳବାର ସୁଦ୍ଧା ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ ଜିଲ୍ଲାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଛି। ଏହାସହିତ ଗଞ୍ଜାମ, ରାୟଗଡ଼ା, ଗଜପତି, ମାଲକାନଗିରି, କୋରାପୁଟର କିଛି ଜାଗାରେ ପ୍ରବଳ ବର୍ଷା ହୋଇପାରେ। ଆଗାମୀ ୩-୪ଦିନ ଓଡ଼ିଶାରେ ବିଭିନ୍ନ ଜିଲ୍ଲା ମାନଙ୍କରେ ବିଭିନ୍ନ ଜିଲ୍ଲାରେ ଭାରି ବର୍ଷା ସମ୍ଭାବନା ଥିବା ବେଳେ ୨୫-୨୬ ବେଳକୁ ଏକ ଲଘୁଚାପ ପ୍ରଭାବରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା ରହିଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୬୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିର ୪୫, କୋରାପୁଟ ୨୩, ଗୋପାଳପୁର ୨୧, ଢେଙ୍କାନାଳ ୧୪ ଓ ନବରଙ୍ଗପୁରରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି।




ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"



√ ଧରମ୍ ସିଂ ଜୀ
ଧରାସ୍ପର୍ଶ: ୨୨.୧୨.୧୯୩୫, ସର୍ଗବାସ: ୧୩.୦୬.୨୦୨୫
ଚରମ୍ପା, ଭଦ୍ରକ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ
ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଆପଣଙ୍କ ସ୍ନେହର :-
ଅଶୋକ କୁମାର, ମଦନ ମୋହନ ଗୁପ୍ତା, ବିଜୟ କୁମାର ଗୁପ୍ତା
ରତନ ଲାଲ ଗୁପ୍ତା, ଗୀତା ଗୁପ୍ତା, ବନ୍ଧୁ ଓ ଗୁପ୍ତା ପରିବାରବର୍ଗ


# ବିଜେପି ଶାସନରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ: ବିଜେଡି

■ ଆମେରିକାର ମାର୍ଗଦର୍ଶିକା ଓଡ଼ିଶାକୁ ବିଶ୍ୱରେ ନିନ୍ଦିତ କରିଛି
■ ବିଜେପି ସରକାର ମୁହଁରେ କାଳି ବୋଲି ଦେଲା ଆମେରିକା

ଭୁବନେଶ୍ୱର,୨୩।୬(ସମିସ): ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ । ଏହି ସମୟରେ ଆମେରିକାର 'ଅସୁରକ୍ଷିତ ଓଡ଼ିଶା' ମାର୍ଗଦର୍ଶିକା ରାଜ୍ୟକୁ ସାରା ବିଶ୍ୱରେ ନିନ୍ଦିତ କରିଛି। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଓ ବର୍ଷ ପୂର୍ତ୍ତିରେ ନିଜ ସଫଳତାର ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାରଙ୍କ ମୁହଁରେ ଏହା କାଳି ବୋଲି ଦେଇଛି । ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି। ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରୁ ବିଜୁ ମହିଳା ଜନତା ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଦଳ ଘୋଷଣା କରିଛି।

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଓବିସି ସେଲ୍‌ର ଆବାହକ ଡ଼ ଅରୁଣ କୁମାର ସାହୁ , ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ ମହିଳା ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଡ଼ ସାହୁ କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ଆଜି ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ । ଆମେରିକାର ପକ୍ଷରୁ ନିକଟରେ ଜାରି କରାଯାଇଥିବା ମାର୍ଗଦର୍ଶିକାରେ ଓଡ଼ିଶାକୁ ଅସୁରକ୍ଷିତ ବୋଲି କୁହାଯାଇଛି। ଏହି ରାଜ୍ୟଗୁଡ଼ିକରେ ଅଧିକ ସଂଖ୍ୟାରେ ମହିଳାମାନେ ଦୁଷ୍କର୍ମର ଶିକାର ହେଉଥିବା



ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଆମ ରାଜ୍ୟ ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ରାଜ୍ୟରେ ଏକ ଦୁର୍ବଳ ସରକାର ଥିବାରୁ ଅପରାଧୀମାନେ ନିର୍ଭୟରେ ଅପରାଧ ଘଟାଉଛନ୍ତି। ଏ ସମ୍ପର୍କରେ ବିଜେଡି ବାରମ୍ବାର ସରକାରଙ୍କୁ ଚେତାଇଛି, ମାତ୍ର ସରକାର କେବଳ ଉତ୍ସବରେ ମାତିଛନ୍ତି। ଓଡ଼ିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଓ ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଦେଶର ପ୍ରଥମ ରାଜ୍ୟ ଭାବେ ସ୍ଥାନ ପାଇବା ଓଡ଼ିଶା ପାଇଁ ଲଜ୍ଜାର ବିଷୟ ବୋଲି ସେ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସା ସାଉଁଟି ଥିବାବେଳେ ଏବେ ବିଜେପି ସରକାର ରାଜ୍ୟ ପାଇଁ ନିନ୍ଦା ଓ ଅପବାଦ ଆଣୁଛନ୍ତି। ବିଧାନସଭାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶ୍ୱେତପତ୍ର ଅନୁଯାୟୀ ୨୦୨୪ରେ ୩୦୫୪ ଦୁଷ୍କର୍ମ ହୋଇଛି; ଯାହା ପୂର୍ବ ବର୍ଷ ତୁଳନାରେ ୮ ପ୍ରତିଶତ ଅଧିକ। ସେହିପରି ଆଜି ନିଜେ ଓଡ଼ିଶାର ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ସାଇବର ଅପରାଧ ବୃଦ୍ଧି ପାଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟର ୯୫ ପ୍ରତିଶତ ଲୋକ ସରକାରୀ ଯୋଜନା ବିଷୟରେ ଅବଗତ ନାହାନ୍ତି ବୋଲି ରାଜ୍ୟପାଳଙ୍କ ମନ୍ତବ୍ୟ ସରକାରଙ୍କ ଅପାରଗପଣିଆକୁ ପଦାରେ ପକାଇଛି। ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ଅନୁରୂପ ଭାବରେ ଟୁକୁନି ସାହୁ କହିଛନ୍ତି ଯେ ନବୀନ ସରକାରଙ୍କ ସମୟରେ ମହିଳା ମାନଙ୍କ ସମ୍ମାନ ବୃଦ୍ଧି ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଏକ୍ସପୋଜର ଭିଜିଟ କାର୍ଯ୍ୟକ୍ରମରେ ବିଦେଶ ଭ୍ରମଣ କାର୍ଯ୍ୟକ୍ରମ କରାଯାଉଥିଲା। କିନ୍ତୁ ବିଜେପି ସରକାର ଆସିବା ପରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବିଜୁ ମହିଳା ଜନତା ଦଳ ପକ୍ଷରୁ ଜୁଲାଇ ମାସ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି ।

ସକାଳ
THE SAKALA



# ୧୫ ଦିନ ହେଲା ପାନୀୟଜଳ ପ୍ରକଳ୍ପ ଅଚଳ; ଜାଣିନାହାନ୍ତି ଅଧିକାରୀ

**କଣାସ,୨୩।୬(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହୁଥିବାବେଳେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡ଼େ। ରୌଦ୍ରତାପ ସମୟରେ ଏହା ଉତ୍କଟ ରୂପ ଧାରଣ କରେ। ପାନୀୟଜଳ ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ଦୟା, ରାଜୁଆ, ମଲାଗୁଣି ନଦୀରେ କେତୋଟି ହାତଗଣତି ପାନୀୟଜଳ ପ୍ରକଳ୍ପ ବସିଛି। ସେଗୁଡ଼ିକ ମଧ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଜଳ ପାଇଁ ଜନସାଧାରଣ ତହଲବିକଳ ହେଉଛନ୍ତି। ରାଜୁଆ ନଦୀର ଗଡ଼ବଡ଼ପୁଟ ନିକଟରେ ନିର୍ମାଣ କରାଯାଇଥିବା ପାନୀୟଜଳ ପ୍ରକଳ୍ପ ଆଜକୁ ୧୫ ଦିନ ହେଲା ଅଚଳ ହୋଇପଡ଼ିଥିବାରୁ ଗଡ଼ବଡ଼ପୁଟ, ବେହେଣ୍ଟା, ବୀରକେଶରପୁର, ବାରଦା ଗ୍ରାମବାସୀମାନେ ୧୫ଦିନ ହେଲା ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ ଏ ସମ୍ପର୍କରେ କିଛି ଜଣାନାହିଁ, ପଚାରି ବୁଝୁଛି।

# ବିଏସ୍ଇ ଉପନିୟନ୍ତ୍ରକଙ୍କୁ ସମ୍ବର୍ଦ୍ଧନା



**କୋଣାର୍କ,୨୩।୬(ସମିସ):** କୋଣାର୍କର ଚନ୍ଦ୍ରଭାଗାସ୍ଥିତ ବାବା ଗ୍ରୀନ୍ ଗାର୍ଡେନ ପରିସରରେ ଗୋପ ବ୍ଲକ୍ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଘ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଉପନିୟନ୍ତ୍ରକ ସୁଶୀଲ କୁମାର ବ୍ରହ୍ମା, ପୁରୀ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭବମ୍ ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋପ ବ୍ଲକ୍ ସାଧନ କେନ୍ଦ୍ର ସଂଯୋଜିକା ପୁଷ୍ପମିତ୍ରା ମିଶ୍ର ଓ ଅବସରପ୍ରାପ୍ତ ସିଆର୍‌ସିସି ଜଗନ୍ନାଥ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋପ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସମେତ ଏବିଇଓ ବିନୋଦିନୀ ମହାପାତ୍ର, ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଚନ୍ଦ୍ରଶେଖର ପାତ୍ର ଓ ଏ.କେ. ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଯୋଗଦେଇଥିଲେ। ଗୋପ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ କର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ତଥା ବିଏସ୍ଇ ଉପନିୟନ୍ତ୍ରକ ସୁଶୀଲ କୁମାର ବ୍ରହ୍ମାଙ୍କ ଆଦର୍ଶ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କୁ ପ୍ରଶଂସା ପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭବମ୍ ପ୍ରଧାନ ଗୋପ ବ୍ଲକ୍‌ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟଧାରାର ପ୍ରଶଂସା କରିବା ସହିତ ପୂର୍ବପରି ଚଳିତ ଶିକ୍ଷା ବର୍ଷରେ ମଧ ଗୋପ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ, ପୁରୀ ଜିଲ୍ଲାରେ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ଆହ୍ୱାନ କରିଥିଲେ। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ, ପ୍ରଶାନ୍ତ ବରାଳ, ଦୀପକ ସେନାପତି, ସ୍ମୃତିରେଖା ବରାଳ, ଦେବାଶିଷ ପ୍ରଧାନ, ପ୍ରଭାକର ମଲ୍ଲିକ, ତ୍ରିଲୋଚନ ବେଜ, କିଶୋର ମାଝୀ, ସନ୍ତୋଷ ପ୍ରଧାନ ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ଗୁଣଗାନ କରିଥିଲେ।

# ବସ୍ ଭଡ଼ା ଛାଡ଼ ଦାବିରେ ବ୍ଲକ୍ ସମ୍ମୁଖରେ ଧାରଣା

**ନିମାପଡ଼ା,୨୩।୬(ସମିସ):** ନିମାପଡ଼ା କଲେଜ ଏଆଇଏସ୍ଏଫ୍ ଛାତ୍ର ସଂସଦ ତରଫରୁ କଲେଜ ଛାତ୍ରଛାତ୍ରୀମାନଙ୍କୁ ଆମ ବସ୍‌ରେ ଭଡ଼ା ଛାଡ଼ ଓ ଘରୋଇ ବସ୍‌ରେ ୫୦ ପ୍ରତିଶତରୁ କମ୍ ଭଡ଼ା ନେବା ଦାବିରେ ସୋମବାର ବ୍ଲକ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଦୋଳବେଦୀ ଛକଠାରେ ଥିବା ମୋହନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରୁ ବହାରି ବଜାର ପରିକ୍ରମା କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ନିମାପଡ଼ା ବ୍ଲକ୍ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭା କରିବା ପରେ ସ୍ଥାନୀୟ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ପପୁ ରାଉତ, ସମ୍ପାଦକ ସାଗର ପ୍ରଧାନ, ସୋନାଲି ପ୍ରଧାନ, ରାଜଲକ୍ଷ୍ମୀ ସ୍ୱାଇଁ, ପ୍ରେମ୍ ରଞ୍ଜନ ସେଠୀ, କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ର ନାଥ ସାହୁ, ପ୍ରଫୁଲ୍ଲ ସାହୁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ଯୁବ ଉଦ୍ୟୋଗୀଙ୍କ ଅକାଳ ବିୟୋଗ



**ଅସ୍ତରଙ୍ଗ,୨୩।୬(ସମିସ):** ଅସ୍ତରଙ୍ଗ ବ୍ଲକ୍ ଅଧୀନସ୍ଥ ଚୁରିଆନା ପଞ୍ଚାୟତ ଅଧୀନସ୍ଥ ଆଇଁଶିନିଆ ଗ୍ରାମର ଯୁବ ଉଦ୍ୟୋଗୀ ତପନ ସ୍ୱାଇଁ(୫୩)ଙ୍କ ଅକାଳ ବିୟୋଗ ଘଟିଛି। ସେ ନିଜ ଘରେ ଖାଇପିଇ ଶୋଇଥିଲେ। ସକାଳୁ ନ ଉଠିବାରୁ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ଶେଷ ଦର୍ଶନ କରିବାକୁ ରାଜନେତା, ହିତାକାଂକ୍ଷୀ, ବନ୍ଧୁବର୍ଗ ଭିଡ଼ ଜମାଇଥିଲେ। ତପନ ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବିଧାୟକ ତୁଷାରକାନ୍ତି ବେହେରା, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଜ୍ୟେଷ୍ଠ ପୁତ୍ର ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ଅଲାରନାଥଙ୍କ ପୀଠ; ବର୍ଷାରେ ଭିଜି ଦର୍ଶନ କଲେ ହଜାର ହଜାର ଭକ୍ତ

# ସରି ସରି ଆସୁଛି ଅନବସର; ବଢ଼ି ବଢ଼ି ଚାଲିଛି ଭକ୍ତଙ୍କ ସଂଖ୍ୟା





**ବ୍ରହ୍ମଗିରି,୨୩।୬(ସମିସ)**

ବ୍ରହ୍ମଗିରି ଅଲାରନାଥଙ୍କ ଅନବସରର ଦ୍ୱାଦଶ ଦିନରେ ପହଞ୍ଚିଛି। ସୋମବାର ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆସି ଅଲାରନାଥଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି। ବ୍ରହ୍ମଗିରି ଅଞ୍ଚଳର ଚାଷୀମାନଙ୍କର ସବୁ ମଣ୍ଡିରେ ଧାନ ପଡ଼ିରହିଛି। ଚାଷୀଙ୍କ ତରଫରୁ ବାରମ୍ବାର ରାଜ୍ୟ ସରକାରଙ୍କୁ ଧାନ ଉଠାଇବା ପାଇଁ ରାସ୍ତା ଅବରୋଧ କରିବା ସହିତ ସରକାରଙ୍କ ଉପରେ ଚାପ ପକାଇଥିଲେ। ସେଥିପାଇଁ ସୋମବାର ଯୋଗାଣ ବିଭାଗ ମନ୍ତ୍ରୀ ଶ୍ରୀ ପାତ୍ର ବ୍ରହ୍ମଗିରି ଗସ୍ତ କରି ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଥିଲେ। ପ୍ରଥମେ ମଣ୍ଡିକୁ ଯାଇ ଚାଷୀଙ୍କୁ ଭେଟି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ କହିଛନ୍ତି ଚାଷୀମାନଙ୍କର ଗୋଟିଏ ବି ଟୋକନ ନଷ୍ଟ ହେବନାହିଁ। ଜିଲ୍ଲା ବାହାରୁ ୧୭ଟି ମିଲରଙ୍କୁ ଡକାଯାଇଛି ଏବଂ ସମସ୍ତ ଧାନ ଉଠିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ଅନବସର ସରି ସରି ଆସୁଥିବାବେଳେ ଅଲାରନାଥ ପୀଠରେ ଦର୍ଶନ ପାଇଁ ଭକ୍ତ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଫଳରେ ଗାଡ଼ି ରଖିବା ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ସକାଳୁ ସକାଳୁ ଆଲାରପୁର ଗ୍ରାମ ଦେଇ ଚନ୍ଦନ ଚକଡ଼ା ପରେ ଧାଡ଼ିରେ ଆସି ଦର୍ଶନ କରୁଛନ୍ତି। ସୋମବାର ଦିନତମାମ ଝିପିଝିପି ବର୍ଷା ହେଉଥିଲେ ମଧ ବର୍ଷାରେ ଭିଜିଭିଜି ହଜାର ହଜାର ସଂଖ୍ୟାରେ ଭକ୍ତ ଅଲାରନାଥଙ୍କ ଦର୍ଶନ କରିଛନ୍ତି। ଏତେ ପରିମାଣର ଭକ୍ତ ସମାବେଶ ହୋଇଥିଲା ଯେ ରାତି ୧୧ଟା ପର୍ଯ୍ୟନ୍ତ ଦର୍ଶନ ଚାଲୁ ରହିଥିଲା।

## ଭଜନ ସମାରୋହ ଉଦ୍‌ଘାଟିତ

ସୋମବାର ସନ୍ଧ୍ୟାରେ ବିଜୁ ଜନତା ଦଳ ତରଫରୁ ଅଲାରନାଥଙ୍କ ପୀଠରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ



ତତ୍ତ୍ୱାବଧାନରେ ଏହି ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ଜଣାଶୁଣା ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି, ସୌରଭ ଭରଦ୍ୱାଜ, ମାନସୀ ପାତ୍ର, ଇପ୍ସିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଭଜନ ସମାରୋହ କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବ୍ଲକ୍‌ସ୍ତରୀୟ ନେତୃବୃନ୍ଦ ଯୋଗଦେବା ସହିତ ଅଲାରନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

**ଚାରିଛକ,୨୩।୬(ସମିସ):** ଚାରିଛକ ନିକଟସ୍ଥ ଜାହାଙ୍ଗିରପୁର ଗ୍ରାମର ସୁଦର୍ଶନ ସାହୁଙ୍କ ଧର୍ମପତ୍ନୀ



ଶାନ୍ତିଲତା ସାହୁ (୭୫)ଙ୍କ ପରଲୋକ ହୋଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ତଥା ଗ୍ରାମରେ ଯେଉଁ ରଥଯାତ୍ରା ହୁଏ ସେ ଗାଁରେ ମାଉସୀ ମା' ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ଅନ୍ତିମ ସଂସ୍କାରରେ ରଥଯାତ୍ରା କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ଯୋଗଦେଇଥିଲେ। ଏକମାତ୍ର ପୁତ୍ର ବିଶ୍ୱନାଥ ମୁଖାଗ୍ନି ଦେଇଥିଲେ।

# ଶିଶୁ ଶ୍ରମିକ ଉଦ୍ଧାର ପାଇଁ ଶ୍ରମ ବିଭାଗର ଚଢ଼ଉ



**ଅସ୍ତରଙ୍ଗ,୨୩।୬(ସମିସ):** ଅସ୍ତରଙ୍ଗ ବଜାରରେ ଅନେକ ବ୍ୟାବସାୟିକ ଅନୁଷ୍ଠାନରେ ଦୀର୍ଘ ବର୍ଷ ହେବ ନାବାଳକ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଛନ୍ତି କିଛି ବ୍ୟବସାୟୀ। ଯାହାକୁ ଦୃଷ୍ଟିରେ ରଖି ଅନେକ ଦିନ ହେବ ଅନେକ ଗଣମାଧ୍ୟମ ସଂସ୍ଥାରେ ଏହି ଖବର ପ୍ରସାରଣ ହୋଇ ଆସୁଥିଲା। ସୋମବାର ହଠାତ୍ ଅସ୍ତରଙ୍ଗ ବଜାରରେ ପୁରୀ ଶ୍ରମ ବିଭାଗର ସ୍ୱତନ୍ତ୍ର ଚାରିଜଣିଆ ଟିମ୍ ଅସ୍ତରଙ୍ଗ ପୁଲିସ ସହାୟତାରେ ବିଭିନ୍ନ ବ୍ୟାବସାୟିକ ଅନୁଷ୍ଠାନ ଯଥା- ଜଳଖିଆ ଦୋକାନ, ଗ୍ୟାରେଜ୍, ତେଜରାତି ଦୋକାନ ପ୍ରଭୃତି ଅନୁଷ୍ଠାନରେ ଚଢ଼ଉ କରିଥିଲେ। ପୁରୀ ଅତିରିକ୍ତ ଶ୍ରମ ଅଧିକାରୀ ଆଶିଷ କୁମାର ମାଝୀ ଓ ଚିନ୍ମୟ ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ଶ୍ରମ ବିଭାଗର କାଉନ୍‌ସିଲର ସୂର୍ଯ୍ୟକାନ୍ତ ପଣ୍ଡା ଓ ସୁପରଭାଇଜର ଭବାନୀ ଶଙ୍କର ପଲାଇଙ୍କ ସ୍ୱତନ୍ତ୍ର ଚାରିଜଣିଆ ଓ ଅସ୍ତରଙ୍ଗ ପୁଲିସ ଏହି ଚଢ଼ଉରେ ସାମିଲ ହୋଇଥିଲେ। ବିଭାଗ ତରଫରୁ ମିଳିଥିବା ସୂଚନା ମୁତାବକ, ଅସ୍ତରଙ୍ଗରୁ ଭିନ୍ନ ଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରୁ ସମୁଦାୟ ୪ ନାବାଳକ ବା ଶିଶୁ ଶ୍ରମିକଙ୍କୁ ବିଭାଗ ଠାବ କରିବା ସହ ଉକ୍ତ ଅନୁଷ୍ଠାନର ମାଲିକଙ୍କ ନିକଟରୁ ଅଣ୍ଡରଟେକିଂ ସହ ଦସ୍ତଖତ ନିଆଯାଇଛି। ଆଗକୁ ସେମାନଙ୍କ ବିରୁଦ୍ଧରେ ନୋଟିସ ଜାରି କରାଯିବା ସହ ପୁରୀ କାର୍ଯ୍ୟାଳୟରେ ହାଜର ହେବାକୁ ମଧ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

**ସାକ୍ଷୀଗୋପାଳ,୨୩।୬(ସମିସ):** ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ସହଯୋଗରେ ଜନକଲ୍ୟାଣ ଔଷଧାଳୟ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ୍ ଛକ ନିକଟସ୍ଥ ମହାବୀର କଲୋନୀରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଭାରତ ବିକାଶ ପରିଷଦ, ପୂର୍ବାଞ୍ଚଳ ପୃଷ୍ଠପୋଷକ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ମେଡିସିନ ଓ ଡାଇବେଟିସ ବିଶେଷଜ୍ଞ ଡାକ୍ତର ସମ୍ବିତ ସ୍ୱାଇଁ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ମନ୍ମଥ କୁମାର ଦାଶ ଏବଂ ଭେଷଜ ବିଶେଷଜ୍ଞ ଡାକ୍ତର ସ୍ୱପ୍ନା ଦାସ ଉପସ୍ଥିତ ରହି ଶତାଧିକ ରୋଗୀଙ୍କୁ ଚିକିତ୍ସା ସହ ପରାମର୍ଶ ଦେଇଥିଲେ।

## ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଶାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି । ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ ପିଙ୍ଗୁଆ, ଢେଙ୍କାନାଳ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରିଯୁକ୍ତ ଦୁଃଶାସନ ବେହେରା ଏବଂ ଶ୍ରୀମତୀ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି ।

### ବଜାରରେ ମାଲମାଲ ନକଲି ମୃଦୁପାନୀୟ ଓ ପାଣି ବୋତଲ

# ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହେଉନି ଯାଞ୍ଚ

**ଗୋପ,୨୩।୬(ସମିସ):** ଗୋପ ଅଞ୍ଚଳରେ ଦିନକୁ ଦିନ ନକଲି ମୃଦ୍ୟୁ ପାନୀୟ ଓ ପାଣି ବୋତଲ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଅସଲି ନକଲି ଭିତରେ ଫରକ୍ ଜଣାପଡୁ ନ ଥିବା ଯୋଗୁଁ ଏହି ପାଣିର ବିଶୁଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେତେକ ନକଲି ପାଣି ବୋତଲ ଉପରେ ପ୍ୟାକିଂ ତାରିଖ ଓ ଅବଧି ଶେଷ ତାରିଖ ଲେଖାଯାଉ ନ ଥିବା ମଧ ଦେଖିବାକୁ ମିଳିଛି। ତେବେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏହାକୁ ନେଇ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି। ସମସ୍ତ ମୃଦ୍ୟୁ ପାନୀୟ ଓ ପାଣି ବୋତଲ ଉପରେ ଏଫ୍ଏସ୍ଏସ୍ଆଇ ଲୋଗୋ ରହୁଥିବା ଯୋଗୁଁ ଜନସାଧାରଣ ଏହାକୁ ବିଶୁଦ୍ଧ ଭାବେ କିଣୁଛନ୍ତି। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ନକଲି ମୃଦ୍ୟୁ ପାନୀୟ ବୋତଲ ଦେଖିବାକୁ ମିଳିଛି। ସ୍ୱଳ୍ପ ମୂଲ୍ୟ ଖର୍ଚ୍ଚ କରି ଅଧିକ ଲାଭ ଆଶାରେ କେତେକ ବ୍ୟକ୍ତି ଏଭଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏପରିକି ନିୟମ ମୁତାବକ ପାଣି ପ୍ୟାକିଂ ନ କରି କେତେକ ବ୍ୟକ୍ତି ବଜାରରେ ପାଣି ବୋତଲ ବିକ୍ରି କରୁଥିବା ଦେଖିବାକୁ ମିଳିଛି। କମ୍ପାନୀର ଚିହ୍ନ ବର୍ଣ୍ଣ ନ ଥିବା ଓ ବିଭିନ୍ନ ନାମରେ ଏହି ମୃଦ୍ୟୁ ପାନୀୟ ବିକ୍ରି କରାଯାଉଥିବାବେଳେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏହାକୁ ଯାଞ୍ଚ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ଦୋକାନ କାନ୍ଥ ଭାଙ୍ଗି ଚୋରି

**ନୟାହାଟ,୨୩।୬(ସମିସ):** ଏକ ଗୁଆମସଲା ଦୋକାନର କାନ୍ଥ ଭାଙ୍ଗି ୩୦ ହଜାର ଟଙ୍କାର ସାମଗ୍ରୀ ଚୋରି ହେବା ନୟାହାଟ ଫାଣ୍ଡିରେ ସୋମବାର ପବିତ୍ର ନାୟକ ଅଭିଯୋଗ କରିଛନ୍ତି।



ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ଜହ୍ନିମାଲିଆ ଛକରେ ପବିତ୍ର ନାୟକଙ୍କ ଗୁଆମାସଲା ଦୋକାନ ଅଛି। ରବିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଦୋକାନ ପଛପଟ ଇଟା କାନ୍ଥ ଭାଙ୍ଗି ଦୋକାନ ଭିତରେ ଥିବା ତେଲ, ସାବୁନ, ବିସ୍କୁଟ, ଅମୂଲ, ଡାଲି ଇତ୍ୟାଦି ପ୍ରାୟ ୩୦ହଜାର ଟଙ୍କାର ସାମଗ୍ରୀ ଚୋରିକରି ନେଇଯାଇଛନ୍ତି। ସୋମବାର ନୟାହାଟ ଫାଣ୍ଡିଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଗୋପ ଥାନାରେ ଏକ ମାମଲା ରୁଜୁ ହୋଇଛି।

## Ph.D Degree



ରସାୟନ ବିଜ୍ଞାନରେ ଡ଼କ୍ଟରେଟ ଲାଭ

ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀମତୀ ପ୍ରଣିତା ପଣ୍ଡା ,ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ରସାୟନବିଜ୍ଞାନରେ କୃତିତ୍ୱ ସହ ଡ଼କ୍ଟରେଟ (Ph.D ) ଉପାଧି ଲାଭ କରିଛନ୍ତି | ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର Dr.Smruti Prava Das ଙ୍କ ତତ୍ୱାବଧାନରେ " Novel Technological Applications for a Green and sustainable Environment Using non-thermal plasmas " ଉପରେ ଗବେଷଣା କରିଥିବା ତାଙ୍କ ସନ୍ଦର୍ଭଟି Prof . V .L .Matha(Professor, Sabitribai Phule , Pune University, Pune) ଏବଂ Prof. K.Ramachandran (UGC Professor, Bharathiar University, Tamilnadu ) ଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂଶିତ ହୋଇଅଛି। ଡ଼.ପ୍ରଣିତା ପଣ୍ଡା ବାଲେଶ୍ୱର ଜିଲ୍ଲା ଭୋଇସାହି ଗ୍ରାମ ନିବାସୀ ଶ୍ରୀଯୁକ୍ତ ବିଜୟ ପ୍ରକାଶ ପଣ୍ଡା (Retd. Army) ଓ ଶ୍ରୀମତୀ ହରିପ୍ରିୟା ପଣ୍ଡାଙ୍କର କନିଷ୍ଠା କନ୍ୟା ଓ ରେମୁଣା ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଗୁଣନିଧି ସେନାପତି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ରମାମଣି ମହାପାତ୍ର ଙ୍କର କନିଷ୍ଠ ପୁତ୍ରବଧୂ ଓ ଶ୍ରୀଯୁକ୍ତ ଶୁଭବ୍ରତ ସେନାପତିଙ୍କ ସହଧର୍ମିଣୀ ଅଟନ୍ତି। ଗବେଷଣାରେ ତାଙ୍କର ଏହି ଅପାର ସଫଳତା ପାଇଁ Dr.Panda ନିଜର ଗାଇଡ଼ ପ୍ରଫେସର Dr.Smruti Prava Das , ରେଭେନ୍ସା ବିଶ୍ୱବିଦ୍ୟାଳୟ , ନିଜର ପରିବାର ବର୍ଗ ଓ ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାଲିଦଣ୍ଡାରେ କମୁନି ମଦ ବେପାର

**ନୟାହାଟ,୨୩।୬(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ବାଲିଦଣ୍ଡା ଛକଠାରେ ଗତ ଶନିବାର ଅବକାରୀ ବିଭାଗ ପକ୍ଷରୁ ଏକ ପାନ ଦୋକାନରେ ଚଢ଼ଉ କରାଯାଇ ବିପୁଳ ପରିମାଣରେ ଚୋରା ବିଦେଶୀ ମଦ ଜବତ କରାଯାଇ ଦୋକାନୀ ନାମରେ ଏକ ମାମଲା ରୁଜୁ କରାଯାଇ ଜାମିନରେ ଛଡ଼ାଯାଇଥିଲା। ବାଲିଦଣ୍ଡା ଛକରେ ତିନିଜଣ ଚୋରା ମଦ ବେପାର କରୁଥିବାବେଳେ ଜନୈକ ବ୍ୟକ୍ତି ନୟାହାଟ ନାଗପୁର ରାସ୍ତା ପାର୍ଶ୍ୱରେ ପାନ ଦୋକାନ କରି ଦେଶୀ ଓ ବିଦେଶୀ ମଦ କାରବାର କରୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ସନ୍ଧ୍ୟା ସମୟରେ ନିଶାଡ଼ିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆତଙ୍କ ସୃଷ୍ଟି କରୁଛନ୍ତି। ଯାହାଫଳରେ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେଠାରୁ ଚୋରା ମଦ କାରବାର ବନ୍ଦ କରିବା ପାଇଁ ମହିଳା ସଂଗଠନ ଦାବି କରୁଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ନ ଦେଲେ ମହିଳାମାନେ ନୟାହାଟ ଓ ନାଗପୁର ରାସ୍ତାରୋକ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗର ୪ ରାସ୍ତାର ଶିଳାନ୍ୟାସ

**ନିମାପଡ଼ା/ବଳଙ୍ଗା,୨୩।୬(ସମିସ)**



ସୋମବାର ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ୪ଟି ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ୍ ଅନ୍ତର୍ଗତ ବଳଙ୍ଗାଠାରୁ ଗୋପୀନାଥପୁର ରାସ୍ତା ୨.୭୦୦ କି.ମି ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ୨.୯୪ କୋଟି, ବନମାଳୀପୁର ରାସ୍ତାରୁ-ବଳଙ୍ଗା ୫.୫୦୦ କି.ମି ରାସ୍ତା ୫.୭୫ କୋଟି, ନୁହାରକିରୀ ଛକଠାରୁ ଅନ୍ଧୁଆର ପର୍ଯ୍ୟନ୍ତ ୪.୧୫ କି.ମି ରାସ୍ତା ପ୍ରଶସ୍ତୀକରଣ ପାଇଁ ୪.୮୦ କୋଟି ଓ ନିମାପଡ଼ା ପାଟପୁରଠାରୁ ଅରିଷଣ୍ଡ ୪.୫୦୦କି.ମି ରାସ୍ତା ନିର୍ମାଣ ପାଇଁ ୫.୨୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଉକ୍ତ ରାସ୍ତାଗୁଡ଼ିକ ପ୍ରଶସ୍ତୀକରଣ ଓ ଉନ୍ନତିକରଣ କରାଯାଇ ଆସନ୍ତା ମାର୍ଚ୍ଚ ମାସ ପୂର୍ବରୁ ଶେଷ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜେପି ବରିଷ୍ଠ ନେତା ଶ୍ୟାମସୁନ୍ଦର ନାୟକ, ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ଯନ୍ତ୍ରୀ ସ୍ମୃତି ରଞ୍ଜନ କାନୁନ୍‌ଗୋ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ା, ଏନ୍ଏସି ଉପାଧକ୍ଷ ସନ୍ତୋଷ କୁମାର ଦାଶ, ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଲ୍‌ଭର୍ଟ ନିର୍ମାଣକୁ ବିରୋଧ; ବିଡିଓଙ୍କୁ ଅଭିଯୋଗ

**ଗୋପ,୨୩।୬(ସମିସ):** ଗୋପ ବ୍ଲକ୍ ଅଧୀନ ଦେସ୍ଥଳୀ ପଞ୍ଚାୟତସ୍ଥିତ କୋଲର ଗ୍ରାମରେ ଏକ କଲ୍‌ଭର୍ଟ ନିର୍ମାଣକୁ ଗ୍ରାମବାସୀମାନେ ବିରୋଧ କରିଥିବାବେଳେ କଲ୍‌ଭର୍ଟ ନିର୍ମାଣ ନ କରିବା ପାଇଁ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଜଣେ ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ସରକାରୀ ତହବିଲ୍‌ରୁ ୫ ଲକ୍ଷ ଟଙ୍କା କଲ୍‌ଭର୍ଟ ନିର୍ମାଣ ଲାଗି ମଞ୍ଜୁର ହୋଇଥିବା ଯୋଗୁଁ ଏଥିରେ ଗ୍ରାମବାସୀମାନେ ଉପକୃତ ହେବେ ନାହିଁ ବୋଲି ଅଭିଯୋଗପତ୍ରେର ଦର୍ଶାଇଛନ୍ତି। କାକଟପୁର ବିଧାୟକଙ୍କ ପାଣ୍ଠିରୁ ଏହି କଲ୍‌ଭର୍ଟ ନିର୍ମାଣ ଲାଗି ୪ ଲକ୍ଷ ୭୧ ହଜାର ୬୫୩ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଏହି କାର୍ଯ୍ୟ କରା ନ ଯିବାକୁ ଗ୍ରାମର ରବିନ୍ଦ୍ର ମହାନ୍ତି, ଜମ୍ବେଶ୍ୱର ମହାରଣା, ଦିଲ୍ଲୀପ ଦାସ, ସମୀର ଦାସ, ଅଶୋକ ମହାରଣାଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ଥିବା ଏକ ଅଭିଯୋଗ ପତ୍ର ଗ୍ରାମବାସୀମାନେ ବିଡିଓଙ୍କୁ ଭେଟି ପ୍ରଦାନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କୁହନ୍ତି, ଯେହେତୁ ଏହା ବିଧାୟକଙ୍କ ପାଣ୍ଠି ଅର୍ଥ; ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯିବ।

# ଜନଅଭିଯୋଗ ଶୁଣାଣି ଶିବିର


**ନିମାପଡ଼ା,୨୩।୬(ସମିସ):** ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ସୋମବାର ଅପରାହ୍ଣରେ ନିମାପଡ଼ା ଏନ୍ଏସି ୧ରୁ ୧୧ନଂ ୱାର୍ଡର ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ସାଂସଦଙ୍କ ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ଡା. ପ୍ରଦୀପ୍ତ କୁମାର ଜେନା, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସମ୍ପଦ, ବିଦ୍ୟୁତ୍ ଓ ଗମନାଗମନ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଯଥାଶିଘ୍ର ସମାଧାନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୨୩/୬/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୦୦,୫୦୮/-
ସୁନା: ୦୧.୯୫୦ ଗ୍ରାମ୍
ରୁପା: ୦୨.୫୦୦ ଗ୍ରାମ୍







● ରଥଖଳାରୁ...

## ରଥରେ କନାପକା ଆରମ୍ଭ

**ପୁରୀ,୨୩।୬(ସମିସ):** ଆଉ ମାତ୍ର ୩ ଦିନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଶ୍ରୀମନ୍ଦିର ଛାଡ଼ି ନବଦିନାତ୍ମକ ଯାତ୍ରା କରିବେ ଦାରୁବିଗ୍ରହ। ଏଥିପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ରୂପକାର ସେବକମାନେ ତିନି ରଥର ପ୍ରଭାରେ



ରୂପ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଚିତ୍ରକରମାନଙ୍କୁ ରଙ୍ଗ ଦେବା ପାଇଁ ହସ୍ତାନ୍ତର କରିଛନ୍ତି। ଚିତ୍ରକରମାନେ ରଙ୍ଗ କାର୍ଯ୍ୟ ପାଇଁ ପ୍ରଭାଗୁଡ଼ିକରେ ଧଳା ପ୍ରାଇମର୍ ବୋଳା ଶେଷ କରିଛନ୍ତି। ପ୍ରାଇମର୍ ଶୁଖିଲା ପରେ ରଙ୍ଗ ଚିତ୍ର ଆଙ୍କିବେ। ତାଳଧ୍ୱଜ ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର ସହ ପ୍ରଭା ମଝି ଭାଗରେ ପଦ୍ମ କଢ଼ି, ଦୁଇ ପାର୍ଶ୍ୱରେ ଶିବ ଏବଂ ନାରଦଙ୍କ ଚିତ୍ର ଅଙ୍କନ କରାଯିବ। ଦର୍ପଦଳନ ରଥ ପ୍ରଭାରେ ପଦ୍ମ କଢ଼ି ସହ ପ୍ରଭା ଦୁଇପଟେ ଗଙ୍ଗା, ଯମୁନାଙ୍କ ଚିତ୍ର ଏବଂ ନନ୍ଦିଘୋଷ ରଥ ପ୍ରଭାରେ ପଦ୍ମ କଢ଼ି ସହ ଦୁଇ ପାର୍ଶ୍ୱରେ ଇନ୍ଦ୍ର ଏବଂ ବ୍ରହ୍ମାଙ୍କ ଚିତ୍ର ଅଙ୍କନ ହେବ। ଏତଦ୍‌ବ୍ୟତୀତ ରଥରେ କନାପକା କାମ ଆରମ୍ଭ ହୋଇଛି। ଚିତ୍ରକର ସେବକମାନେ ତିନି ରଥର ସିଂହାସନ ବେଦୀ ତିନି ପାର୍ଶ୍ୱରେ ଗାଇପଲ୍ଲ ଚିତ୍ର ଅଙ୍କନ ଶେଷ କରିଛନ୍ତି। ନନ୍ଦିଘୋଷ ରଥର ଚକ, ଦଣ୍ଡା, ଗୁଜ, ବାହ୍ୟ ଅଂଶଗୁଡ଼ିକରେ ଆବଶ୍ୟକୀୟ ରଙ୍ଗ ଶେଷ କରି ତାଳଧ୍ୱଜ ରଥ ଏବଂ ଦର୍ପଦଳନ ରଥର ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟ ଶେଷ ସ୍ପର୍ଶ ଦେଉଛନ୍ତି। ଏଥିସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦରଜୀ ସେବକମାନେ ତିନି ରଥର ୧୨ଟି ଚନ୍ଦ୍ରଶାଳୀ, ୧୨ଟି ଅଁଳାଶ୍ରୀ, କନା କାର୍ଯ୍ୟ ଶେଷ ହେବା ସହ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚକା ଅପସରା କାର୍ଯ୍ୟ ଶେଷ କରିଛନ୍ତି। ଏବେ କନକମୁଣ୍ଡି ପାଇଁ ଚାନ୍ଦୁଆ ସହ ଉଡ଼ା ଚାନ୍ଦୁଆ ଏବଂ ସାରଥୀ ପୋଷାକ ଆରମ୍ଭ କରିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ୪ଟି ଲେଖାଏଁ ପ୍ରଭା ବିଡ଼ିଆ କଣ୍ଟା ନିର୍ମାଣ କରୁଛନ୍ତି।

## ରଥଯାତ୍ରାରେ ଶିଶୁଙ୍କ ସୁରକ୍ଷା ନିମନ୍ତେ ୨୪ ଘଣ୍ଟିଆ ସେବା

**ପୁରୀ,୨୩।୬(ସମିସ):** ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ୩୦ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ଧାର ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ କରିବ। ଏହା ସହିତ ଚାଇଲ୍‌ଡ ହେଲ୍ପ ଲାଇନ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ସ୍ଥିତି ଉପରେ ନିରନ୍ତର ନଜର ରଖିବେ ଓ ଶିଶୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବେ। ପୂର୍ବ ବର୍ଷ ଭଳି ଶିଶୁମାନଙ୍କ ସୁବିଧା ନିମିତ୍ତ ଶିଶୁ ସୁଲଭ ପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନ୍‌ଲାଇନ୍ ଉପସ୍ଥାପନା ନିମନ୍ତେ ନିଷ୍ପତ୍ତି ହୋଇଛି। ତୁରନ୍ତ ସେବା ପ୍ରଦାନ ସହିତ ଶିଶୁମାନଙ୍କ ସୁରକ୍ଷା ଥିବା ସବୁ ପ୍ରତିବନ୍ଧକକୁ ଦୂରେଇ ଦେବାକୁ ଯୋଜନା କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଚିବ ପ୍ରଭାତ ସାହୁ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ୟୁନିସେଫ୍‌ର ପରାମର୍ଶଦାତା ଚକ୍ରଧର ସାହୁ, ଘାସିରାମ ପଣ୍ଡା, ଶିଶୁ ମଙ୍ଗଳ କମିଟି ସଦସ୍ୟ ରୁଦ୍ଧି ସୁନ୍ଦର ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା କମଳା ମହାରଣା, ହରେକୃଷ୍ଣ ସାହୁ, ବିଜୟ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଭିଡ଼ ଭିତରେ ଆମ୍ବୁଲାନ୍ସ ଯାତ୍ରା ପାଇଁ ଗ୍ରୀନ୍ କରିଡର୍

**ପୁରୀ,୨୩।୬(ସମିସ):** ଚଳିତ ବର୍ଷ ରଥଯାତ୍ରାରେ ଅଧିକ ସଂଖ୍ୟକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ତେବେ ଭିଡ଼ ଭିତରୁ ଅଚେତ ଭକ୍ତଙ୍କୁ କିପରି ତ୍ୱରିତ ଆମ୍ବୁଲାନ୍ସରେ ଆଣି ହସ୍ପିଟାଲରେ ପହଞ୍ଚାଯିବ ସେଥିଲାଗି ହୋଇଛି ମକ୍‌ଡ୍ରିଲ। ବଡ଼ଦାଣ୍ଡରେ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀଙ୍କ ସହ ଅଗ୍ନିଶମ ବିଭାଗ, ପୁଲିସ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍ ପକ୍ଷରୁ ମାନବଶୃଙ୍ଖଳ କରାଯାଇ ଗ୍ରୀନ୍ କରିଡର ପ୍ରସ୍ତୁତ କରାଯାଇଥିଲା। ଫଳରେ ଭିଡ଼ ଭିତରୁ ଆମ୍ବୁଲାନ୍ସ ଅସୁସ୍ଥ ଶ୍ରଦ୍ଧାଳୁଙ୍କୁ ଧରି ଶୀଘ୍ର ହସ୍ପିଟାଲରେ ପହଞ୍ଚିବାର ଅଭ୍ୟାସ କରାଯାଇଛି। ରଥଯାତ୍ରା ଉପଲକ୍ଷେ ଏହି ମକ୍‌ଡ୍ରିଲ୍ କରାଯାଇଥିବା ବେଳେ ଏହା ନିଶ୍ଚିତ ଭକ୍ତଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ରଥଯାତ୍ରା ଦିନ ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ପ୍ରବଳ ଗୁଳୁଗୁଳି ଯୋଗୁଁ ଯଦି କେହି ଅଚେତ ହୋଇପଡ଼ନ୍ତି ଅବା ଅନ୍ୟ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ନ୍ତି; ତାଙ୍କୁ ଭିଡ଼ ଭିତରୁ ଆଣି ଆମ୍ବୁଲାନ୍ସରେ ପହଞ୍ଚାଇବା ପାଇଁ ମକ୍‌ଡ୍ରିଲ୍ କରାଯାଇଥିଲା।

### ଆସୁଛି ରଥଯାତ୍ରା

# ତିନିରଥରେ ଯାତ୍ରା କରନ୍ତି ରଷିବୃନ୍ଦ

ପୁରୀ,୨୧।୬(ସମିସ)

ଶ୍ରୀଜଗନ୍ନାଥ ମହାପ୍ରଭୁ ଯୁଗ ଯୁଗ ଧରି ପରମ ପାବନ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଲୀଳା କରିଆସୁଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ଚତୁର୍ଦ୍ଧାବିଗ୍ରହଙ୍କ ଏକ ଅନନ୍ୟ ଲୀଳା। ପ୍ରତିବର୍ଷ ମହାପ୍ରଭୁ ନିଜର ଜନ୍ମସ୍ଥାନ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଥା'ନ୍ତି। ଏଥିପାଇଁ ନିର୍ମାଣ କରାଯାଏ ରଥ। ଚଳିତବର୍ଷ ରଥଯାତ୍ରା ପାଇଁ ରଥଖଳାରେ ନିର୍ମାଣ କରାଯାଉଛି ତିନିରଥ। ରଥଯାତ୍ରା ସରିବା ପରେ ଏହି ରଥଗୁଡ଼ିକୁ ଭାଙ୍ଗି ଦିଆଯାଏ ଏବଂ ପୁନଶ୍ଚ ଆଗାମୀ ବର୍ଷ ନୂଆ ରଥ ନିର୍ମାଣ କରାଯାଏ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ରଥରେ ଭାଇ-ଭଉଣୀଙ୍କୁ ସାଙ୍ଗରେ ନେଇ ନ ଥାନ୍ତି, ଏହି ତିନିରଥରେ ଅନେକ ଦେବଦେବୀ ଏବଂ ରଷିମାନଙ୍କୁ ମଧ୍ୟ ନେଇଥା'ନ୍ତି। ରଥରେ ଏମାନେ ସ୍ୱତନ୍ତ୍ର ସ୍ଥାନରେ ଅବସ୍ଥାନ କରିଥା'ନ୍ତି। ଏହି ରଥଗୁଡ଼ିକର ନିର୍ମାଣ ଶୈଳୀ ବେଶ୍ ସ୍ୱତନ୍ତ୍ର। ଚକଠାରୁ ଆରମ୍ଭ କରି ପତାକା ପର୍ଯ୍ୟନ୍ତ ରଥର ୩୪ଟି ଅଂଶ ରହିଥାଏ। ଏଥିମଧ୍ୟରେ ୫ଟି ପଟା ବ୍ୟବହାର ହୋଇଥାଏ। ଏହି ପଟାଗୁଡ଼ିକ ହେଲା ହଂସପଟା, ଗାଇପଟା, କୁମ୍ଭପଟା, ରାହୁପଟା ଓ ରଷିପଟା। ଏଥିମଧ୍ୟରୁ ରଷିପଟା ଅନ୍ୟତମ। ରଥ ନିର୍ମାଣ ସମୟରେ ଚିତ୍ରକର ସେବକ ପଟାରେ ରଷିମାନଙ୍କର ଚିତ୍ର ଆଙ୍କିଥା'ନ୍ତି।

ଏହି ରଷିପଟା ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଏଥିରେ ଅନେକ ରଷି ଅବସ୍ଥାନ କରିଥା'ନ୍ତି। ପ୍ରତ୍ୟେକ ରଥର ଉପର ଅଂଶରେ ଏହି



ରଷିପଟା ରହିଥାଏ। ଶ୍ରୀବଳଭଦ୍ରଙ୍କ ରଥ ତାଳଧ୍ୱଜର ରଷିପଟାରେ ୮ ଜଣ ରଷି ଅବସ୍ଥାନ କରିଥା'ନ୍ତି। ସେମାନେ ହେଲେ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ। ସେହିଭଳି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ରଷିପଟାରେ ଅଷ୍ଟରଷି ଅବସ୍ଥାନ କରିଥା'ନ୍ତି। ସେମାନେ ହେଲେ ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର। ମତାନ୍ତରେ ଏହି ଅଷ୍ଟରଷିଙ୍କ ନାମ ହେଉଛି ଅମ୍ବରୀଶ, ଜୈମିନୀ, ନାରଦ, ଅଙ୍ଗିରା, ପଣ୍ଡୁ, ମାର୍କଣ୍ଡେୟ, ପୌଲସ୍ତ୍ୟ ଓ ଭାର୍ଗବ। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ରଷିପଟାରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ଓ ପ୍ରବର୍ତ୍ତକ ରଷିମଣ୍ଡଳ ଅବସ୍ଥାନ କରିଥା'ନ୍ତି। ଏହି ରଷିମାନେ ରଥରେ ଠାକୁରମାନଙ୍କ ସହିତ ମହାଆନନ୍ଦରେ ଯାତ୍ରା କରି ନିଜ ଜୀବନକୁ ଧନ୍ୟ ମଣିଥା'ନ୍ତି। ରଷିମାନଙ୍କ ଉପରେ ଦାରୁରୂପୀ ଚତୁର୍ଦ୍ଧାବିଗ୍ରହଙ୍କର ଅପାର କରୁଣା ରହିଛି। ଯାହାଫଳରେ ଏହି ପୁଣ୍ୟମ୍ନା ରଷିମାନଙ୍କୁ ନିଜର ଅତି ଆମୋଦଦାୟକ ଯାତ୍ରାରେ ସେ ସାମିଲ କରିଛନ୍ତି ବୋଲି କହିଛନ୍ତି ଗବେଷକ ଡ. ଦାଶ।

### ଶରଧାବାଲିର ପବିତ୍ରତା ରକ୍ଷା ଚିନ୍ତା

## ପୌର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ

ପୁରୀ,୨୩।୬(ସମିସ)

ପୁଣ୍ୟର ମାଟି ଶ୍ରୀକ୍ଷେତ୍ର। ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାସ୍ଥଳ। ଏହି ପାବନ ଭୂମିର ମାଟି, ପାଣି, ପବନ ସବୁଥିରେ ପବିତ୍ରତା ଭରିରହିଛି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ସାଥୀରେ ଧରି ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଛୁଟିଆସନ୍ତି ଶ୍ରୀକ୍ଷେତ୍ରକୁ। ସକାଳ ହେଲେ ଭକ୍ତଙ୍କ ଗହଳିରେ ଉଛୁଳିପଡ଼େ ସିଂହଦ୍ୱାରଠାରୁ ଶରଧାବାଲି। ବଡ଼ଦାଣ୍ଡ ଆଉ ଶରଧାବାଲିର ଧୂଳିକୁ ମଥାରେ ବୋଳି ପୁଣ୍ୟ ଅର୍ଜନ କରିଥା'ନ୍ତି। ହେଲେ ଏମିତି ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ଶରଧାବାଲିକୁ ଦେଖିଲେ ଏଥିପ୍ରତି କାହାର ଶରଧା ଥିବା ଭଳି ଜଣାପଡ଼େନାହିଁ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ ଶରଧାବାଲି ବେଳେବେଳେ ଆବର୍ଜନା ପାଣିରେ ଭିଜିଥାଏ। ପୁଣି କେତେବେଳେ ଶରଧାବାଲିମୁକ୍ତ ପାର୍କିଂସ୍ଥଳ ପାଲଟୁଥିବାବେଳେ ବୁଲା କୁକୁର ମଳ, ମୂତ୍ର ତ୍ୟାଗ କରିଥା'ନ୍ତି। ହେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶରଧାବାଲିର ପବିତ୍ରତା ଏବଂ ସାଂସ୍କୃତିକ ଗୁରୁତ୍ୱ କିପରି ବଜାୟ ରହିବ ସେ ନେଇ ଚିନ୍ତା କରିଛନ୍ତି। ଆଉ ଏଥିପାଇଁ ପୌର କର୍ତ୍ତୃପକ୍ଷଙ୍କୁ ସୋମବାର ପତ୍ର ଲେଖିଛନ୍ତି।

ମୁଖ୍ୟ ପ୍ରଶାସକ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପତ୍ର ଲେଖି ପରାମର୍ଶ ଦେଇଛନ୍ତି। ମୁଖ୍ୟ ପ୍ରଶାସକ ଲେଖିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ସହ ସମ୍ପୃକ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ପବିତ୍ର ଶରଧାବାଲିର ଅନେକ ଗୁରୁତ୍ୱ ରହିଛି। ଶରଧାବାଲିର ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରା ନ ଯାଉ। ବରଂ ଏହାର ସୁରକ୍ଷା ତଥା ଉନ୍ନତିକରଣ ସକାଶେ

> ■ କେବଳ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟ ସକାଶେ ସଂରକ୍ଷିତ ରହୁ

ପଦକ୍ଷେପ ନିଆଗଲେ ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ତଥା ଐତିହ୍ୟ ଋଦ୍ଧିମନ୍ତ ହେବ। ଶ୍ରଦ୍ଧାଳୁ ତଥା ଭକ୍ତ ସମୂହର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଶରଧାବାଲିକୁ କେବଳ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟ ସକାଶେ ସଂରକ୍ଷିତ ରଖିବାକୁ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଛନ୍ତି।

ଧାର୍ମିକ ସହର ପୁରୀ। ଶ୍ରୀମନ୍ଦିର ସାଙ୍ଗକୁ ବେଳାଭୂମି, ପୁରାତନ ମଠ ମନ୍ଦିର ଓ ଐତିହ୍ୟସ୍ଥଳୀ ଶ୍ରୀକ୍ଷେତ୍ରର ସଂସ୍କୃତି, ପରମ୍ପରାକୁ ଋଦ୍ଧିମନ୍ତ କରିଛି। ତେଣୁ ପ୍ରତିଦିନ ଏଠାକୁ ଦେଶ ବିଦେଶର ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରଦ୍ଧାରେ ଶ୍ରଦ୍ଧାଳୁ ବୁଲିଯାଆନ୍ତି ଗୁଣ୍ଡିଚା ମନ୍ଦିର ଅଭିମୁଖେ। ପୁଣ୍ୟତାର ପ୍ରତୀକ ଶରଧାବାଲିକୁ ଦର୍ଶନ କରିବା ସହ ଏହାକୁ ମୁଣ୍ଡରେ ବୋଳିଥା'ନ୍ତି। ଯଦିଓ ଏପର୍ଯ୍ୟନ୍ତ ଭକ୍ତଙ୍କୁ ଗୁଣ୍ଡିଚା ମନ୍ଦିରକୁ ଯିବା ଲାଗି ଅନୁମତି ଦିଆଯାଇ ନାହିଁ ତଥାପି ପ୍ରତ୍ୟହ ଶ୍ରଦ୍ଧାଳୁ ଏଠାକୁ ଆସି ବାହାରକୁ ଗୁଣ୍ଡିଚା ମନ୍ଦିର, ଶରଧାବାଲି ବୁଲି ଦେଖୁଛନ୍ତି। କିନ୍ତୁ ଶରଧାବାଲିର ପବିତ୍ରତା ବିଭିନ୍ନ ଉପାୟରେ ନଷ୍ଟ ହେଉଛି। କେବଳ ରଥଯାତ୍ରାରୁ ବାହୁଡ଼ା ଏହି ୯ ଦିନ ଏହା ଉପରେ ପ୍ରଶାସନ ନଜର ରଖୁଥିବାବେଳେ ବର୍ଷର ବାକି ଦିନଗୁଡ଼ିକ ଦୃଷ୍ଟି ଆଢୁଆଳରେ ରହିଯାଉଛି ଏହି ପବିତ୍ର ସ୍ଥଳ। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ କିଛି ଅଞ୍ଚଳ ଏବେ ଶରଧାବାଲିର ସ୍ମୃତିକୁ ଯାହା ମନେ ପକାଉଛି। କିନ୍ତୁ ଏହାର ପବିତ୍ରତା ଏବଂ ପୁଣ୍ୟତା ପ୍ରତି କାହାର ନିଘା ନ ଥିବା ଜଣାପଡୁଛି।

ଏହି ବାଲିରେ ପ୍ରତ୍ୟେକ ଦିନ ବୁଲା କୁକୁର ମଳ, ମୂତ୍ର ତ୍ୟାଗ କରୁଛନ୍ତି। ଅନେକ ସମୟରେ ଏହାର ପରିସର ପାର୍କିଂସ୍ଥଳ ପାଲଟିଥାଏ। ବସ୍, ବାଇକ୍, ଟ୍ରଲି, ରିକ୍ସା ଆଦି ଅନ୍ୟାନ୍ୟ ଗାଡ଼ି ଏଠାରେ ପାର୍କିଂ କରିଥା'ନ୍ତି। ପୁଣି ଅନେକ ସମୟରେ ଗାଡ଼ିଗୁଡ଼ିକ ଧୂଆଯାଉଥିବା ବେଳେ ଆବର୍ଜନା ପାଣି ଶରଧାବାଲିରେ ମିଶୁଥିବାବେଳେ ଏହା ପାଖରେ ଥିବା ଉଠାଦୋକାନୀଗୁଡ଼ିକରୁ ବାହାରୁଥିବା ପାଣିକୁ ଏହି ବାଲିକୁ ଛାଡ଼ି ଦିଆଯାଉଛି। ଏମିତି ବିଭିନ୍ନ ପ୍ରକାରେ ଶରଧାବାଲିର ପବିତ୍ରତା ନଷ୍ଟ ହେଉଛି। ତେଣୁ ଏହାର ପବିତ୍ରତା ରକ୍ଷା ଲାଗି ମୁଖ୍ୟ ପ୍ରଶାସକ ଉଦ୍ୟମ କରିଛନ୍ତି।

## ମରାମତି ହେଲା ରଥ ବ୍ରେକ୍



**ପୁରୀ,୨୩।୬(ସମିସ):** ହଜାର ହଜାର ଭକ୍ତ ବଡ଼ଦାଣ୍ଡରେ ରଥ ଟାଣିଥା'ନ୍ତି। ରଥ କେତେବେଳେ କେଉଁଆଡ଼େ ମାଡ଼ିଯିବ ତାହାର କିଛି ଠିକ୍ ଠିକଣା ନ ଥାଏ। ତେଣୁ ରଥକୁ ଅଟକାଇବା ପାଇଁ ବ୍ରେକ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ମହାପ୍ରଭୁଙ୍କର ତିନିରଥରେ ତିନିଟି ବ୍ରେକ୍ ରହିଥାଏ। ଏହି ବ୍ରେକ୍ ମରାମତି ଲାଗି ଇଞ୍ଜିନିୟର ଅଶ୍ୱିନ କୁମାର ମିଶ୍ରଙ୍କ ନେତୃତ୍ୱରେ ବ୍ରଜରାଜନଗରରୁ ସ୍ୱତନ୍ତ୍ର ଟିମ୍ ଆସି ବ୍ରେକ୍ ମରାମତି କରିଛନ୍ତି। ପ୍ରଥମେ ତାଳଧ୍ୱଜ ରଥର ବ୍ରେକ୍ ମରାମତି କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ ନନ୍ଦିଘୋଷ ଓ ଦେବଦଳନ ରଥର ବ୍ରେକ୍ ମରାମତି ହୋଇଛି। ବ୍ରେକ୍ ମରାମତି ନେଇ ନିଜର ଅନୁଭୂତି ସମ୍ପର୍କରେ ଇଂ. ମିଶ୍ର କୁହନ୍ତି, ୨୦୦୭ରେ ପୁରୀ ରଥଯାତ୍ରା ଦେଖିବାକୁ ଆସିଥିଲେ। ରଥ ଗଡୁଥିବାବେଳେ ହଠାତ୍ ବ୍ରେକ୍ ଦିଆଯାଉଥିଲା। କିନ୍ତୁ ରଥ ୧୫/୨୦ ଫୁଟ୍ ଆଗକୁ ଘୋଷାଡ଼ି ହୋଇ ପଳାଇ ଯାଉଥିଲା। ଏହାକୁ ଦେଖି ରଥ କିଭଳି ଶୀଘ୍ର ଅଟକିବ ସେ ନେଇ ଚିନ୍ତା କରିଥିଲେ। ବ୍ରେକ୍ ପାଇଁ ଟ୍ରକ୍‌ରେ ବ୍ୟବହୃତ ହେଉଥିବା ବ୍ରେକ୍ ଲାଇନର ବ୍ୟବହାର କରିବାକୁ ସ୍ଥିର କରି ଶ୍ରୀମନ୍ଦିର ପ୍ରଶାସନକୁ ଆଣି ଦେଖାଇଥିଲେ। କିନ୍ତୁ ସେଥିରେ ଚମଡ଼ା ଅଂଶ ଥିବାରୁ ବ୍ୟବହାର ହୋଇପାରିବ ନାହିଁ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ମନା କରିଦେଇଥିଲା। ଏପରିକି ମେସିନରେ ତିଆରି କଣ୍ଟା ମଧ୍ୟ ବ୍ୟବହାର ହୋଇପାରିବ ନାହିଁ ବୋଲି ତାଙ୍କୁ କୁହାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଇଚ୍ଛାରୁ ତାଙ୍କୁ କୌଶଳ ମିଳିଯାଇଥିଲା। ନାଇଲନ୍, ରବର ଓ କଟନ୍‌କୁ ମିଶାଇ ଏକ ମସୃଣ ପଦାର୍ଥ (ନାଇଲନ୍ ରବର ବେଲ୍ଟ) ପ୍ରସ୍ତୁତ କରିଥିଲେ। କାରଣ କେବଳ ନାଇଲନ୍ ବ୍ୟବହାର କଲେ ଏହା ଲାଷ୍ଟିଂ କରିବନି, କଟନ୍ ଦେଲେ ଛିଣ୍ଡିଯିବ ଏବଂ ରବର ଦେଲେ ଜଳିଯିବ। ତେଣୁ ତିନିଟିକୁ ମିଶାଇ ନାଇଲନ୍ ରବର ବେଲ୍ଟ ପ୍ରସ୍ତୁତ କଲେ। ଏହାକୁ ବ୍ରେକ୍ କାଠରେ ଲଗାଇବାକୁ ତାଙ୍କୁ ଅନୁମତି ମିଳିଥିଲା। ଏଥିପାଇଁ ଗୁଜରାଟରୁ ସ୍ୱତନ୍ତ୍ର ଭାବେ କଣ୍ଟା ଅଣାଯାଏ। ଏହି ରବର ବେଲ୍ଟ ଉପରେ କଣ୍ଟା ବାଡ଼ାଯାଏ। ୨୦୦୮ ରୁ ସେ ପ୍ରତିବର୍ଷ ଆସି ବ୍ରେକ୍ ମରାମତି କରୁଛନ୍ତି। ଏହି ନାଇଲନ୍ ରବର ବେଲ୍ଟ ଲାଗିବା ପରେ ଯେଉଁଠି ବ୍ରେକ୍ ଦିଆଯିବ ରଥ ଆଗକୁ ନ ଗଡ଼ି ସଙ୍ଗେ ସଙ୍ଗେ ସେହିଠାରେ ଅଟକିଯିବ ବୋଲି କହିଛନ୍ତି ଅଶ୍ୱିନୀ। ଗୁଣ୍ଡିଚା ଯାତ୍ରା ପୂର୍ବଦିନ ରଥଖଳାରୁ ସିଂହଦ୍ୱାରକୁ ରଥଟଣାବେଳେ ଉପସ୍ଥିତ ରହି ବ୍ରେକ୍ କାମ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହାର ତଦାରଖ କରି ଘରକୁ ଫେରିଥାଉ ବୋଲି ସେ କହିଛନ୍ତି।

## ପୁଲିସର ରଥଯାତ୍ରା ଡ୍ୟୁଟି ମୋବାଇଲ୍ ଆପ୍

**ପୁରୀ,୨୩।୬(ସମିସ):** ଆସନ୍ତା ୨୭ରେ ଅନୁଷ୍ଠିତ ହେବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏହି ଅବସରରେ ନବଯୌବନ ଦର୍ଶନଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁରୀରେ ଲକ୍ଷାଧିକ ଭକ୍ତ ଓ ଦର୍ଶନାର୍ଥୀଙ୍କ ଆଗମନର ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପୁଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଡ୍ୟୁଟି ନିୟୋଜନ ପ୍ରଣାଳୀକୁ ଉନ୍ନତ କରାଯାଉଛି। ଚଳିତ ଥର ଏଥିପାଇଁ ଏକ ଡିଜିଟାଲ୍ ମୋବାଇଲ ଆପ୍ ବିକଶିତ କରାଯାଇଛି "ପୁରୀ ପୁଲିସ ରଥଯାତ୍ରା ଆପ୍'। ଏହି ଆପ୍ ଦ୍ୱାରା ଓଡ଼ିଶାର ଅନେକ ଜିଲ୍ଲାରୁ ନିୟୋଜିତ ହେଉଥିବା ଅଧିକାରୀମାନେ ନିଜ ଡ୍ୟୁଟି ସ୍ଥାନ, ଡ୍ୟୁଟି ସମୟ ଓ ଅଧୀନସ୍ଥ ଅଧିକାରୀମାନଙ୍କ ଅବସ୍ଥାନ ସମ୍ପର୍କରେ ସହଜରେ ଅବଗତ ହେବେ। ଏହି ଆପ୍‌ରେ ଡ୍ୟୁଟି ଚେକିଂ ଏବଂ ଲୋକେସନ ଟ୍ରାକିଂ କରିହେବ। ଅର୍ଥାତ୍ ଏହି ଆପ୍ ଦ୍ୱାରା ଅଧିକାରୀ ନିଜ ଡ୍ୟୁଟି ସ୍ଥାନ, ଡ୍ୟୁଟି ଏରିଆ ଓ ଅନ୍ୟ ଅଧିକାରୀଙ୍କ ଲୋକେସନ ଦେଖିପାରିବେ। ସମସ୍ତ ଟିମ୍ ଲିଡ୍, ଡ୍ୟୁଟି ଅଫିସର୍ ଓ ସିନିୟର ଅଧିକାରୀ ତାଙ୍କ ଉପସ୍ଥିତି ଓ ଅବସ୍ଥାନ ସମ୍ପର୍କରେ ଅନ୍‌ଲାଇନ୍‌ରେ ଦେଖିପାରିବେ। ଏହି ଆପ୍ ଗୁଗଲ୍ କ୍ଲାଉଡ୍ ଉପରେ ହୋଷ୍ଟ ହୋଇଥିବାରୁ ଯେକୌଣସି ମୋବାଇଲ୍‌ରେ ଉପଲବ୍ଧ ହେବା ସହଜ। ଡାଟା ଲାଇଭ୍ ରହିଥାଏ ଓ ଅପ୍‌ଡେଟ୍ ହୋଇଥାଏ। ଏହି ଆପ୍ ମାଧ୍ୟମରେ ଡ୍ୟୁଟି ନିର୍ଦ୍ଦେଶନା, ରୁଟ୍ ମ୍ୟାପ୍, ବ୍ଲକିଂ ପଏଣ୍ଟ ଉପରେ ଏକ ଡିଜିଟାଲ୍ ହ୍ୟାଣ୍ଡବୁକ୍ ମଧ୍ୟ ମିଳିଥାଏ। ପୁରୀ ପୁଲିସ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଡିଜିଟାଲ୍ ଉଦ୍ୟମ ନିମନ୍ତେ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଉଛି ଯେ ଏହି ଆପ୍‌ରେ ନିଜର ଡ୍ୟୁଟି ସ୍ଥାନ ଯାଞ୍ଚ କରି ଲଗ୍‌ଇନ୍ କରନ୍ତୁ ଓ ସିନିୟରଙ୍କ ସହ ସମନ୍ୱୟ ରଖନ୍ତୁ। ଏହି ଆଧୁନିକ ବ୍ୟବସ୍ଥାରେ ଏକ ନୂତନ ପଦକ୍ଷେପ ରୂପେ ପୁରୀ ପୁଲିସ ଓଡ଼ିଶାରେ ଏକ ଆଦର୍ଶ ତଥା ଯୁଗୋପଯୋଗୀ ପ୍ରଯୁକ୍ତି ପ୍ରଚଳନ ରୂପେ ସ୍ଥାପିତ ହେବ।

## ଶୃଙ୍ଖଳିତ ରଥଯାତ୍ରା ପାଇଁ ମକ୍‌ଡ୍ରିଲ୍

### ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟକୁ ଗୁରୁତ୍ୱ

ପୁରୀ,୨୩।୬(ସମିସ)





ପାଖେଇ ଆସିଲା ରଥଯାତ୍ରା। ଆଉ ମାତ୍ର ୩ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ତେବେ ଶୃଙ୍ଖଳିତ ଏବଂ ସୁରକ୍ଷିତ ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ପ୍ରସ୍ତୁତି ଚାଲିଛି। ଅଧିକ ସଂଖ୍ୟକ ଭକ୍ତଙ୍କ ଆଗମନ ସମ୍ଭାବନାକୁ ନଜରରେ ରଖି ବିଭିନ୍ନ ବିଭାଗ ପ୍ରସ୍ତୁତ ହେଉଛନ୍ତି। ବିଶେଷକରି ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପନ୍ନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ନିମନ୍ତେ ସୋମବାର ଟାଉନ୍ ଥାନା ପରିସର ସମନ୍ୱିତ ନିୟନ୍ତ୍ରଣ କକ୍ଷ ବା ଇଣ୍ଟିଗ୍ରେଟେଡ୍ କମାଣ୍ଡ ଓ କଣ୍ଟ୍ରୋଲ କେନ୍ଦ୍ରରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଚଳିତ ରଥଯାତ୍ରାକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଷ ତୁଳନାରେ ଏବର୍ଷ ଅଧିକ ଜନଗହଳି ଆଶା କରାଯାଉଛି। ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ସଠିକ୍ ଭାବେ ପରିଚାଳନା କରୁଛନ୍ତି। ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ଆଜିର ମକ୍‌ଡ୍ରିଲ୍‌ର ପରିକଳ୍ପନା। ପୂର୍ବରୁ ଏହା ମଧ୍ୟ କରାଯାଇଥିଲା। ଏହି ମକ୍‌ଡ୍ରିଲ୍ ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ। ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସିବେ ଓ ଏକ ସୁଖଦ ଅନୁଭୂତି ନେଇ ଫେରନ୍ତୁ ବୋଲି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଏନ୍‌ଡିଆର୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନବୀନ ଏସ୍. ରାଣା, ସିଡିଏମ୍‌ଓ ଡା. ଅକ୍ଷୟ ଶତପଥୀ କହିଥିଲେ।

ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଓସ୍‌ଡମାର ଡିଜିଏମ୍ ସୁନିଲ କୁମାର ସାହୁ ମାର୍ଗଦର୍ଶିକା ଅନୁସାରେ ମକ୍‌ଡ୍ରିଲ୍ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସହକାରୀ କଲେକ୍ଟର ପଞ୍ଚାନନ ପରିଜା ପ୍ରମୁଖ ଯୋଗଦେଇଥିଲେ। ମୁଣ୍ଡଳୀ ଏନ୍‌ଡିଆର୍‌ଏଫ୍ ଥାର୍ଡ ବାଟାଲିୟନର କାର୍ଯ୍ୟକର୍ତ୍ତା, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ମକ୍‌ଡ୍ରିଲ୍ ପରିଚାଳନା କରିଥିଲେ। ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା। ଜିଲ୍ଲା ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ, ଆଦିତ୍ୟ ବରାଳ, ରାମକୃଷ୍ଣ ବଡ଼ଜେନା, ରଞ୍ଜନ ବେହେରା, ଅଶୋକ ମଲ୍ଲିକ, ରୂପଶ୍ରୀ ପଣ୍ଡା, ସୁଶ୍ରୀ ସଂଗୀତା ମହାପାତ୍ର, ମମତା ବାରିକ, ସଞ୍ଜୟ ମହାପାତ୍ର, ସୁମନ ମହାପାତ୍ର, ବିଶ୍ୱଭୂଷଣ ଦାଶ, ପ୍ରଭାକର ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ନିରଞ୍ଜନ ରଥ, ବିକ୍ରମ ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି



**ପୁରୀ,୨୩।୬(ସମିସ):** କୁମାର ଉତ୍ସବ ସମିତି ପକ୍ଷରୁ ନରେନ୍ଦ୍ରକୋଣସ୍ଥିତ ମା' ବିଶେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ଦୈନିକ 'ସମାଜ'ର ପ୍ରାକ୍ତନ ସମ୍ପାଦକ, ମୁଦ୍ରାକର ଓ ପ୍ରକାଶକ ନିରଞ୍ଜନ ରଥ ଏବଂ ଯୁବ ସାମ୍ବାଦିକ ତଥା ପ୍ରମେୟ ପୁରୀ ସଂସ୍କରଣର କ୍ରାଇମ୍ ରିପୋର୍ଟର ବିକ୍ରମ କେଶରୀ ଆଚାର୍ଯ୍ୟଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ୱର୍ଗତ ରଥ ପ୍ରତ୍ୟେକ ବର୍ଷ ଶୀତରାତିରେ ପୁରୀ ଆସି ରେଳ ଷ୍ଟେସନ, ଶ୍ରୀମନ୍ଦିର, ବସ୍‌ଷ୍ଟାଣ୍ଡ, ଲୋକନାଥ ମନ୍ଦିର ଆଦି ବିଭିନ୍ନ ଜାଗା ବୁଲି ଗରିବ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ ସହ ସେମାନଙ୍କ ସୁଖଦୁଃଖ ବୁଝି ସ୍ୱାସ୍ଥ୍ୟସେବା ମଧ୍ୟ ଯୋଗାଇ ଦେଉଥିଲେ। ସେହିପରି ବିକ୍ରମ କମ୍ ବୟସରେ ସାମ୍ବାଦିକତା କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜଣେ ସାଲିସ୍‌ବିହୀନ ଓ ସତ୍ୟକୁ ସାମ୍ନାକୁ ଆଣିବା ଲାଗି କୌଣସି ଧମକକୁ ନ ଡରି ଖବର ସଂଗ୍ରହ କରୁଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ସଭାପତି ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀ, ସମାଜସେବୀ ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ମନୋଜ ରଥ, ରତନ କୁମାର ଦାସ, ଅମରେନ୍ଦ୍ର ପାଇକରାୟ, ହେକ୍ଟର ମିଶ୍ର, ସରସ୍ୱତୀ ପାତ୍ର, ବିରଜା ମହାପାତ୍ର, କଳ୍ପନା ମୁଦୁଲି, ସାଗର ନନ୍ଦ, ଲିନୁ ନାୟକ, ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ସନ୍ତୋଷ ମହାନ୍ତି, ସୁକାନ୍ତ ପଣ୍ଡା, ଚନ୍ଦନ ଜଗଦ୍ଦେବ, ଅନୁପ ପୃଷ୍ଟି, ପ୍ରମୋଦ ପଟ୍ଟନାୟକ, ନିଗମ ପାତ୍ର, ଆୟମ ପରିଡ଼ା, ଶୁଭେନ୍ଦୁ ମହାପାତ୍ର, ଗୌତମ ସାହୁ, କ୍ଷୀରୋଦ ଦାସ, ଗୌରୀଶଙ୍କର ସାମନ୍ତରା, ଅର୍ଦ୍ଧେନ୍ଦୁ ବିକାଶ ପଟ୍ଟନାୟକ, ମାନସ୍ମିତା ସାହୁ, ଶିବାନୀ ଜେନା, ଅସୀମା ରାହୁଳ, ସନ୍ଧ୍ୟାରାଣୀ ସାହୁ, ବନିତା ଦୀକ୍ଷିତ, ମନସ୍ୱିନୀ ସ୍ୱାଇଁ, ମିର୍ଣ୍ଣାଳିନ ଦାସ ଓ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ଯୋଗଦେଇ ନିରବ ପ୍ରାର୍ଥନା କରିଥିଲେ।

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।

- ଇମାନୁଏଲ୍ କାଣ୍ଟ

ସକାଳ
THE SAKALA

## ଶକ୍ତି ଓ ଶାନ୍ତି

ଆଣୁଅସ୍ତ୍ର ପ୍ରସାରଣ ନିରୋଧ ଚୁକ୍ତିରେ ସ୍ୱାକ୍ଷର କରିଥିବା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ନେଇ କ୍ରମାଗତ ଭାବେ ଆପତ୍ତି ଦର୍ଶାଇ ଆସିଛନ୍ତି ଆମେରିକା, ଇସ୍ରାଏଲ୍ ଓ ସେମାନଙ୍କ ସହଯୋଗୀ ୟୁରୋପୀୟ ରାଷ୍ଟ୍ର ସମୂହ। ଅପରପକ୍ଷରେ ସେମାନଙ୍କ ଅଭିଯୋଗ ସପକ୍ଷରେ କୌଣସି ପ୍ରମାଣ ନଥିବା ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସ୍ପଷ୍ଟ କରିଛି। ଏହାସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍‌ର ପ୍ରାଧାନ୍ୟ ଓ ପତିଆରା ସୁନିଶ୍ଚିତ କରିବା ଏବଂ ଇରାନ୍‌ର ତୈଳଭଣ୍ଡାର ଓ ପ୍ରାକୃତିକ ବାଷ୍ପ ଉପରେ ଏକଚାଟିଆ ଅଧିକାର ଜାହିର କରିବା ସକାଶେ ଆମେରିକାର କ୍ରମାଗତ ଉଦ୍ୟମର ପ୍ରତିଫଳନ ଘଟିଛି ସାମ୍ପ୍ରତିକ ଘଟଣାକ୍ରମରେ। ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ମାଧ୍ୟମରେ ତାହାର ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣାଧୀନ କରିବାର ଅଭିପ୍ରାୟ ଏହି ବିବାଦର ମୂଳ ମଞ୍ଜି। ଜୁନ୍ ୧୩ ତାରିଖରେ ଇସ୍ରାଏଲ୍‌ର ଅତର୍କିତ ଆକ୍ରମଣରେ ଇରାନ୍ ସେନାବାହିନୀର କେତେଜଣ ପ୍ରମୁଖ ଅଧିକାରୀ ଓ ଆଣବିକ ବୈଜ୍ଞାନିକ ନିହତ ହେବା ସହ ଇରାନ୍‌ର ଆଣବିକ କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପରବର୍ତ୍ତୀ ପ୍ରତିଶୋଧାତ୍ମକ ଆକ୍ରମଣରେ ଇରାନ୍‌ର ବାଲାଷ୍ଟିକ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଇସ୍ରାଏଲ୍‌ରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିଦ ହଜାଇ ଦେଇଛି। ଇସ୍ରାଏଲ୍‌ବାସୀ ବଙ୍କରରେ ଆଶ୍ରୟ ନେବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ଏହି ଅସହାୟ ପରିସ୍ଥିତିରେ ସାହାଯ୍ୟ କରିବା ସକାଶେ ଆମେରିକା ରବିବାର ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଯେଉଁ ପାତାଳଭେଦୀ ବୋମା ମାଡ଼ କରିଛି ତାହାର ପରିଣାମର ଭୟାବହତା ସମ୍ପର୍କରେ ଚିନ୍ତା କଲେ ମନେ ହେଉଛି ମଧ୍ୟପ୍ରାଚ୍ୟ ହିଁ ତୃତୀୟ ବିଶ୍ୱଯୁଦ୍ଧର କେନ୍ଦ୍ରସ୍ଥଳ ପାଲଟିବ।

ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଜେନେଭାରେ ଇଂଲଣ୍ଡ, ଫ୍ରାନ୍ସ ଓ ଜର୍ମାନୀ ସହ ଇରାନ୍ ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗ୍ଛି ଆଲୋଚନା କରିଥିବା ବେଳେ ଆମେରିକା ଏହି ଅତର୍କିତ ଆକ୍ରମଣ କରିଛି। ଅପ୍ୟପକ୍ଷରେ ଜି୭ ବୈଠକରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦର୍ଶାଇ ଆମେରିକା ଫେରି ଆସିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁରକ୍ଷା ଅଧିକାରୀଙ୍କ ସହ ଇରାନ୍ ପ୍ରସଙ୍ଗରେ ଆଲୋଚନା ପରେ ଆପୋସ ସମାଧାନ ସକାଶେ ଦୁଇସପ୍ତାହ ସମୟ ନେଇ ପୁଣି ତାହାର ଖିଲାପ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଏହି ଯୁଦ୍ଧ ବା ସାମରିକ କାର୍ଯ୍ୟକଳାପର ଅବସାନ ପାଇଁ ଯେଉଁ ସୁଯୋଗ ଥିଲା ତାହାର ପରିସମାପ୍ତି ଘଟିଛି। ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ପାତାଳଭେଦୀ ବୋମା ଜି ବିୟୁ-୫୭ ବୋମା ମାଡ଼ କରିବା ପରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ କହିଛନ୍ତି ଯେ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିରୁ ତାଙ୍କ ଦେଶ ଓହରି ଆସିବ। ଦେଶର ସାର୍ବଭୌମତା ଏବଂ ନାଗରିକଙ୍କ ନିରାପତ୍ତା ରକ୍ଷା ପାଇଁ ଇରାନ୍ ସାମରିକ ମୁକାବିଲା କରିବାକୁ ବାଧ୍ୟ ହେବ। ଅପରପକ୍ଷରେ ଆମେରିକାର ସର୍ବଶକ୍ତିମାନ ପାତାଳଭେଦୀ ବେମା ଇରାନ୍ ଆଣବିକ କାର୍ଯ୍ୟକ୍ରମରେ କୌଣସି କ୍ଷତି ଘଟାଇପାରିନାହିଁ। ଏହି ଆକ୍ରମଣର ୪୮ ଘଣ୍ଟା ପୂର୍ବରୁ ୟୁରାନିୟମ ଓ ଗବେଷଣା ଯନ୍ତ୍ରପାତିକୁ ଇରାନ୍ ସ୍ଥାନାନ୍ତର କରିଦେଇଥିବା କୁହାଯାଉଛି। ତଥାକଥିତ ଶକ୍ତିଶାଳୀ ବୋମାମାଡ଼ରେ ୟୁରାନିୟମ ତେଜସ୍କ୍ରିୟ ରଶ୍ମି ବିକିରଣ ହୋଇନାହିଁ। ତେଣୁ ଆଣବିକ କେନ୍ଦ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବସବାସ କରୁଥିବା ଲୋକଙ୍କୁ ଇରାନ୍ ସରକାର ନିର୍ଭୟ ରହିବାକୁ ପରାମର୍ଶ ଦେଇଛନ୍ତି।

ଆମେରିକାର ଏହି ପ୍ରତ୍ୟକ୍ଷ ଆକ୍ରମଣ ପୂର୍ବରୁ ଇରାନ ସମ୍ଭାବ୍ୟ ବିପଦକୁ ଟାଳିବା ସକାଶେ ଯେଉଁ ପଦକ୍ଷେପ ଗ୍ରହଣ କଲା, ତାହାର ପୃଷ୍ଠଭାଗରେ ଆଉ କିଛି ମସୁଧା ନାହିଁ। ଏହାକୁ ନେଇ ନାନା କଥା ଓ ନାନା ବିଚାର ଚାଲିଛି। ଇସ୍ରାଏଲ୍‌ର ହାଇଫା ବନ୍ଦର, ରାଜଧାନୀ ତେଲ୍ ଆଭିଭ୍, ସାମରିକ ଓ ଷ୍ଟକ୍ ମାର୍କେଟ୍ କାର୍ଯ୍ୟାଳୟ ଏବଂ ମୋସାଦ୍ ମୁଖ୍ୟାଳୟ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରି ଇରାନ୍ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପାଶ୍ଚାତ୍ୟ ସମ୍ବାଦ ସରବରାହ ସଂସ୍ଥାରେ ସ୍ଥାନ ନ ପାଇଲେ ମଧ୍ୟ ଟ୍ରମ୍ପ୍ ନିକଟରେ ନିଶ୍ଚୟ ସଠିକ୍ ଖବର ଥିବ। ଇସ୍ରାଏଲ୍‌ର ଅଭେଦ୍ୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଆଇରନ୍ ଡୋମ୍ ଇରାନ୍‌ର କ୍ଷେପଣାସ୍ତ୍ରକୁ ଅଟକାଇ ନ ପାରିବା ସମସ୍ତଙ୍କୁ ବିସ୍ମିତ କରିଛି। ଆମେରିକାର ଆକ୍ରମଣ ପରେ ଇରାନ୍ ପୁଣି ଜୋରଦାର ଅଧିକ କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ମାଡ଼ କରି ଇସ୍ରାଏଲ୍‌ର ବିପୁଳ କ୍ଷୟକ୍ଷତି ଘଟାଇଛି। ନେତାନ୍ୟାହୁ ଭାବିଥିଲେ ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ଇରାନ୍ ଚପିଯିବ। କିନ୍ତୁ ତାହା ଇସ୍ରାଏଲ୍ ସକାଶେ ଅଧିକ ବିନାଶକାରୀ ସାବ୍ୟସ୍ତ ହୋଇଛି। ମଧ୍ୟପ୍ରାଚ୍ୟର କାତାର, ଓମାନ୍, ସାଉଦୀ ଆରବ ଓ ଆରବ ଏମିରେଟ୍‌ସରେ ଥିବା ୪୦ ହଜାର ଆମରେିକୀୟ ସେନା ଓ ଯୁଦ୍ଧ ବିମାନ ସମେତ ଅନ୍ୟାନ୍ୟ ସାମରିକ ସରଞ୍ଜାମ ପ୍ରତି ମଧ୍ୟ ବିପଦର ଆଶଙ୍କା ଅଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିପୁଳ ପାଣ୍ଠି ଯୋଗାଣ ଓ ସମର୍ଥନ ବିନିମୟରେ ଇସ୍ରାଏଲ୍‌କୁ ସମର୍ଥନ ଦେବା ସହିତ ଆମେରିକା ଯୁଦ୍ଧକୁ ଓହ୍ଲାଇଛି। ନେତାନ୍ୟାହୁଙ୍କୁ ଖୁସି କରିବା ପାଇଁ ଟ୍ରମ୍ପଙ୍କ ଇଏ ଏକରକମ କାରସାଦିପୂର୍ଣ୍ଣ କାର୍ଯ୍ୟକଳାପ ନଥିଲା ତ? ଏହି ପ୍ରଶ୍ନଠାରୁ ଅଧିକ କ'ଣ ଚିନ୍ତା କରାଯାଇପାରେ? ଯଦି ଆମେରିକା ପୂର୍ଣ୍ଣ ଯୁଦ୍ଧ ପାଇଁ ରଣକ୍ଷେତ୍ରକୁ ଓହ୍ଲାଇ ପଡ଼ିବ, ତେବେ ଇରାନ୍ ସମର୍ଥନରେ ରୁଷିଆ, ଚୀନ୍ ଓ ଉତ୍ତରକୋରିଆ ସମ୍ମୁଖ ଯୁଦ୍ଧକୁ ଓହ୍ଲାଇ ଆସିବା କିଛି ବିଚିତ୍ର ନୁହେଁ। ଯେତେଦୂର ମନେ ହୁଏ ଇରାନ୍‌ର ପାଲଟା ଜବାନ୍‌ରେ ଇସ୍ରାଏଲ୍‌ର ଆଗକୁ ସ୍ଥିତି କ'ଣ ହେଉଛି ତାହାକୁ ଟ୍ରମ୍ପ ପୁଣି କିଛିଦିନ ସମୟ ଦେଇ ତାହା ଉପରେ ନିଘା ରଖିବେ। ସମ୍ପର୍କ ଦାୟରେ ସମଗ୍ର ବିଶ୍ୱକୁ ଯୁଦ୍ଧ ଘନଘଟାରେ ସାମିଲ୍ କରିବା ଔଚିତ୍ୟ ନେଇ ସେ ନିଶ୍ଚୟ ଚିନ୍ତା କରିବେ।

ଇରାନ୍‌ରେ ସଦ୍ଦାମ ହୁସେନ୍‌ଙ୍କ ନେତୃତ୍ୱ ପରିବର୍ତ୍ତନ ପାଇଁ ମିଥ୍ୟା ଆରୋପକୁ ଆଳ କରି ଆମେରିକା ଯେଉଁ ଯୁଦ୍ଧ କରିଥିଲା ତାହାକୁ ଇରାନ୍ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରିବ। ତେବେ ସଫଳତା ହାସଲ କରିବା ଏତେ ସହଜ ହେବନି। ତିନିବର୍ଷ ଧରି ରୁଷ ୟୁକ୍ରେନ୍ ଯୁଦ୍ଧ ଚାଲିଛି। ନାଟୋ ସହଯୋଗୀମାନେ ସମସ୍ତ ପ୍ରକାର ସାମରିକ ସହଯୋଗ ଯୋଗାଉଥିଲେ ମଧ୍ୟ ୟୁକ୍ରେନ୍‌ର ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଭିଏତ୍‌ନାମଠାରୁ ଆରମ୍ଭ କରି ଆଫଗାନିସ୍ତାନ ପର୍ଯ୍ୟନ୍ତ କେଉଁଠାରେ ଜିତାପଟ ହାସଲ କରିନାହିଁ ଆମେରିକା। ବିନିମୟରେ ବିପୁଳ ଅର୍ଥ ଓ ସାମରିକ ଶକ୍ତି ଅପଚୟ କରିଛି। ଧର୍ମୀୟ ଶାସନ ବ୍ୟବସ୍ଥା ସତ୍ତ୍ୱେ ଇରାନ୍‌ବାସୀ ବେଶ୍ ପ୍ରଗତିଶୀଳ ବୈଷୟିକ ଜ୍ଞାନକୌଶଳରେ ଧୁରୀଣ। ସେମାନେ ଏବେ ରାଷ୍ଟ୍ରବାଦରେ ଉଦ୍‌ବୁଦ୍ଧ ହୋଇ ଦେଶ ପାଇଁ ଲଢ଼ିବାକୁ ବଦ୍ଧପରିକର। ସମୟ କହିବ ଏ ଯୁଦ୍ଧର ଗତି କେଉଁ ଆଡ଼କୁ ଯିବ। ଶକ୍ତି ପ୍ରୟୋଗ କରି ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାର ଯେଉଁ ସ୍ୱପ୍ନ ନେତାନ୍ୟାହୁ ଦେଖୁଛନ୍ତି ତାହା ସାକର ହେବା ଏତେ ସହଜ ନୁହେଁ।

## କୃଷି ଓ ଖାଦ୍ୟର ଭବିଷ୍ୟତ

ଡ. ଅନ୍ତର୍ଜିତା ନାୟକ

କୃଷି କେବଳ ଖାଦ୍ୟର ମୂଳଦୁଆ ନୁହେଁ, ଏହା ହେଉଛି ସଭ୍ୟତାର ହୃଦସ୍ପନ୍ଦନ। କିନ୍ତୁ ଆଜି ସେହି ହୃଦସ୍ପନ୍ଦନ କ୍ଷୀଣ ହେବାରେ ଲାଗିଛି। ସହରାଞ୍ଚଳ ସ୍ଥାନାନ୍ତରଣ, ଜଳବାୟୁ ସଙ୍କଟ ଏବଂ ଶିଳ୍ପ ପ୍ରସାରର ଯୁଗରେ କୃଷି ହ୍ରାସ ପାଇଚାଲିଛି। ଏହାର ଫଳାଫଳ ହେଉଛି ଏକ ଦୁର୍ବଳ ଖାଦ୍ୟ ବ୍ୟବସ୍ଥା ଏବଂ ଏକ ବର୍ଦ୍ଧିତ ପୁଷ୍ଟିହୀନ ବିଶ୍ୱ। କୃଷିଯୋଗ୍ୟ ଜମି ସଙ୍କୁଚିତ ହେଉଛି ଓ ଯୁବକମାନେ କୃଷି ପରିତ୍ୟାଗ କରୁଛନ୍ତି। ମୃତ୍ତିକାର ଉର୍ବରତା ଏବଂ ଖାଦ୍ୟର ବିବିଧତା ଓ ପୁଷ୍ଟିକର ଗୁଣ ମଧ୍ୟ ହ୍ରାସ ପାଉଛି। ତେଣୁ ଖାଦ୍ୟ ଉତ୍ପାଦନ କିଏ ଓ କେଉଁଠି କରିବ ତାହା ଏକ ବଡ଼ ପ୍ରଶ୍ନ। ସେଇଦିନ ଆଉ ଦୂର ନାହିଁ, ଯେତେବେଳେ ଆମେ ନିଜ ଜୀବନ ରକ୍ଷା ପାଇଁ କାରଖାନାରେ ଯନ୍ତ୍ର ତିଆରି ଅଖାଦ୍ୟ ଉପରେ ନିର୍ଭର କରୁଥିବା।

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ୨୦୧୧-୧୨(୨୦୧୬ରେ ପ୍ରକାଶିତ) ଇନ୍‌ପୁଟ୍ ସର୍ଭେ ଅନୁଯାୟୀ, ୨୦୧୬ରେ ଜଣେ ଭାରତୀୟ କୃଷକଙ୍କ ହାରାହାରି ବୟସ ଥିଲା ୫୦.୧ ବର୍ଷ। ଏହି ସର୍ବେକ୍ଷଣ ଅନୁଯାୟୀ, ସର୍ବାଧିକ ୩୩.୭% କୃଷକ ୪୧-୫୦ବର୍ଷ ବୟସର ହୋଇଥିବା ବେଳେ ୩୩.୨% ୫୧-୬୦ବର୍ଷ ବୟସର। ଯେତେବେଳେ ଏହି ପିଢ଼ି ଅବସର ନେବାର ବୟସରେ ପହଞ୍ଚିଯିବେ ଏବଂ ପରବର୍ତ୍ତୀ ପିଢ଼ି ଚାଷ କରିବାକୁ ଚାହିଁବେ ନାହିଁ ସେତେବେଳେ ଖାଦ୍ୟ କେଉଁଠୁ ଆସିବ ବା କିଏ ଯୋଗେଇବ? କୃଷି ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଅନ୍ୟ ବୃତ୍ତିକୁ ଆପଣେଇ ନେଉଛନ୍ତି। ୨୦୧୭ ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ ପାଇଁ ଅଣ-ଲାଭକାରୀ ସଂସ୍ଥା 'ପ୍ରଥମ' ଦ୍ୱାରା ସର୍ବେକ୍ଷଣ କରାଯାଇଥିବା ୩୦,୦୦୦ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରୁ କେବଳ ୧.୨% ଯୁବକ କୃଷକ ହେବାକୁ ଆଗ୍ରହୀ। ଏଥିରୁ ଏହା ଅନୁମାନ କରାଯାଇପାରେ ଯେ ଆମେ ଏପରି ଏକ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛନ୍ତି, ଯେଉଁଠି କେବଳ ମୁଷ୍ଟିମେୟ କୃଷକ ହିଁ ରହିଥିବେ। ଯେଉଁ ଦେଶ ଦିନେ କୃଷି ପ୍ରାଧାନ୍ୟ ଦେଶ ଭାବେ ପରିଚିତ ଥିଲା, ସେଇଠି ଦିନ ଆସିବ କୃଷକ ହିଁ ନଥିବେ।

୨୦୧୧ଜନଗଣନା ଅନୁଯାୟୀ, ପ୍ରତିଦିନ ୨,୦୦୦ କୃଷକ ଚାଷ ଛାଡ଼ି ଦେଉଛନ୍ତି। ଚାଷରୁ ଆୟ ଏବେ ଗୋଟିଏ ପରିବାରର ମୋଟ ଆୟର ପ୍ରମୁଖ ସ୍ଥାନ ହରାଇ ସାରିଛି। ୧୯୭୦ ମସିହାରେ, ଏକ ଗ୍ରାମୀଣ ପରିବାରର ଆୟର ତିନି-ଚତୁର୍ଥାଂଶ କୃଷି ଉତ୍ସରୁ ଆସୁଥିଲା ବେଳେ ୪୫ବର୍ଷ ପରେ ୨୦୧୫ରେ ଏହା ଏକ-ତୃତୀୟାଂଶରୁ କମ୍। ଏହାବ୍ୟତୀତ ଯଦି ଆଜିକାଲିର ଯୁବସମାଜର ଆଗ୍ରହ ଓ ଚାହିଦାକୁ ବିଶ୍ଳେଷଣ କରାଯାଏ, ତେବେ ହାତରେ କାମ ଥିବାଠାରୁ ଅଧିକ ଗୁରୁତ୍ୱ ହେଲା ହାତରେ ସ୍ମାର୍ଟ ମୋବାଇଲ ଖଣ୍ଡେ ରହିବା। ନିଜେ ଚଳିବାକୁ ବା ପରିବାରକୁ ଚଳେଇବାକୁ ପକେଟରେ ପଇସା କିମ୍ବା ଘରେ ପଛେ ଦାନା ନଥିବ, ହେଲେ ୟୁଟ୍ୟୁବ୍ ଓ ରିଲସ୍‌ରେ ମନ ଥିବ। ଗାଁ ଗହଳିରେ ମଧ୍ୟ ବାପା-ଜେଜେବାପାଙ୍କ ଦ୍ୱାରା ଛାଡ଼ି ଯାଇଥିବା କିଛି ଚାଷ ଜମି ଥିବ; କିନ୍ତୁ ସେଇଠି ଫସଲ କରିବାକୁ କାହାରି ମନ ନଥିବ। ସେଇ ଚାଷଜମିରୁ ଫାଳେ ଫାଳେ ବିକି ଖାଇ ଜୀବନ ସାରିଦେଲେ ଗଲା! ଯାହାଫଳରେ, ୨୦୧୨-୧୩ ଆର୍ଥିକ ବର୍ଷ ସୁଦ୍ଧା ୧୪୦ ନିୟୁତ ହେକ୍ଟର ଜମି କୃଷି କ୍ଷେତ୍ର ଭାବେ ବ୍ୟବହାର ହେଉଥିବା ବେଳେ ଏବେ ତାହା ଛୋଟ ଛୋଟ ଖଣ୍ଡ ଜମିରେ ବିଭକ୍ତ ହୋଇଚାଲିଛି।

ସୀମାନ୍ତ ଜମି ଅଧିଗ୍ରହଣ ସଂଖ୍ୟା (ଏକ ହେକ୍ଟରରୁ କମ୍)୧୯୭୧ ରେ ୩୬ ନିୟୁତ ରୁ ୨୦୧୧ ରେ ୯୩ ନିୟୁତକୁ ବୃଦ୍ଧି ପାଇଛି। ସୀମାନ୍ତ ଓ କ୍ଷୁଦ୍ର ଜମିଗୁଡ଼ିକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାନ୍ତ୍ରିକୀକରଣ ଓ ଜଳସେଚନ କୌଶଳ ବ୍ୟବହାର କରିବାରେ ସମସ୍ୟା ଦ୍ୱାରା ଉତ୍ପାଦକତା ହ୍ରାସ ପାଉଛି। ତା'ଛଡ଼ା, କୃତ୍ରିମ ବା ରାସାୟନିକ ସାରର ବହୁଳ ବ୍ୟବହାର ହେତୁ ମାଟିର ଉର୍ବରତା ଧୀରେ ଧୀରେ କମି ଚାଲିଛି ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟାକ୍ଟେରିଆ, ଫଙ୍ଗସ୍ ଓ ଆର୍କିଆ ଭଳି ଅଣୁଜୀବ, ଦିନକୁ ଦିନ ହ୍ରାସ ପାଇଚାଲିଛି। ଫଳସ୍ୱରୂପ, ମୃତ୍ତିକା ମରୁଭୂମିକରଣ ଆଡ଼କୁ ଗତିକରୁଛି, ଯେଉଁଠାରେ ମୃତ୍ତିକାର ଉତ୍ପାଦନ ଓ ଉତ୍ପାଦକତା ହ୍ରାସ ପାଇଯାଉଛି। କାଳକ୍ରମେ ସେଇସବୁ ଜମି ପଡ଼ିଆ ପଡ଼ିବ ଏବଂ ଦେଖୁ ଦେଖୁ ସେଠାରେ ବାସଗୃହ ନିର୍ମାଣ ହୋଇଯିବ। ଏବେ ଚାଷ ଜମି ସବୁ ଶାଗମାଛ ମୂଲ୍ୟରେ ବିକ୍ରି ହୋଇଯାଉଛି ଏବଂ ସେଠାରେ ବଡ଼ ବଡ଼ ଅତ୍ୟାଧୁନିକ ଆପାର୍ଟମେଣ୍ଟ ଆଖିବୁଜା ନିର୍ମାଣ ଚାଲିଛି।

କୃଷିଯୋଗ୍ୟ ଜମିର ହ୍ରାସ ଫଳରେ ଫସଲ ଉତ୍ପାଦନ ହ୍ରାସ ପାଇବ, ଯାହାଫଳରେ ଖାଦ୍ୟ ଅଭାବ ଏବଂ ପରବର୍ତ୍ତୀ ସମୟରେ ଖାଦ୍ୟ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିବ। ଉତ୍ପାଦନରେ ଏହି ହ୍ରାସ ଖାଦ୍ୟ ମୂଲ୍ୟ ବୃଦ୍ଧି କରିପାରେ, ଯାହା ସ୍ୱଳ୍ପ ଆୟକାରୀ ପରିବାରର ମୌଳିକ ତଥା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି କରିବ। ଆଜି ଆମ ଆଳୁ-ପିଆଜ, ତେଲ-ଲୁଣ ସଂସାର ମହଙ୍ଗା ଭିଡ଼ରେ। ଚାଷଯୋଗ୍ୟ ଜମି ଯଦି ସଙ୍କୁଚିତ ହୋଇଯିବ ଏବଂ କୃଷକଙ୍କର ସଂଖ୍ୟା ହ୍ରାସ ପାଇ ଚାଲିବ, ତେବେ ବିବିଧ ଫସଲ ଅପେକ୍ଷା ଅଧିକ-ଉତ୍ପାଦିତ ମୁଖ୍ୟ ଫସଲକୁ ପ୍ରାଥମିକତା ଦିଆଯିବ, ଯାହାଫଳରେ ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ହ୍ରାସ ପାଇବ ଏବଂ କ୍ଷୁଧା ଓ ପୁଷ୍ଟିହୀନତା ବୃଦ୍ଧି ହେବ।

କୃଷି କ୍ଷେତ୍ର କେବଳ ମୁଖ୍ୟ ଶସ୍ୟର ଉତ୍ସ ନୁହେଁ, ବରଂ ଫଳ, ପନିପରିବା, ଡାଲି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଉତ୍ସ, ଯାହା ସନ୍ତୁଳିତ ଖାଦ୍ୟ ଯୋଗାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଖାଦ୍ୟ ଓ ପୋଷଣ, କୃଷି ସହିତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡ଼ିତ। ଆଜିର ଅତ୍ୟାଧୁନିକ ସମୟରେ ଯେତେବେଳେ ଖାଦ୍ୟ ଉତ୍ପାଦନ ପ୍ରମୁଖ ଭାବରେ ଜମିରେ ନ ହୋଇ କାରଖାନାରେ ହେଲାଣି, ଯାହାକୁ କୃଷକ ଉତ୍ପାଦନ ନ କରି ମେସିନ୍ ତିଆରି କରି ରଙ୍ଗୀନ ପ୍ୟାକେଟରେ ବିକ୍ରି କଲାଣି, ସେତେବେଳେ ଖାଦ୍ୟ, ପୋଷଣ ଓ ସ୍ୱାସ୍ଥ୍ୟ କେତେ ସୁରକ୍ଷିତ, ତାହା ଏକ ବଡ଼ ପ୍ରଶ୍ନ।

ଚାଷ ଜମିର ହ୍ରାସର ସାମାଜିକ-ଅର୍ଥନୈତିକ ପ୍ରଭାବ ମଧ୍ୟ ରହିଥାଏ। ସହରାଞ୍ଚଳର ବିକାଶ ଯୋଗୁଁ ଚାଷ ଜମିର ମୂଲ୍ୟ ବୃଦ୍ଧି ପାଉଥିବାରୁ କୃଷକମାନେ ଅର୍ଥ ଲୋଭରେ ସେମାନଙ୍କର ଜମି ବିକ୍ରି କରିଦେଉଛନ୍ତି, ଯାହାଦ୍ୱାରା ସେମାନେ ନିଜ ଜୀବିକାର ପ୍ରାଥମିକ ଉତ୍ସ ହରାଉଛନ୍ତି। ଏହା କେବଳ ସେମାନଙ୍କର ଆୟରେ ବାଧା ସୃଷ୍ଟି କରୁ ନାହିଁ, ବରଂ ଗ୍ରାମାଞ୍ଚଳ-ସହରାଞ୍ଚଳ ସ୍ଥାନାନ୍ତରଣକୁ ମଧ୍ୟ ବୃଦ୍ଧି କରୁଛି। ପରବର୍ତ୍ତୀ ସମୟରେ ସହରାଞ୍ଚଳର ଦାରିଦ୍ର୍ୟ, ସହରାଞ୍ଚଳର ବସ୍ତି ଓ ସହରର ଜନଗହଳି ପରି ସମସ୍ୟା ସୃଷ୍ଟି କରି ସହରର ସମ୍ବଳ ଉପରେ ଚାପ ପକାଉଛି। ତା'ଛଡ଼ା, ଏହା ପାରମ୍ପରିକ ଜ୍ଞାନ ଓ କୃଷି ଅଭ୍ୟାସର କ୍ଷତି ଘଟାଇବା ସହିତ ସାଂସ୍କୃତିକ ଐତିହ୍ୟର ଅବକ୍ଷୟ କରେ। ଶିଳ୍ପାୟନ ବା ବିକାଶ ନାଁରେ ଆମେ ଆଦିବାସୀଙ୍କ ଜମି ଅତିକ୍ରମଣକୁ ଉଦାହରଣ ରୂପେ ନେଇପାରିବା, ଯେଉଁଥିରେ ଆଦିବାସୀମାନେ ନିଜର କୌଳିକ ବୃତ୍ତି ଓ ମୌଳିକ ଜୀବିକା ହରାଉଛନ୍ତି ଏବଂ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ବେଳେବେଳେ ବିଷାକ୍ତ ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ ମଧ୍ୟ କରୁଛନ୍ତି।

ଯଦି ଆମେ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବାକୁ ଚାହୁଁ, ତେବେ କୃଷିକୁ ଲୁପ୍ତ ହେଉଥିବା ଏକ ବୃତ୍ତି ଭାବରେ ନୁହେଁ, ବରଂ ବଞ୍ଚିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ଭାବରେ ପୁନଃ ପରିକଳ୍ପନା କରିବା ଦରକାର। କିନ୍ତୁ ଅର୍ଥନୈତିକ ବିକାଶର ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ହେତୁ ଏହି ଦିଗରେ ଅନେକ ବାଧା, ବିଘ୍ନ ଓ ବିଳମ୍ବ ସୃଷ୍ଟି ହେଉଛି। ସେଥିପାଇଁ ଆବଶ୍ୟକ ରହିଛି ମଣିଷର ବ୍ୟବହାରରେ ସଂସ୍କାର ଆଣିବା। କରୋନା ମହାମାରୀ ଦେଇଥିବା ଶିକ୍ଷାରୁ ମଣିଷ ଯଦି ଏହା ଶିଖି ପାରିଲା ନାହିଁ ଯେ ବଞ୍ଚିବାକୁ ଧନ କେବଳ ଏକ ମାଧ୍ୟମ ଏବଂ ଖାଦ୍ୟ ଅତି ଜରୁରୀ ବୋଲି, ତେବେ ମଣିଷ ଏକ ସର୍ବବୃହତ ପ୍ରାଣୀ କିପରି? ଚାଷ ଜମି ହେଉ ବା ଘର ପଛପଟ ଛୋଟିଆ ବାଡ଼ି ହେଉ, ମାଟି ସହିତ ମଣିଷର ସମ୍ପର୍କ ଅତି ପୁରୁଣା ଓ ଦିବ୍ୟ। ସେଇ ସମ୍ପର୍କକୁ ବଜାୟ ରଖିଲେ ମଣିଷର ଆଗାମୀ ଦିନ ସୁଖମୟ ହୋଇପାରିବ ଓ ସେ ସ୍ଥାୟୀ ବିକାଶର ସ୍ୱାଦ ଚାଖିପାରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ଅଭିଶପ୍ତ ବୈଧବ୍ୟ

ଅବିନାଶ ଷଡ଼ଙ୍ଗୀ



ନିକଟରେ ଖବର ପାଲଟିଥିବା ପତିହନ୍ତା ସୋନମ ରଘୁବଂଶୀଙ୍କ ଭଳି କିଛି ନବବିବାହିତାଙ୍କ ପାଇଁ ନିଜ ହାତରେ ନିଜ ମଥାର ସିନ୍ଦୂର ପୋଛିବା ଏକ ଆଶୀର୍ବାଦ ହୋଇପାରେ; କିନ୍ତୁ ଏ ଦେଶର ଲକ୍ଷ ଲକ୍ଷ ମହିଳା କାଳଅକାଳରେ ସ୍ୱାମୀକୁ ହରାଇ ବିତାଉଥିବା ଜୀବନ କୌଣସି ଅଭିଶାପଠାରୁ କମ୍ ନୁହେଁ, ଯାହା ସମ୍ପୂର୍ଣ୍ଣ ରସହୀନ, ରଙ୍ଗହୀନ ଓ ଆଶ୍ରାହୀନ। ଏ ସମାଜରେ ବିଧବା ହୋଇ ବଞ୍ଚିବା ଯେ କେତେ ଦୁର୍ବିସହ ଓ କେଡ଼େ ବଡ଼ ଅଗ୍ନିପରୀକ୍ଷା ଯିଏ ବଞ୍ଚୁଛି ସେ ଜାଣିଛି। ଦିନେ ପରିବାର ପିଲାଛୁଆ ଶାଶୂଘର ଓ ସମାଜର ମେରୀଖୁଣ୍ଟ ହୋଇ ବଞ୍ଚୁଥିବା ମଣିଷ ହଠାତ୍ ଏକ ବିପନ୍ନ ଜୀବନ ଅତିବାହିତ କରେ। ଅଦରକାରୀ ଉପାଦାନ ଭଳି କେବେ ଘରର କୌଣସି ଏକ କୋଣରେ ତ କେବେ ଘରର ଆବର୍ଜନା ଭାବି କିଏ ତା'କୁ ବାହାରେ ଫୋପାଡ଼ି ଦିଏ। ପରିସ୍ଥିତି ବାମ ପାଲଟିଯାଏ। ନା ଥାଏ ରହିବା ଖାଇବା ପିନ୍ଧିବାର ଠିକଣା ନା ସାମାଜିକ ନିରାପତ୍ତା। ଯେଉଁଠି ପର ହାତଟେକାକୁ ଅନେଇବାକୁ ପଡ଼େ, ସେଠି ଦେହପା' ଭଲମନ୍ଦ କଥା କିଏ ପଚାରେ? ସମ୍ପତ୍ତି ବାଡ଼ି ଥାଇ ବି ସେ ନିଃସ୍ୱ! ମାଲିକ ହୋଇ ବି ସେ ଜାହିର କରିପାରେନି ମାଲିକାନାସ୍ୱତ୍ୱ।

କାହାକୁ ନା କାହାକୁ କେତେବେଳେ ବି ଏମିତି ନିଷ୍ଠୁର ସତ୍ୟକୁ ସାମ୍ନା କରିବାକୁ ପଡ଼ିପାରେ। ପରିସଂଖ୍ୟାନ ଜଣାଏ, ବିଶ୍ୱରେ ୨୫୭ ନିୟୁତ ବିଧବାଙ୍କ ମଧ୍ୟରୁ ଅଧାରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଛନ୍ତି। ୨୦୧୧ ମସିହା ଜନଗଣନାର ତଥ୍ୟ କହେ, ଭାରତରେ ଅଛନ୍ତି ୫୬ ନିୟୁତ ବିଧବା। ଏହି ସଂଖ୍ୟା ଭାରତରେ ବସବାସ କରୁଥିବା ମହିଳାଙ୍କର ୭-୮ ପ୍ରତିଶତ। ବୟସବର୍ଗକୁ ବିଶ୍ଳେଷଣ କଲେ ଜଣାଯାଏ, ୩୫-୩୯ ବର୍ଷ ଭିତରେ ୪.୬ ପ୍ରତିଶତ ନିଜ ସ୍ୱାମୀଙ୍କୁ ହରାଇ ଏକାକୀ ବଞ୍ଚୁଥିବା ବେଳେ ୪୫-୪୯ ବୟସ ବର୍ଗରେ ବେସାହାରା ହୋଇପଡୁଛନ୍ତି ୧୦.୮ ପ୍ରତିଶତ। ଜୀବନର ବୋଝ କିଛିମାତ୍ରାରେ ହାଲକା ହେବା ବୟସ ଅର୍ଥାତ୍ ୬୦-୬୯ବର୍ଷ ଭିତରେ ୪୦.୮ ପ୍ରତିଶତ ପତିଙ୍କୁ ହରାଇ ଅକଥନୀୟ ଓ ଦୟନୀୟ ପରିସ୍ଥିତିର ସାମ୍ନା କରୁଛନ୍ତି। ଆଉ ୮୦ ବର୍ଷ ଉପରେ ଏ ସଂଖ୍ୟା ସର୍ବାଧିକ ୮୬.୬ ପ୍ରତିଶତ। ଯଦିଓ ଏ ଗଣିତକୁ ନେଇ କେହି ଆଶ୍ଚର୍ଯ୍ୟଚକିତ ହେବେ ନି, ତଥାପି ସର୍ବାଧିକ ପ୍ରତିଶତ ବିଧବା ମହିଳା ଭାରତର ଗ୍ରାମାଞ୍ଚଳରେ ବାସ କରନ୍ତି।

ଯଦିଓ ପରିସ୍ଥିତିରେ କିଛିଟା ସୁଧାର ଆସିଛି, ତଥାପି ପିଲାଦିନୁ ଦେଖିଆସୁଛି ଅନେକ କିଛି ସାମାଜିକ ଧାର୍ମିକ ଓ ରୀତିନୀତିର କଟକଣା ଭିତରେ ବଞ୍ଚୁଛି ଗୋଟିଏ ମହିଳା। ପ୍ରଥମେ ତ ସ୍ୱାମୀର ମୃତ୍ୟୁ ପାଇଁ କେବେ ତା'ର ଉଚ୍ଚ କପାଳକୁ ଦାୟୀ କରାଯାଏ ତ କେବେ ତା'କୁ କିଏ ପିଶାଚୀ କହିବାକୁ ପଛାଏ ନାହିଁ। ଟୁପୁରୁଟାପୁରୁ କଥା, ନାନା କୁତ୍ସାରଟନା, ଅନେକ ପ୍ରକାରର ସାମାଜିକ କଟକଣା, କେବେ ଧଳାଶାଢ଼ିର ଚାପ, କେବେ ପର୍ବପର୍ବାଣିର କଟକଣା, ଘରକୋଣରେ ବଞ୍ଚିରହିବାର ବାଧ୍ୟବାଧତା ତା'କୁ ମାନସିକ ଯନ୍ତ୍ରଣା ଭିତରକୁ ଠେଲିଦିଏ। ସ୍ୱାମୀର ଘର ଓ ସମ୍ପତ୍ତି ଥାଇ ବି ସ୍ତ୍ରୀ ଅଧିକାର ହରାଏ। ୬୦ ପ୍ରତିଶତ ବିଧବାଙ୍କୁ ଉତ୍ତମ ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ଅଭାବରୁ କର୍ମନିଯୁକ୍ତି ମିଳେନି। ଯେବେ କାମ ମିଳେ ସେତେବେଳେ ଅନ୍ୟମାନେ ଏହା କହି ସେ ଅସହାୟ ମହିଳାଟିର ମନୋବଳ ଭାଙ୍ଗିଦିଅନ୍ତି ଯେ, 'ବିଧବା ଲୋକଟେ ସେ କ'ଣ ପାରିବ?'

ଏକଲାପଣର ପାଚେରି ଡେଇଁପାରୁ ନ ଥିବା ମହିଳାଟେ ମାନସିକ ବିଷାଦଗ୍ରସ୍ତ ହୁଏ, ଗୋଷ୍ଠୀଗତ ଓ ସାମାଜିକ ଅସହଯୋଗ ମାଡ଼ିଗୋଡ଼ାଏ। ଅଳ୍ପ ବୟସରେ ସିନ୍ଦୂର ଲିଭିଯାଇଥିବା ମହିଳାଟେ ଯଦି ସାହାରା ପାଇଁ ପୁନର୍ବିବାହ କରିବାର ସ୍ୱପ୍ନ ବି ଦେଖେ, ଏ ସମାଜ ତା'କୁ ଆଉ ନିଦରେ ଶୋଇବାର ସୁଯୋଗ ଦିଏନି। ସବୁଠୁ କଦର୍ଯ୍ୟ କଥା ସେ ଶୁଣେ ଯେବେ ପେଟରେ ପିଲା ଥିବା ଅବସ୍ଥାରେ ସ୍ୱାମୀର ମୃତ୍ୟୁ ହୋଇଯାଏ। କିଛି ଲୋକ କହିବେ ସରକାରୀସ୍ତରରେ ତା' ପାଇଁ ହଜାରେ ଟଙ୍କା ଭତ୍ତା ଏବଂ କେଇ କିଲୋ ଚାଉଳ, ମୁଣ୍ଡ ଗୁଞ୍ଜିବାକୁ ଆବାସ ଘରର ପ୍ରାବଧାନ ଅଛି। ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ବିଧବାଙ୍କ ପୁନର୍ବିବାହକୁ ଯୋଡ଼ା ଯାଇଛି। ଆଶ୍ରୟ ପାଇଁ ସ୍ୱଧାରଗୃହ ଅଛି। ସବୁ ଅଛି ଯେ, ହେଲେ ଖାତା କଲମରୁ କ୍ରିୟାନ୍ୱୟନ ସ୍ତରକୁ ଆସିବାକୁ ସାମର୍ଥ୍ୟ ଓ ଧୈର୍ଯ୍ୟ ଦରକାର।

ବ୍ୟାପକ ହୋହଲ୍ଲା ଭିତରେ ଜାତୀୟ ମାନବାଧିକାର ଆୟୋଗ ବିଧବାଙ୍କ ଦୁସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶାବଳୀ ପାଳନ କରବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯା' ଭିତରେ ବିଧବାଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟାବଳୀର ଏକତ୍ରୀକରଣ ସହ ଜିଲ୍ଲାସ୍ତରରେ ବିଧବା ପ୍ରକୋଷ୍ଠ ଗଠନ କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିବା କଥା କୁହାଯାଇଛି। ପର୍ଯ୍ୟାପ୍ତ ଆଶ୍ରୟସ୍ଥଳୀ ଖୋଲାଯିବା ସହ ନିୟମିତ ଯାଞ୍ଚ କରାଯିବାର ଆବଶ୍ୟକତାକୁ ସରକାର ଅନୁଭବ କରିଛନ୍ତି। ଉତ୍ତରାଧିକାରୀ ସୂତ୍ରରେ ମିଳିବାକୁ ଥିବା ସମ୍ପତ୍ତି ଓ ବୀମା ଇତ୍ୟାଦିର ପ୍ରାପ୍ତି ନିମନ୍ତେ ଆଇନଗତ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ କରାଯିବା ଦରକାର। ସେମାନଙ୍କ ମଧ୍ୟରେ ଅର୍ଥନୈତିକ ସାକ୍ଷରତା ବଢ଼ାଇବା ଜରୁରୀ। ପରବର୍ତ୍ତୀ ଜୀବନ ପାଇଁ ଜୀବିକା ଅର୍ଜନ ନିମିତ୍ତ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରାଯାଉ। ସାମାଜିକ ସାଂସ୍କୃତିକ କଟକଣା ବିରୋଧରେ ପ୍ରତିନିତି ନ ଲଢ଼ିବା ଭଳି ପରିବେଶ ସୃଷ୍ଟି ଦିଗରେ ପ୍ରଶାସନ ଦୃଷ୍ଟିଦେବା ଦରକାର। ସ୍ୱାସ୍ଥ୍ୟ ସଚେତନତା, ମାନସିକ ସ୍ୱାସ୍ଥ୍ୟର ସମୃଦ୍ଧି ଦିଗରେ ସବୁସ୍ତରରେ ଏକ ବାତାବରଣ ଅପେକ୍ଷାରେ ସେମାନେ।

ଆମେ ସମସ୍ତେ ଜାଣନ୍ତି ଜୀବନକୁ ନିଜ ହିସାବରେ ଜିଇ ହୁଏନା। ଯଦି ଦାୟିତ୍ୱବୋଧତା, ବାଧ୍ୟବାଧକତା ଓ ଭାବପ୍ରବଣତାର ଲୁଗା ହକାଳି ବା ପାଦରେ ଆଡ଼େଇ ଚେଷ୍ଟା କରାଯାଏ ହୁଏତ କାଳେ କିଏ ଜିଇ ପାରିବ। ଶୁଣିବାକୁ ସହଜ ଲାଗୁଥିଲେ ବି ଏସବୁ କିନ୍ତୁ ଦୁରୁହ। ତଥାପି ବୋଝ ବୋହି ବଞ୍ଚିବାକୁ ହେବ। ସମୟ ବଦଳିବ, ଲୋକ ହାତ ଛାଡ଼ିବେ, ପରିସ୍ଥିତି ଜଟିଳ ହେବ, ତଥାପି ଏ ଜୀବନ କିଛି ନୂଆ ଶିଖେଇବ।

ପାଣିକୋଇଲି(ଯାଜପୁର) ମୋ: ୯୮୫୩୦୦୯୯୬୮

## ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ନିକଟରେ ରାଜ୍ୟର କେତେକ ପ୍ରାନ୍ତରେ ଆମାଶୟ ଓ ହଇଜା ବ୍ୟାପକ ହେବାରୁ ଭୁବନେଶ୍ୱର ସମେତ କିଛି ନଗରପାଳିକା ପଥପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକ ଉପରେ କଟକଣା ଜାରିକରିଛନ୍ତି। ଖାଦ୍ୟ ପ୍ରସ୍ତୁତି ଓ ବିତରଣରେ କି କି ନିରାପଦ ପନ୍ଥାମାନ ଅନୁସରଣ କରାଯିବ ସେଥିରେ ତାହା ସୂଚୀତ କରାଯାଇଛି। କେତେକ ଦୋକାନକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏପ୍ରକାର କଟକଣା ସ୍ୱାଗତଯୋଗ୍ୟ। କାରଣ ସେଥିରେ ବିକ୍ରି ହେଉଥିବା ଖାଦ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଉପାଦାନ ବ୍ୟବହାର କରି ପ୍ରସ୍ତୁତ ହୋଇଥାଏ। ତେଣୁ ସେଗୁଡ଼ିକ 'ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର' ପାଲଟିବା ସ୍ୱାଭାବିକ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ, ସମଗ୍ର ଦେଶକୁ ଅକ୍ଟୋବହୁତ ପରିବ୍ୟାପ୍ତ।

ପ୍ରତିବର୍ଷ ବିଶ୍ୱରେ ଆମାଶୟରେ ମୃତ୍ୟୁବରଣ କରୁଥିବା ପ୍ରାୟ ୨ ନିୟୁତ ଲୋକଙ୍କ ମଧ୍ୟରୁ ୫୦ଲକ୍ଷ ପାଖାପାଖି ଭାରତୀୟ। ଖାଦ୍ୟବାହୀ ସଂକ୍ରମଣର ଏହାର ଅନ୍ୟତମ କାରଣ ବୋଲି ମନେ କରାଯାଏ। ବିଶେଷକରି ସହରାଞ୍ଚଳମାନଙ୍କରେ ଏଭଳି ଖାଦ୍ୟ ଦୋକାନ ଅଧିକ ସଂଖ୍ୟାରେ ଥାଏ। ଭୁବନେଶ୍ୱର ଭଳି ଏକ ମଧ୍ୟମ ଧରଣର ସହରରେ ଏଭଳି ରାସ୍ତାକଡ଼ ଦୋକାନ ସଂଖ୍ୟଶ ସାତ-ଆଠ ହଜାର ହେବ ବୋଲି ମନେକରାଯାଏ। ଏଗୁଡ଼ିକର ପ୍ରଧାନ ଗ୍ରାହକ ଅଟନ୍ତି ଛାତ୍ରଛାତ୍ରୀ, ଶ୍ରମଜୀବୀ ଏବଂ ନିମ୍ନ ଆୟକାରୀ ବର୍ଗର ଲୋକେ। ଏହାବ୍ୟତୀତ ରହିଛି ବହୁସଂଖ୍ୟକ ଦହିବରା-ଆଳୁଦମ୍, ଚାଟ୍, ଗୁପ୍‌ଚୁପ୍ ଆଦିର ଉଠାଦୋକାନ।

କିଛିବର୍ଷ ତଳେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ମାଇକ୍ରୋବାଇଓଲୋଜି ବିଭାଗ ଦ୍ୱାରା ଭୁବନେଶ୍ୱରର ପ୍ରଥପ୍ରାନ୍ତ ଜଳଖିଆ ଦୋକାନମାନଙ୍କରେ ପ୍ରସ୍ତୁତ ଖାଦ୍ୟଗୁଡ଼ିକର ମାନ ପରୀକ୍ଷା କରାଯାଇଥିଲା। ଜଣାପଡ଼ିଲା ଯେ ସେଥିମଧ୍ୟରୁ ଅଧିକାଂଶ ବିବିଧ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ, ବିଶେଷକରି 'ସାଲ୍‌ମୋନେଲା'ରେ। ଦୁନିଆର ସବୁଠାରୁ ବ୍ୟାପକ ସଂକ୍ରମଣକାରୀ ୫ଟି ରୋଗ ଜୀବାଣୁମାନଙ୍କ ତାଲିକାରେ ଏହାର ସ୍ଥାନ ଶୀର୍ଷରେ। 'ସାଲ୍ମୋନେଲା' ଏକ ଗ୍ରାମ୍-ପଜିଟିଭ୍ ଜୀବାଣୁ, ଯାହାକି ମଣିଷ ଏବଂ ପଶୁମାନଙ୍କଠାରେ ରୋଗ ସୃଷ୍ଟି କରେ। ସେଗୁଡ଼ିକ ଦ୍ୱାରା ବିଷାକ୍ତ ହୋଇଥିବା ଖାଦ୍ୟ ଖାଇଲେ ବାନ୍ତି, ଆମାଶୟ, ତଳିପେଟରେ ଯନ୍ତ୍ରଣା, ଜ୍ୱର, ନିର୍ଜଳାୟନ, ନିସ୍ତେଜତା ଆଦି ରୋଗ ହୋଇଥାଏ। ଆମ ଦେଶରେ ଆମାଶୟ, ବିଶେଷ କରି ଶିଶୁ ଆମାଶୟ ବ୍ୟାପକ ହେବାର ଏହା ଅନ୍ୟତମ ମୁଖ୍ୟ କାରଣ। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ତଥ୍ୟ ଅନୁସାରେ ପଥପ୍ରାନ୍ତର ଖାଦ୍ୟଗୁଡ଼ିକ ମଧ୍ୟରେ ସବୁଠାରୁ ସଂକ୍ରମଣକାରୀ ହେଲା ଦହିବରା, ଗୁପ୍‌ଚୁପ୍ ଓ ଚାଟ୍। ଏଥିରେ ପ୍ରବଳମାତ୍ରାରେ 'ସାଲ୍‌ମୋନନେଲା' ଥା'ନ୍ତି। ଏ ଖାଦ୍ୟଗୁଡ଼ିକର ମାନ ମଧ୍ୟ ଖୁବ୍ ନିକୃଷ୍ଟ। ଏହାର ପ୍ରସ୍ତୁତି ପାଇଁ ଅନେକ ସ୍ଥଳେ ବ୍ୟବହୃତ ହୋଇଥାଏ ଅଗରା ତେଲ, ହ୍ୱାଇଟ୍ ଅଏଲ୍ ଆଦି ଦ୍ୱାରା ଅପମିଶ୍ରିତ ତେଲ। ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଆମ ସମସ୍ତଙ୍କୁ ଜଣା। ପୁନଶ୍ଚ ଏଥିରେ ବାରମ୍ବାର ଖାଦ୍ୟ ଛାଣିବା ଫଳରେ ତାହା କଳା ଓ ବହଳିଆ ହୋଇଯାଏ। ତହିଁରେ ଥାଏ ପ୍ରଚୁର 'ଟ୍ରାନସ୍ ଫ୍ୟାଟସ୍', ଅଙ୍ଗାରକଣିକା ଇତ୍ୟାଦି, ଯାହାକି କର୍କଟ ରୋଗଠାରୁ ଆରମ୍ଭ କରି ହୃଦ୍‌ରୋଗ ଯାଏଁ ଅନେକ ରୋଗର କାରଣ। ବ୍ୟବହୃତ ଅଟା ଓ ବେସନରେ ଆମ୍ବ କୋଇଲି ଓ ତେନ୍ତୁଳି ମଞ୍ଜି ସମେତ ଆକର୍ଷଣୀୟ କରିବା ପାଇଁ ମିଶା ଯାଉଥିବା ରାସାୟନିକ ରଙ୍ଗ ଏବଂ ପରସା ଯାଉଥିବା ସସ୍‌ରେ ମିଶିଥିବା ପଚା କଖାରୁର ରସ, ଦହି ବରାର ଅପମିଶ୍ରିତ ଦହି ରୋଗସୃଷ୍ଟିକାରୀ। ଫାଷ୍ଟ୍‌ଫୁଡ୍ କଥା ନ କହିବା ଭଲ। ଏସବୁ ଖାଇବା ଲୋକେ ସାଧାରଣତଃ ସଂକ୍ରମଣ ଜନିତ ଏବଂ ଅଣ-ସଂକ୍ରମଣ ଜନିତ ବ୍ୟାଧିମାନଙ୍କର ଶିକାର ହୁଅନ୍ତି। ଏ ସମସ୍ୟାକୁ ଅଧିକ ଜଟିଳ କରିଥାଏ ସେଠାରେ ଥିବା ପିଇବା ପାଣି।

ଆମ ସରକାରଙ୍କ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ହେଲା ସମାଜର ନିମ୍ନ ଆୟକାରୀ ବର୍ଗଙ୍କୁ ଯଥେଷ୍ଟ ପରିମାଣରେ ଖାଦ୍ୟ ଓ ପୁଷ୍ଟି ଯୋଗାଇବା। ଏଥିପାଇଁ କେବଳ ଶସ୍ତା କିମ୍ବା ବିନା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଣ ଯଥେଷ୍ଟ ନୁହେଁ। ବଜାରରେ ଉପଲବ୍ଧ ଅନ୍ୟ ସମସ୍ତ ଖାଦ୍ୟ ପଦାର୍ଥର ମାନ ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଦରକାର। ପଥପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକର ନିୟନ୍ତ୍ରଣ ଏଦିଗରେ ପ୍ରଥମ ପଦକ୍ଷେପ ହେବା ଉଚିତ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିପତ୍ର ପାଇଁ ଲକ୍ଷେ ଟଙ୍କା ଲାଞ୍ଚ

# ଭିଜିଲାନ୍ସ ଜାଲରେ ସିଡିପିଓ, କିରାଣି

■ ରାୟଗଡ଼ା, ୨୩।୬ (ସମିସ): ଲାଞ୍ଚ ନେଇ ରାୟଗଡ଼ା ଜିଲ୍ଲା ବିଷମକଟକ ଶିଶୁ ବିକାଶ ସୁରକ୍ଷା ଅଧିକାରୀ(ସିଡିପିଓ) ସୁଶୀଳା ଶବର ଏବଂ ତାଙ୍କ କାର୍ଯ୍ୟାଳୟର କିରାଣୀ ତଥା ଆକାଉଣ୍ଟାଣ୍ଟ ରାମଚନ୍ଦ୍ର ପାତ୍ର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କୁର୍ଲି ପଞ୍ଚାୟତ ହିତେଶି ଗ୍ରାମର ଅଙ୍ଗନବାଡି କର୍ମୀ ପଦବୀ ପାଇଁ ସଦ୍ୟ ମନୋନୀତ ଡଙ୍ଗରିଆ ମହିଳା ସୀତା ୱାଡକାଙ୍କ ନିଯୁକ୍ତି ପାଇଁ ଦୁହେଁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସୂଚନା ଅନୁଯାୟୀ, ମାସକ ତଳେ ସୀତା ତାଙ୍କ ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ପଦବୀ ପାଇଁ ଆବେଦନ କରିଥିଲେ। ଜୁନ୍ ୨୦ରେ ସୀତାଙ୍କ ସ୍ୱାମୀ ଲାଲୁ ସିକକା ବିଷମକଟକ ସିଡିପିଓଙ୍କ କାର୍ଯ୍ୟାଳୟରେ ନିଯୁକ୍ତିର ସ୍ଥିତି ବିଷୟରେ ପଚାରିବାରୁ ତାଙ୍କୁ ଲାଞ୍ଚ ମଗାଯାଇଥିଲା। ସେଦିନ କିରାଣୀ ଶ୍ରୀ ପାତ୍ର ତାଙ୍କଠାରୁ ଫୋନ୍-ପେ'ରେ ୨୦ ହଜାର ଟଙ୍କା ନେଇଥିଲେ। କିନ୍ତୁ ଚାକିରି ପାଇଁ ପୁଣି ୮୦ହଜାର ଟଙ୍କା ମାଗିବାରୁ ସୀତା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଦୁହିଁଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ଆଜି କୁମ୍ଭାରୀଢ଼ାମୁଣି ଛକରେ ଲାଲୁଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ସିଡିପିଓ ଶ୍ରୀମତୀ ଶବର ଏବଂ କିରାଣୀ ଶ୍ରୀ ପାତ୍ର ଗିରଫ କରିଥିଲେ। ଦୁହିଁଙ୍କଠାରୁ କେମିକାଲ ପ୍ରଲୋପବୋଳା ଲାଞ୍ଚ ଟଙ୍କା ଜବତ କରାଯିବା ସହ ଗିରଫ କରାଯାଇଛି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଦୁହିଁଙ୍କ ଘର ଉପରେ ଏକକାଳୀନ ଚଢ଼ଉ କରିଛି।

ଉଲ୍ଲେଖଯୋଗ୍ୟ, କିରାଣୀ ଶ୍ରୀ ପାତ୍ର ପୂର୍ବରୁ ରାୟଗଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ନାଜିର ଭାବେ କାର୍ଯ୍ୟରତ ଥିଲେ। ସେତେବେଳେ ଜାଲ କାଗଜପତ୍ର ବ୍ୟବହାର କରି ସେ ସରକାରୀ ପାଣ୍ଠିର ଅପବ୍ୟବହାର କରିଥିବା ନେଇ ଭିଜିଲାନ୍ସ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଏବେ ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ ବିଚାରାଧୀନ ରହିଛି।

## ■ ଶିମିଳିପାଳ ବାଘ ଏନକ୍ଲୋଜର ପାଇଁ ଆଦିବାସୀଙ୍କୁ ପୂଜାସ୍ଥଳୀ ବାରଣ ପ୍ରସଙ୍ଗ

# ରାଜ୍ୟ ଓ କେନ୍ଦ୍ରକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୨୩।୬ (ସମିସ): ଶିମିଳିପାଳ ଜଙ୍ଗଲରେ ବାଘୁଣୀ ଜିନ୍ନତ ପାଇଁ ଏନକ୍ଲୋଜର ନିର୍ମାଣ କରାଯିବା ହେତୁ ଏହା ସନ୍ନିକଟ ପୂଜାସ୍ଥଳକୁ ଯିବାକୁ ଆଦିବାସୀଙ୍କୁ ଅନୁମତି ପ୍ରଦାନ କରାନଯିବା ପ୍ରସଙ୍ଗରେ ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଦାୟର ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ। ସ୍ଥାନୀୟ ବାସିନ୍ଦା ତଥା ମୁଣ୍ଡା ସମ୍ପ୍ରଦାୟର ନନ୍ଦି ହୋ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ପ୍ରତିପକ୍ଷ ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ। ଆବେଦନକାରୀ ଦର୍ଶାଇଛନ୍ତି ଯେ,ସେମାନେ ଶିମିଳିପାଳ ଯମୁନାଗଡ଼ ଅଞ୍ଚଳର ମୂଳ ବାସିନ୍ଦା। ସେଠାରୁ ସେମାନେ ବିସ୍ଥାପିତ ହୋଇଥିଲେ ସୁଦ୍ଧା ଜଙ୍ଗଲ ଭିତରେ ଥିବା ସେମାନଙ୍କ ଗ୍ରାମର ନିର୍ଦ୍ଦିଷ୍ଟ ପୂଜାସ୍ଥଳ(ଜୟିରା)କୁ ଯାଇ ପାରମ୍ପରିକ ରୀତିନୀତିରେ ପୂଜା କରିଆସୁଥିଲେ। ହେଲେ ଶିମିଳିପାଳକୁ ସ୍ଥାନାନ୍ତର ହୋଇଥିବା ବାଘୁଣୀ ଜିନ୍ନତର ଏନକ୍ଲୋଜର୍ ପାଇଁ ସେମାନଙ୍କୁ ଆଉ ଅନୁମତି ମିଳିନଥିଲା। ପାରମ୍ପରିକ ରୀତିନୀତି ସମ୍ପନ୍ନ ସେମାନଙ୍କ ପୂଜାସ୍ଥଳକୁ ଭଙ୍ଗାଯାଇ ସେଠାରେ ବାଘୁଣୀ ଜିନ୍ନତ ପାଇଁ ଏନକ୍ଲୋଜର ସମ୍ପ୍ରସାରଣ କରାଯାଉଛି। ଏପରିକି, ବାଘ ସ୍ଥାନାନ୍ତର ସମ୍ପର୍କରେ ସେମାନଙ୍କ ପରାମର୍ଶ ନିଆଯାଉନି କିମ୍ବା କିଛି ଅବଗତ କରାଯାଉନାହିଁ। ଅନ୍ୟପଟରେ ଆଦିବାସୀଙ୍କ ଜଙ୍ଗଲ ଅଧିକାରର ଉଲ୍ଲଙ୍ଘନ ହେଉଥିବା ଦର୍ଶାଇ ସମ୍ପୃକ୍ତ ପୂଜାସ୍ଥଳକୁ ଯିବା ପାଇଁ ଅନୁମତି ଲୋଡି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଜଣିକିଆ ବିଚାରପତି ବାଘ ଏନକ୍ଲୋଜର ପାଇଁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା କାରଣରୁ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ସମ୍ପୃକ୍ତ ବାସିନ୍ଦା ସେମାନଙ୍କ ଅଧିକାର କ୍ଷୁଣ୍ଣ ହେଉଥିବାରୁ ଏହି ଆଦେଶ ବିରୋଧରେ ଦୁଇ ଜଣିଆ ଖଣ୍ଡପୀଠରେ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଫରାଜ ସୁହେଲ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ଜୁଲାଇ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟଧାର୍ଯ୍ୟ ହୋଇଛି।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଅନୁଗୋଳ, ୨୩।୬ (ସମିସ): ଅନୁଗୋଳ ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ଘଟଣାର ଆଜି ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଆଡହକ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ମାମଲାର ବିଚାର କରି ଦୋଷୀକୁ ୨୦ ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ କିଶୋରନଗର ଥାନା ତୁରୁଡ଼ା ଗ୍ରାମର ପ୍ରଜାରଞ୍ଜନ ରାଉଳ ଓରଫ୍ ରାଜା।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଘରେ ଏକାକୀ ଥିବା ବେଳେ ପ୍ରଜାରଞ୍ଜନ ତାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିଲା। ଯିବାବେଳେ ନାବାଳିକାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା ଏବଂ ଘରେ ଥିବା ୨ଲକ୍ଷ ଟଙ୍କା ନେଇଯାଇଥିଲା। ଏସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘନଉଛି ବିଶ୍ୱଯୁଦ୍ଧ...

ସେନା ରହିଛନ୍ତି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହାର ପରମାଣୁ କେନ୍ଦ୍ର ଉପରେ ଆମେରିକା ଆକ୍ରମଣର ଜବାବ ଦିଆଯାଇଛି। ଇରାନର ପରମାଣୁ କେନ୍ଦ୍ର ଉପରେ ଯେତେ ପରିମାଣର ବୋମା ଆମେରିକା ପକାଇଥିଲା, କତର ରାଜଧାନୀ ଦୋହା ନିକଟବର୍ତ୍ତୀ ଆମେରିକା ବାୟୁସେନା ଘାଟି ଉପରେ ଇରାନ ସେତିକି ପରିମାଣର ବୋମା ପକାଇଛି। ଏହି ଆକ୍ରମଣ ସଫଳ ହୋଇଥିବା ଇରାନ ପକ୍ଷରୁ ଘୋଷଣା କରାଯାଇଛି।

ଅନ୍ୟପକ୍ଷରେ କତର ପକ୍ଷରୁ କୁହାଯାଇଛି ଯେ ଇରାନର କ୍ଷେପଣାସ୍ତ୍ରଗୁଡ଼ିକୁ ଆକାଶରେ ହିଁ ନିଷ୍କ୍ରିୟ କରିଦିଆଯାଇଛି। ତେବେ ଇରାନର ଏଭଳି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନୂଆମୋଡ଼ ଦେବା ଏବଂ ଅଧିକ ଅଞ୍ଚଳକୁ ବ୍ୟାପିବାର ଆଶଙ୍କା ଦେଖାଦେଇଛି।

ମସ୍କୋରେ ଇରାନର ବୈଦେଶିକ ମନ୍ତ୍ରୀ କଥାବାର୍ତ୍ତା ଚଳାଇଥିବା ବେଳେ ଏହି ଆକ୍ରମଣ ହୋଇଛି। ଇରାନ ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ହ୍ୱାଇଟ୍ ହାଉସରେ ଜରୁରୀ ବୈଠକ ଡାକି ସେନା କମାଣ୍ଡରମାନଙ୍କ ସହିତ ବିଚାରବିମର୍ଶ ଚଳାଇଛନ୍ତି। ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆମେରିକା ପୁଣି ଆକ୍ରମଣ କରିପାରେ ବୋଲି କୁହାଯାଉଛି।

ଏହାପୂର୍ବରୁ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରି ସିରିଆରେ ଥିବା ଆମେରିକୀୟ ସାମରିକ ଘାଟିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ସିରିଆର ପଶ୍ଚିମ ପ୍ରାନ୍ତର ହାସାକା ପ୍ରଦେଶରେ ଅବସ୍ଥିତ ଆମେରିକୀୟ ଘାଟି ଉପରେ ଇରାନ୍ ପ୍ରଚଣ୍ଡ ଆକ୍ରମଣ କରିଛି। ସେହିପରି ଇରାନ୍ ଆମେରିକାରେ ନିଜର ସ୍ଲିପର ସେଲ୍‌କୁ ସକ୍ରିୟ କରିଥିବା ସୂଚନା ମିଳିବା ପରେ ନ୍ୟୁୟର୍କ ସହରରେ ହାଇଆଲର୍ଟ ଜାରି କରାଯାଇଛି।

ଅନ୍ୟପକ୍ଷରେ ଉଭୟ ଇରାନ୍ ଓ ଇସ୍ରାଏଲ୍ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଇରାନ୍‌ର ବିଭିନ୍ନ ବିମାନବନ୍ଦର ଓ ସାମରିକ ଘାଟି ଉପରେ ଆକ୍ରମଣ କରି ଇସ୍ରାଏଲ୍ ୧୫ ଲଢୁଆ ବିମାନ ଧ୍ୱଂସ କରିଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଇରାନର ପଶ୍ଚିମ, ପୂର୍ବ ମଧ୍ୟଭାଗରେ ଥିବା ୬ଟି ସାମରିକ ବିମାନବନ୍ଦର ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଏହି ଆକ୍ରମଣରେ ରନୱେ ଓ ଭୂତଳ ବଙ୍କରରେ ଥିବା ପ୍ରାୟ ୧୫ଟି ଏଫ୍-୧୪, ଏଫ୍-୫ ଓ ଏଏଚ୍-୧ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଏହା ସହିତ ବିମାନଗୁଡ଼ିକରେ ଆକାଶରେ ଇନ୍ଧନ ଭର୍ତ୍ତି କରୁଥିବା ଅନ୍ୟଏକ ସାମରିକ ବିମାନ ମଧ୍ୟ ଧ୍ୱଂସ ପାଇଛି। ଇରାନ୍ ଏହି ବିମାନଗୁଡ଼ିକୁ ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ବ୍ୟବହାର କରୁଥିବା ସୂଚନା ପାଇ ଆଇଡିଏଫ୍ ସମ୍ପୃକ୍ତ ବିମାନକୁ ନିଶାଣ କରିଥିବା ସୂଚନା ଦେଇଛି। ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନର ଏହି ସାମରିକ ବିମାନବନ୍ଦରଗୁଡ଼ିକରୁ ବର୍ତ୍ତମାନ ସମୟରେ ଆଉ କୌଣସି ଉଡ଼ାଣ ସମ୍ଭବ ହୋଇପାରିବ ନାହିଁ। ଇସ୍ରାଏଲ୍ ଆକ୍ରମଣରେ ଇରାନର ପରମାଣୁ ବୈଜ୍ଞାନିକ ଓ ଅନ୍ୟ ସେନା ରଣନୀତିଜ୍ଞମାନଙ୍କୁ ତାଲିମ୍ ଦିଆଯାଉଥିବା ସାହିଦ୍ ବେହେସ୍ତି ବିଶ୍ୱବିଦ୍ୟାଳୟ ମଧ୍ୟ ବିପୁଳ କ୍ଷତିଗ୍ରସ୍ତ ହୋଇଛି।

ଅନ୍ୟପକ୍ଷରେ ଇରାନ ଆକ୍ରମଣରେ ଇସ୍ରାଏଲ୍ ସହରଗୁଡ଼ିକ ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ଇରାନ ଗଣମାଧ୍ୟମ ନୂର ନ୍ୟୁଜ ଦାବି କରିଛି। ଇସ୍ରାଏଲ୍ ମଧ୍ୟ ଇରାନର ଆକ୍ରମଣକୁ ସ୍ୱୀକାର କରିଛି। ଇରାନ୍ ଇସ୍ରାଏଲ୍‌ର ଉତ୍ତରଭାଗରେ ଅନେକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ରୋକିବା ନିମନ୍ତେ ଇସ୍ରାଏଲ୍ ସେନା ଇଣ୍ଟରସେପ୍ଟର ବ୍ୟବସ୍ଥାକୁ ସକ୍ରିୟ କରିଛି ଓ ସାଧାରଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ଇରାନ୍ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ସହ ଇରାନ୍ ସମସ୍ତ ସମ୍ପର୍କ ଛିନ୍ନ କରିଥିବା ଘୋଷଣା କରିଛି। ଏହା ସହିତ ରୁଷ ରାଷ୍ଟ୍ରପତି ପୁତିନଙ୍କୁ ଚିଠି ଲେଖି ସହଯୋଗ କରିବା ପାଇଁ ଇରାନ୍ ଅନୁରୋଧ କରିଛି।

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧ ଚାଲିଥିବାବେଳେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ମଧ୍ୟ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ଇସ୍ରାଏଲ୍ ଖୋଲାଖୋଲି ସମର୍ଥନ କରି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିବାବେଳେ ଇରାନ୍ ଏହାର ପ୍ରତିବାଦ କରିଛି। ମିଛ ବାହାନା କରି ଇରାନ୍ ଉପରେ ଆମେରିକା ଆକ୍ରମଣ କରିଛି ଓ ଇସ୍ରାଏଲ୍ ମିଛ କହି ଆମେରିକାକୁ ଯୁଦ୍ଧରେ ସମ୍ପୃକ୍ତ କରିଛି ବୋଲି ଇରାନ୍ ଅଭିଯୋଗ କରିଛି।

## କ୍ରାଇମ୍‌ବ୍ରାଞ୍ଚ ହାତରେ...

କ୍ରାଇମ୍ ସିନ୍ ସିସିଟିଭିରେ କଏଦ ହୋଇଥିବା ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଯଥେଷ୍ଟ ପ୍ରମାଣ ରହିଛି। କଠୋରରୁ କଠୋର ଦଣ୍ଡ ପାଇଁ ସବୁ ପ୍ରୟାସ ହେବ। ଘଟଣାକୁ ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ। ଏହି ଘଟଣାରେ ପୋଲିସ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କର ମୋବାଇଲ୍ ଜବତ କରି ଫରେନ୍‌ସିକ ଲ୍ୟାବ୍‌କୁ ପଠାଯାଇଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ।

ଅତିରିକ୍ତ ଡିଜି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଛନ୍ତି ଯେ ଏହି ଘଟଣାର ପ୍ରତ୍ୟେକ ଦିଗ ଉପରେ ନଜର ରଖାଯାଇଛି ଏବଂ ପ୍ରମାଣ ସଂଗ୍ରହ କରାଯାଉଛି। ଡିଜିଟାଲ ଏଭିଡେନ୍ସର ତାକୁ ତର୍ଜମା କରାଯିବ। ଘଟଣାରେ ଯାହାବି ଡିଜିଟାଲ ପ୍ରମାଣ ରହିଛି ସେସବୁର ତଥ୍ୟ ଖୋଜାଯାଉଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଜବତ ହୋଇଛି। ସେସବୁର ଯାଞ୍ଚ କରାଯାଉଛି। ଫରେନସିକ ଟିମ୍ ସେସବୁ ମୋବାଇଲରେ ଘଟଣା ଦିନର କିଛି ପ୍ରମାଣ ରହିଛି କି ନାହିଁ, ତାହାର ଯାଞ୍ଚ କରୁଛନ୍ତି। ଅଧିକ ଡିଜିଟାଲ ପ୍ରମାଣ ସଂଗ୍ରହ ପାଇଁ ଚେଷ୍ଟା କରୁଛନ୍ତି। କେବଳ ଅଭିଯୁକ୍ତଙ୍କ ମୋବାଇଲ ନୁହେଁ, ଘଟଣା ସ୍ଥଳକୁ ଯିବା ଆସିବା ସମୟରେ ବା ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ସଂଗ୍ରହ ହେଉଛି। ଘଟଣାର ପୂର୍ବର ଫୁଟେଜ ମଧ୍ୟ ସଂଗ୍ରହ ହୋଇଛି ଓ ଘଟଣାର ପରର ଫୁଟେଜ ସଂଗ୍ରହ କରାଯାଉଛି। ଏପରିକି ସେହି ସମୟରେ ଅଭିଯୁକ୍ତମାନେ କେଉଁଠ, କେଉଁ ଲୋକେସନରେ ଥିଲେ ସେମାନଙ୍କ ଗତିବିଧି ସଂପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। କାରଣ ଏହି ଘଟଣା ପ୍ରାୟ ଦେଢ଼ଘଣ୍ଟାରୁ ଅଧିକ ସମୟ ଘଟିଥିଲା। ଏଯାବତ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କର ଡିଏନ୍ଏ ମଧ୍ୟ ସଂଗ୍ରହ କରାଯାଇଛି। ଅଭିଯୁକ୍ତମାନଙ୍କୁ ପର୍ଯ୍ୟାୟ କ୍ରମେ ପଚରାଉଚରା କରାଯିବ। ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଅଣାଯିବ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାଲାଗି ତଥ୍ୟ ସମସ୍ତ ସଂଗ୍ରହ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତମାନଙ୍କ ଟିଆଇ ପରେଡ ହୋଇଥିବା ବେଳେ ସମସ୍ତଙ୍କୁ ଚିହ୍ନଟ କରିଥିଲେ ପୀଡିତା। ଗୋପାଳପୁର ଗଣଦୁଷ୍କର୍ମର ୧୦ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ। ୩ ଜଣ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଏବଂ କୁନାଲ ପ୍ରଧାନ। ୪ ନାବାଳକଙ୍କୁ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି କହିଥିଲେ ବ୍ରହ୍ମପୁର ଏସପି।

## ଦିଲ୍ଲୀ ଯୁବତୀଙ୍କୁ...

ନୁହେଁ ବୋଲି କିଛି ଦିନ ତଳେ ନିଜ ନାଗରିକଙ୍କ ପାଇଁ ଆମେରିକା ଜାରି କରିଥିବା ନିର୍ଦ୍ଦେଶାବଳୀକୁ ଏହି ଘଟଣା ସତ ପ୍ରମାଣିତ କରିଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାନୁଯାୟୀ, ଗତ ୨୧ ତାରିଖରେ ସୁମିତ୍ରାଙ୍କ ବାପାଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେବା ପାଇଁ ଲିଜା ତାଙ୍କ ସହ ଗାଁକୁ ଆସିଥିଲେ। ଗତକାଲି ଦୁହେଁ ବିରଜା ମନ୍ଦିର ବୁଲି ଯାଇଥିଲେ। ଦର୍ଶନ ସାରି ଦୁହେଁ ଯାଜପୁର ବସ୍‌ଷ୍ଟାଣ୍ଡରୁ ଏକ ଘରୋଇ ବସ୍‌ରେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ସେମାନେ ନନ୍ଦିପୁର ଛକ ନିକଟ ଭଦ୍ରକ ପଡ଼ିଆ ଛକରେ ଓହ୍ଲାଇ ସମ୍ପର୍କୀୟଙ୍କୁ ଅପେକ୍ଷା କରିଥିଲେ। ସେତିକିବେଳେ ନିକଟସ୍ଥ ପାଟଣାସାହିର ୨ ଯୁବକ ଅନୀଲ ଯେନା ଓ ନୀତେଶ ଯେନା ଦୁହିଁଙ୍କୁ ଅସଦାଚରଣ କରିଥିଲେ। ଅଶ୍ଳୀଳ ଇଙ୍ଗିତ କରିବା ସହ ଉଭୟଙ୍କୁ ଟଣାଓଟରା କରିଥିଲେ। ଏହି ସମୟରେ ସୁମିତ୍ରାଙ୍କ ସମ୍ପର୍କୀୟ ୩ ଭାଇ ସେଠାରେ ପହଞ୍ଚି ଯାଇଥିଲେ। ସେମାନେ ଅଭିଯୁକ୍ତଦ୍ୱୟଙ୍କୁ ବିରୋଧ କରିଥିଲେ। ଏଥିରେ ରାଗିଯାଇ ଅନୀଲ ଓ ନୀତେଶ ସେମାନଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ବାଇକ୍‌କୁ ଭାଙ୍ଗି ଦେଇଥିଲେ। ତେବେ ଭୟରେ ସମସ୍ତେ ବଡ଼ ପାଟିରେ ଚିତ୍କାର କରିବାରୁ ଅଭିଯୁକ୍ତଦ୍ୱୟ ଘଟଣାସ୍ଥଳରୁ ପଳାଇଥିଲେ। ଅଭିଯୁକ୍ତଙ୍କ ଆକ୍ରମଣରେ ଜଣେ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

ପରେ ଏ ସଂପର୍କରେ ସେମାନେ ରାତି ପ୍ରାୟ ୧୧ଟାରେ ଦଶରଥପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ସେଠାରେ ପୁଲିସ୍‌ର ଆଚରଣ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଅଭିଯୋଗକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ପୁଲିସ୍ ନାନା ଆଳ ଦେଖାଇ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ଥାନାର ଜଣେ କର୍ମଚାରୀ କହିଥିଲେ, 'ଏବେ ଥାନାଧିକାରୀ ପୁରୀ ଡ୍ୟୁଟିରେ ପଳାଇଛନ୍ତି। ତୁମେ ଘରକୁ ଯାଅ କ'ଣ ହୋଇପାରିବ ଦେଖିବା'। ତେବେ ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ ପୁଲିସ୍ କୌଣସି ପଦକ୍ଷେପ ନ ନେବାରୁ ଆଜି ପୁଣିଥରେ ଯୁବତୀଦ୍ୱୟ ଥାନାକୁ ଯାଇଥିଲେ। କିନ୍ତୁ, ସେଠାରେ ପୁଲିସ୍ ପୁଣି ସେମାନଙ୍କୁ ନିରାଶ କରିଥିଲା। 'ଥାନାରେ କେହି ଅଧିକାରୀ ନାହାନ୍ତି, ଏଟା ଗତକାଲିର ଘଟଣା, କାଲିର ଡିସିଓ ଥିବା ରାଇବେରି ସୋରେନ ମ୍ୟାଡମ୍ ଆସିଲେ ଆପଣମାନେ ତାଙ୍କୁ ଦେଖା କରିବେ'; ଏମିତି କହି ଦୁହିଁଙ୍କୁ ଦୀର୍ଘ ସମୟ ଧରି ଥାନାରେ ବସାଇଥିଲେ। ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ଥାନାରେ ପହଞ୍ଚିବାରୁ ଏସ୍‌ଆଇ ରାଇବେରୀ ସୋରେନ ୨ ଯୁବତୀଙ୍କୁ ପଚରାଉଚରା କରି ଘଟଣା ସଂପର୍କରେ ବୁଝିଥିଲେ। ୨ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ଅପରପକ୍ଷେ, ଏହି ଘଟଣା ଜାଣିବା ପରେ ଯାଜପୁର ବିଧାୟିକା ସୁଜାତା ସାହୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳପୁର ଥାନା ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଏବଂ ଖୁବ୍‌ଶୀଘ୍ର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିଧାୟିକାଙ୍କୁ କହିଥିବା ଜଣାଯାଇଛି।

## ଦ୍ରୁତ ଆରୋଗ୍ୟ ଲାଭ...

ତୁରନ୍ତ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ପ୍ରେମ୍ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପଟେ ନବୀନଙ୍କ ଚିକିତ୍ସା ବ୍ୟବସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ଆସନ୍ତାକାଲି ୧୨ଟା ସୁଦ୍ଧା ନବୀନଙ୍କୁ ଆଇସିୟୁରୁ ସାଧାରଣ ରୁମ୍‌କୁ ସିଫ୍ଟ କରାଯିବ। ବର୍ତ୍ତମାନ ନବୀନ ଚାଲୁଛନ୍ତି, ସାଧାରଣ ଖାଦ୍ୟ ଖାଉଛନ୍ତି ଏବଂ ଭଲ ଭାବେ କଥାବାର୍ତ୍ତା ମଧ୍ୟ କରୁଛନ୍ତି। ସାଧାରଣ ରୁମ୍‌କୁ ଆସିବାର ୩ରୁ ୪ ଦିନ ଭିତରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ। ସେ ପୂରା ନର୍ମାଲ ଅଛନ୍ତି। ଫିଜିଓଥେରାପି ଚାଲିଛି। ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ସବୁ ନର୍ମାଲ ଥିବାରୁ ଆଜି ତାଙ୍କ ଦେହରୁ ଆର୍ଟେଲିଆର ଲାଇନ ଓ ଇସିଜି ବାହାର କରି ଦିଆଯାଇଛି ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ରବିବାର ନବୀନ ପଟ୍ଟନାୟକଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି।

## ଇଣ୍ଡିଆ ମେଣ୍ଟ...

ଏହି ଆସନ ଖାଲିପଡ଼ିଥିଲା। ତେବେ ଭିସାବଦାରରେ ଆପ୍ ଏବଂ ବିଜେପି ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ୨୦୦୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଆସନ ହାତେଇ ପାରିନାହିଁ ବିଜେପି। ତେଣୁ ଏଥର ଜିତିବା ଲାଗି ସବୁ ପ୍ରକାର ଶକ୍ତି ଖଟାଇଥିଲା ଦଳ। ତେବେ ଗୁଜରାଟର କାଡ଼ି ଆସନରେ ବିଜେପି ପ୍ରାର୍ଥୀ ରାଜେନ୍ଦ୍ର ଚାବଡା ୩୯ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ରାମେଶ ଚାବଡ଼ାଙ୍କୁ ପରାସ୍ତ କରିଛନ୍ତି।

ଅନ୍ୟପକ୍ଷରେ ଏହି ଉପନିର୍ବାଚନରେ ସମସ୍ତଙ୍କର ନଜର ରହିଥିଲା ପଶ୍ଚିମବଙ୍ଗ ଏବଂ କେରଳ ଉପରେ। ଆସନ୍ତାବର୍ଷ ଏହି ଦୁଇ ରାଜ୍ୟ।।ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଦୁଇଟି ଆସନ।।ରେ ଉପନିର୍ବାଚନ ହୋଇଥିଲା। ପଶ୍ଚିବଙ୍ଗର କାଲିଗଞ୍ଜ ଆସନରେ ଶାସକ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଅଲିଫା ଅହମ୍ମଦ ବିଜୟୀ ହୋଇଛନ୍ତି। ସେ କଂଗ୍ରେସ ପ୍ରାର୍ଥୀଙ୍କୁ ୫୦ ହଜାରରୁ ଅଧିକ ଭୋଟରେ ହରାଇଛନ୍ତି। ସେହିଭଳି କେରଳର ନିଲାମ୍ବୁର ଆସନରେ କଂଗ୍ରେସ ପ୍ରାର୍ଥୀ ଆର୍ଯ୍ୟଦନ ସୌକଥ ନିର୍ବାଚିତ ହୋଇଛନ୍ତି। ସେ କ୍ଷମତାସୀନ ସିପିଏମ୍ ପ୍ରାର୍ଥୀ ଏମ୍ ସ୍ୱରାଜଙ୍କୁ ୧୧ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ଏହି ଆସନଟି ୱାୟନାଡ଼ ଲୋକସଭା ଆସନ ଅଧୀନରେ ଆସୁଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଏଠାରୁ ସାଂସଦ ଅଛନ୍ତି। ଏହି ଉପନିର୍ବାଚନ ତାଙ୍କ ଲୋକପ୍ରିୟତାର ପରୀକ୍ଷା ଥିଲା ବୋଲି କୁହାଯାଉଛି।

## ତାତିଲା ଦଳିତ...

ଅନୁଷ୍ଠିତ ହୋଇଥିଲା। ଏହି ଘଟଣାକୁ ନେଇ ସଂଗଠନ ଆଗାମୀ ଦିନରେ ଜିଲ୍ଲାପାଳ, ଏସ୍‌ପି ଓ ଆର୍‌ଡିସିଙ୍କୁ ଭେଟିବ ବୋଲି ନିଷ୍ପତ୍ତି ନେଇଛି। ମହାସଭା ପକ୍ଷରୁ କୁହାଯାଇଥିଲା ଯେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ଉପରେ ତଥାକଥିତ ଗୋ-ରକ୍ଷକମାନଙ୍କ ଅତ୍ୟାଚାର, ଆତଙ୍କରାଜ, ନିର୍ଯାତନା ଓ ବଳପୂର୍ବକ ଚାନ୍ଦା ଆଦାୟ ବହୁଗୁଣ ବୃଦ୍ଧି ପାଇଛି। ଏହାସହ ପୀଡ଼ିତଙ୍କ ପ୍ରତି ଧରାକୋଟ ପୁଲିସର ସମ୍ବେଦନହୀନତା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଅପରପକ୍ଷେ, ଏହି ଘଟଣାରେ ଆଜି ପୁଲିସ୍ ୯ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣା ସମ୍ପର୍କରେ ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି ଯେ ଏହି ଘଟଣାରେ ୧୪ରୁ ୧୫ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି। ଏହି ଘଟଣା ପଛରେ ବଜରଙ୍ଗ ଦଳ ଓ କିଛି ବିଜେପି ସମର୍ଥକମାନଙ୍କ ଦ୍ୱାରା ଗଠିତ 'ଗୋ-ରକ୍ଷକ' ନାମକ ଏକ ସଂଗଠନର ହାତ ଥିବା କୁହାଯାଉଛି। ସେହିପରି, ପାଶବିକ ଅତ୍ୟାଚାରର ଶିକାର ହୋଇଥିବା ଦୁଇ ଦଳିତଙ୍କୁ ଚିକିତ୍ସା ପରେ ସୁରକ୍ଷିତ ଭାବେ ପୁଲିସ୍ ସେମାନଙ୍କ ଗାଁରେ ଛାଡ଼ିଛି।

ସୂଚନାନୁଯାୟୀ, ଗତ ରବିବାର ଦିନ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକ ଯୌତୁକ ବାବଦକୁ ୩ଟି ଗାଈ ନେଇ ଯାଉଥିବା ବେଳେ ଖାରିଗୁମା ଗ୍ରାମର କିଛି ଯୁବକ ସେମାନଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ଦୁହେଁ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଦୁହିଁଙ୍କୁ ଗୋ-ଚାଲାଣକାରୀ ସଜାଇବା ସହ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ସେତିକିରେ ନିର୍ଯାତନା ସରିନଥିଲା, ଦୁହିଁଙ୍କୁ ଘାସ ଖୁଆଇବା ସହ ନର୍ଦ୍ଦମା ପାଣି ପିଆଇଥିଲେ।

ମହାସଭାର ଆଜିର ବୈଠକରେ ରାଜେଶ ସେନାପତି, ଶିବ ନାୟକ, ସନ୍ତୋଷ ନାୟକ, ପ୍ରତାପ କୁମାର ନାଏକ, ରାଜେନ୍ଦ୍ର ନାୟକ, ରୋହିତ ନାୟକ, ପ୍ରସନ୍ନ ନାୟକ ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହାସଭାର ନେତୃବୃନ୍ଦ ଯୋଗ ଦେଇଥିଲେ।

## ଉଦ୍‌ବେଗ ପ୍ରକାଶ...

ଅମାନବୀୟ ନୁହେଁ; ବରଂ ମନୁବାଦୀ ଚିନ୍ତାଧାରାର ବର୍ବରତା। ଯେଉଁମାନେ ଜାତି ଆଉ ଏକ ପ୍ରସଙ୍ଗ ନୁହେଁ ବୋଲି କହୁଛନ୍ତି, ଏହି ଘଟଣା ସେମାନଙ୍କ ପାଇଁ ଏକ ଦର୍ପଣ। ଦଳିତଙ୍କ ସମ୍ମାନକୁ ପାଦରେ ଦଳି ଦେଉଥିବା ପ୍ରତ୍ୟେକ ଘଟଣା ବାବା ସାହେବଙ୍କ ସମ୍ବିଧାନ ଉପରେ ଆକ୍ରମଣ। ସମାନତା, ନ୍ୟାୟ ଏବଂ ମାନବିକତା ବିରୋଧରେ ଏହା ଏକ ଷଡ଼ଯନ୍ତ୍ର। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ସାଧାରଣ ହେବାରେ ଲାଗିଛି। ସେମାନଙ୍କର ରାଜନୀତି ଘୃଣା ଏବଂ ଭେଦଭାବ ଉପରେ ଆଧାରିତ। ବିଶେଷକରି ଓଡ଼ିଶାରେ, ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ବିରୋଧରେ ଅତ୍ୟାଚାର ଚିନ୍ତାଜନକ ଭାବରେ ବୃଦ୍ଧି ପାଇଛି ବୋଲି ରାହୁଲ ଉଲ୍ଲେଖ କରି ଦୋଷୀମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବେ ମନୁସ୍ମୃତି ଦ୍ୱାରା ନୁହେଁ; ସମ୍ବିଧାନ ଅନୁସାରେ ଦେଶ ପରିଚାଳିତ ହେବା ଆବଶ୍ୟକ ବୋଲି ରାହୁଲ କହିଛନ୍ତି।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact GADHWAL GROUP Mob.: 9437015112

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an Affidavit No. 360/20/06/2025 I, Suchismita Nanda, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps-Sonepur, Odisha, 767017 do hereby declared that I shall be known as **Suchismita Padhi** instead of **Suchismita Nanda** in all purposes.

Sd/- Suchismita Padhi

**Notice (above 18 years of age)**

By virtue of an affidavit sworn before Executive Magistrate, Kaptipada, Udala, Mayurbhanj, dated 23-06-2025 I, Tapaswini Behera, Address AT- Dukura, PO.- Dukura, PS.- Khunta, Dist- Mayurbhanj, Odisha, Pin-757075 declare that I have changed my name from **Tapaswani Behera** to **Tapaswini Behera** Henceforth, I shall be known as **Tapaswini Behera** for all purposes.

Tapaswini Behera

**AFFIDAVIT**

By virtual of an Affidavit No. 2467, Dt: 05/06/2025 sworn before the Executive Magistrate, Sundargarh, I, Biswajit Patel, S/o- Purushottam Patel, At/Po- Remanda, PS- Bhasma, Dist- Sundargarh - 770019, declare that my minor daughter Dibya Patel changed her name to **STUTI PATEL**. Henceforth she will be known as **STUTI PATEL** for all purposes.

Biswajit Patel

**Notice (for Minor)**

By virtue of an affidavit sworn before The Executive Magistrate, Baripada, Mayurbhanj, dated 16-06-2025 I, Sakuntala Behera Address AT/PO.- Kostha, PS.- Suliapada, Dist Mayurbhanj, Odisha, PIN-757084 declare that I have changed the name of my daughter **SATYABHAMA BHADUK** to **ADYASHA BEHERA**. Henceforth, she shall be known as **ADYASHA BEHERA** for all purposes.

Sakuntala Behera

**AFFIDAVIT**

By virtue of an affidavit before The Notary Public, Titilagarh, on dated- 04/06/2025. I, **Rukmani Pradhani**, aged about 40 years, W/o- Rajani Pradhani, Permanent resident of AT/PO- Manigaon, PS- Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Venket Pradhani** (old name) To **Bibek Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Bibek Pradhani** (new name).

Rukmani Pradhani

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, dated 19/06/2025, I Sri Dhana Kirsani, S/o- Budu Kirsani, Village- Kujel, Post- Malibelgaon, PS.- Nandapur, Dist.- KORAPUT, declare that, I have changed my son's name from **Bhaban Kirsani** to **Bhagaban Kirsani**. Henceforth, my son shall be known as **Bhagaban Kirsani** for all purpose.

Sd/- Dhana Kirsani

**AFFIDAVIT**

I, Sanjay Nayak, S/o- Purna Chandra Nayak resident of At- Alijanga, Po-Aruha, Ps- Dharmasala, Dist- Jajpur, Pin-755024, Odisha declare by this affidavit No.1222, dated- 23/06/2025 that now onwards I shall be known as **SANJAYA KUMAR NAYAK** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, dated 17/06/2025, I, Sri Purastam Handal, S/o- Damburu Handal, Village- Banur, Post- Atanda, PS.- Padua, Dist.- KORAPUT declare that, I have changed my name from **Purastam Ketria** to **Purastam Handal**. Henceforth, I shall be known as **Purastam Handal** for all purpose.

Sd/- Purastam Handal

**AFFIDAVIT**

By Virtue of an affidavit sworn before P.K Mishra (O.R.S) Executive Magistrate, Balasore. Sl No- 7238 Dt-20/06/2025. I Md.Muzammilur Rahman, S/o Md.Mohinuddin Ahmed of Village-Arad Bazar.Ps-Sahadevkhunta, Po/Dist-Balasore. Odisha. Declared that I have wrongly mentioned my daughter **Mahefuza Kaushar** C.B.S.E Board Certificate, that **Muzammilur Raheman** instead of **Md. Muzammilur Rahman**. Henceforth, I will be Known as **Md. Muzammilur Rahman** for all purpose.

Md.Muzammilur Rahman

**AFFIDAVIT**

By virtue of an affidavit no. 3333, dated 21.06.2025, sworn before the Notary Public, Sunabeda, I state that my name is wrongly recorded as Pramoda Kumar Senapati instead of Pramod Kumar Senapati in the matriculation certificate of my son Biswajit Senapati. That **Pramod Kumar Senapati** and **Pramoda Kumar Senapati** is one and same person.

**AFFIDAVIT**

By Virtue of an affidavit sworn before P.K Mishra (0. R.S) Executive Magistrate, Balasore .Sl No- 7238 Dt-20/06/2025.I Md.Muzammilur Rahman, S/o Md.Mohinuddin Ahmed of Village-Arad Bazar, Ps-Sahadevkhunta, Po/Dist-Balasore, Odisha. Declared that my wife's name wrongly mentioned my daughter **Mahefuza Kaushar** C.B.S.E Board Certificate, that **Kushnaz Raheman** instead of **Khoosnaz Raheman.** She shall be known as **Khoosnaz Raheman** for all purposes.

Md.Muzammilur Rahman

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, dated 11/06/2025, I, Sri Sk Sakil, S/o- Sk Safi, Village- Tuduku Thuba, Post- Thuba-, PS.- Nandapur, Dist.- KORAPUT, declare that, I have changed my name from **Sekha Sakil** to **Sk Sakil**. Henceforth, I shall be known as **Sk Sakil** for all purpose.

Sd/- Sk Sakil

**AFFIDAVIT**

By virtue of an affidavit No.3674, Dtd.13.09.2024 sworn before the Executive Magistrate, Bahanaga I, **Sumati Das**, Adhar no. 308610245846, D/o. Gajendra Das, W/o. Ratikanta Malik, At. Talapada, Po. Dwarika, Ps. Khantapada, Dist. Balasore, Odisha, declare that before marraige I was known as **Sumati Das**, D/o. Gajendra Das and after marraige I am Known as **Sumati Malik**, W/o. Ratikanta Malik are one and same person.

**AFFIDAVIT**

By virtue of an affidavit, I **Mithula Bhoi,** aged about 32 years, W/o- Jalandhar Bhoi, resident of Vill/Po: Gandabahali, Ps- Sinapali, Dist- Nuapada, Odisha, Pin- 766118 have declared that my real name is **Mithula Bhoi** which has recorded in my Voter Id Card, bearing No. NUA0903203, but in my Aadhar Card bearing No. 3093 4806 4621 my name has been wrongly mentioned as **Puspanjali Bhoi**. Henceforth, I want to correction my name as **Mithula Bhoi** instead of **Puspanjali Bhoi** in my Aadhar Card and for all purposes.

Mithula Bhoi

# ପାଣିପୋଇଲା ଡ୍ୟାମ୍ ପୁନରୁଦ୍ଧାର ନାଁରେ କୋଟିଏ ଟଙ୍କାର ଦୁର୍ନୀତି





ନୟାଗଡ଼,୨୩।୬(ସମିସ)

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ମାଳିସାହି ପଞ୍ଚାୟତ ଅନ୍ତର୍ଗତ ଖଙ୍ଗୁରୀ ଓ ସାନହାମରା ମୌଜାରେ ରହିଛି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଣିପୋଇଲା ଡ୍ୟାମ୍। ପାହାଡ଼ କୋଳରେ ରହିଥିବା ଏହି ଜଳସେଚନ ପ୍ରକଳ୍ପ ଅତ୍ୟନ୍ତ ମନମୁଗ୍ଧକର। ଏହି ସ୍ଥାନରେ ବିଗତ ଦିନରେ ଅନେକ ଓଡ଼ିଆ ଚଳଚ୍ଚିତ୍ର ସୁଟିଂ ହୋଇଛି। ସୌନ୍ଦର୍ଯ୍ୟମୟ ଓ ଶାନ୍ତ ପରିବେଶ ସାଙ୍ଗକୁ ଘଞ୍ଚ ଜଙ୍ଗଲ ଏହି ଡ୍ୟାମ୍‌କୁ ଘେରି ରହିଥିବାବେଳେ ବର୍ଷର ବିଭିନ୍ନ ସମୟରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହି ଡ୍ୟାମ୍‌କୁ ଲାଗି ନିର୍ମାଣ ହୋଇଥିଲା ଏକ ଡାକବଙ୍ଗଳା। ଦୁଇ କୋଠରି ବିଶିଷ୍ଟ ଏହି ଡାକବଙ୍ଗଳା ଏବେ ରୁଗ୍ଣ ହୋଇଯାଇଥିବା ବେଳେ ଡ୍ୟାମ୍ ଅବସ୍ଥା ମଧ୍ୟ ଦିନକୁ ଦିନ ଶୋଚନୀୟ ହୋଇଥିଲା। ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡ୍ୟାମ୍ ମରାମତି ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ଏହି କାର୍ଯ୍ୟକୁ ଦଶପଲ୍ଲାର ଜଣେ ଠିକାଦାର ସୌମ୍ୟରଞ୍ଜନ ମହାନ୍ତି ଟେଣ୍ଡର ଜରିଆରେ ପାଇଛନ୍ତି। ୩ କୋଟି ୪ ଲକ୍ଷ ଟଙ୍କା ସହିତ ଜିଏସ୍‌ଟି ବାବଦରେ ବିଭାଗ ତାଙ୍କୁ କାମ ପ୍ରଦାନ କରିଛି। କାମ କିଛି ମାସ ତଳୁ ଆରମ୍ଭ ହୋଇଥିବାବେଳେ ଡ୍ୟାମ୍ ନିକଟସ୍ଥ ଅଞ୍ଚଳରେ ଏନେଇ କୌଣସି ସୂଚନାଫଳକ ଲଗାଯାଇନାହିଁ। କାମ ୧୦ ପ୍ରତିଶତ ହୋଇ ନ ଥିବାବେଳେ ବିଲ୍ କିନ୍ତୁ ୧ କୋଟି ୧୪ ଲକ୍ଷ ଟଙ୍କାର ପ୍ରଦାନ କରାଯାଇଛି। ଡ୍ୟାମ୍‌ରୁ ଅଳ୍ପ କିଛି ଅଂଶରୁ ମାଟି ଉଠିଥିବାବେଳେ ଉକ୍ତ ମାଟିକୁ ବନ୍ଧରେ ପକାଯାଇଛି। ବନ୍ଧରେ ରହିଥିବା ଏକ ପୁରୁଣା ପଥର କାନ୍ଥ ଉପରେ ମାଟି ଲେସା ଯାଇଥିବାବେଳେ ଦୁଇଟି କେନାଲ ଗେଟ୍‌କୁ ସାମାନ୍ୟ ମରାମତି କରାଯାଇଛି। କେନାଲରେ ଲାଗିଥିବା ଲୁହାଗୁଡ଼ିକୁ ମରାମତି କରି ରଙ୍ଗ ଦିଆଯାଇଛି। ଏତିକି ମାତ୍ର କାର୍ଯ୍ୟ ହୋଇଥିବାବେଳେ କ୍ଷୁଦ୍ର ଜଳସେଚନ ବିଭାଗ ସମ୍ପୃକ୍ତ ଠିକାଦାରଙ୍କୁ ୧ କୋଟି ୧୪ ଲକ୍ଷ ଟଙ୍କାର ବିଲ୍ କିପରି ପ୍ରଦାନ କରିସାରିଛି ତାହା ବର୍ତ୍ତମାନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣିପୋଇଲା ଡ୍ୟାମ୍ ଯେଉଁ ଦୁରବସ୍ଥା ମଧ୍ୟରେ ରହିଥିଲା; ଆଜି ବି ସେଇ ଅବସ୍ଥାରେ ରହିଛି। ଉକ୍ତ ଅର୍ଥକୁ ଫଲ୍‌ସ ବିଲ୍ ବା ମିଥ୍ୟା ବିଲ୍ କରାଯାଇଥିବାବେଳେ ଆଗକୁ ପୁଣି ବିଲ୍ କରି ଟଙ୍କା ହରିଲୁଟ୍ କରିବା ପାଇଁ ସମସ୍ତ ପ୍ରକାର ଯୋଜନା କରାଯାଇଛି। ନୂଆଗାଁ ଓ ନୟାଗଡ଼ ବ୍ଲକ୍ ସୀମାନ୍ତ ପାହାଡ଼ କୋଳରେ ଏହି କୀର୍ତ୍ତିରାଜି ପ୍ରାକୃତିକ ପରିବେଶ ଓ ନୈସର୍ଗିକ ଶୋଭାରାଶିରେ ପରିପୂର୍ଣ୍ଣ ହୋଇଥିବାବେଳେ ଏହି ପ୍ରକଳ୍ପକୁ କ୍ଷୁଦ୍ର ଜଳସେଚନ ବିଭାଗ ଲେଉଟିଆ କିଆରିରେ ପରିଣତ କରିଛି। ଏହି ସ୍ଥାନରେ ପିକ୍‌ନିକ୍ ପାଇଁ ସବୁବେଳେ ଭିଡ଼ ଲାଗି ରହୁଥିବାବେଳେ ଡ୍ୟାମ୍ ଭିତରୁ ବାହାରିଥିବା ମାଟିକୁ ନିକଟସ୍ଥ ବଙ୍ଗଳା ସାମ୍ନାରେ ଗଦା କରାଯିବା ଦ୍ୱାରା ତାହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଛି। ୧୯୭୧ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଯୋଜନା ପରିଷଦ ମୁଖ୍ୟ ଭାବେ ଡ୍ୟାମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୯୭୫ରେ ଏହି ଡ୍ୟାମ୍ ଉଦ୍‌ଘାଟିତ ହୋଇଥିଲା। ଡ୍ୟାମ୍ ମରାମତି ନାଁରେ ବ୍ୟାପକ ଅନିୟମିତା କରାଯାଇଥିବାବେଳେ ଉକ୍ତ ଜଳସେଚନ ପ୍ରକଳ୍ପରୁ ସଂଯୋଗ ହୋଇଥିବା କେନାଲ୍ ଗେଟ୍‌ଗୁଡ଼ିକ ମଧ୍ୟ ସଠିକ୍ ଭାବେ ମରାମତି କରାଯାଇ ନାହିଁ। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଅଶୋକ କୁମାର କାଣ୍ଡିଙ୍କୁ ପଚାରିବାରୁ, କାମ ଶେଷ କରିବା ପାଇଁ ଡିସେମ୍ବର ମାସ ପର୍ଯ୍ୟନ୍ତ ସମୟ ରହିଛି। ଏବେ ଯେତିକି କାମ ହୋଇଛି, ସେହି ଅନୁସାରେ ୧ କୋଟି ୧୪ ଲକ୍ଷ ଟଙ୍କା ବିଲ୍ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହି ଡ୍ୟାମ୍ ମରାମତି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବାରୁ ଏହାକୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିବାକୁ ବାଲୁଗାଁ ଓ କ୍ରିଦାଶପୁର ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଫଲ୍‌ସ ବିଲ କରିଥିବା ଅନୁମାନ କରାଯାଉଛି।

**କାମଠାରୁ ବିଲ୍ ପରିମାଣ ୪ ଗୁଣା ଅଧିକ**

**ଭଙ୍ଗା ପଥର କାନ୍ଥରେ ଚାଲିଛି ପ୍ଲାଷ୍ଟର ଲେସା**

**ଡ୍ୟାମ୍‌ର କିଛି ସ୍ଥାନରୁ ଖୋଳାଯାଇଛି ମାଟି**

● ଜିଲ୍ଲାରେ ବୈଧମାପ ବିଜ୍ଞାନ ବିଭାଗ ନିଷ୍କ୍ରିୟ

# କମ୍ପ୍ୟୁଟର କଣ୍ଟାରେ ହେଉଛି ସାଂଘାତିକ ଠକେଇ

ନୟାଗଡ଼,୨୩।୬(ସମିସ): ଉପଭୋକ୍ତା ତଥା ଖାଉଟି କମ୍ପ୍ୟୁଟ କଣ୍ଟା ଉପରେ ବିଶ୍ୱାସ କରି ଜିନିଷ କିଣୁଥିବାବେଳେ ନୟାଗଡ଼ ଜିଲ୍ଲାରେ କମ୍ପ୍ୟୁଟର କଣ୍ଟାରେ ସାଂଘାତିକ ଠକେଇ ହେଉଥିବା ଅଭିଯୋଗ ହେଉଛି। ୧ କେଜି ଦ୍ରବ୍ୟରେ ୧୫୦ ଗ୍ରାମ୍ ଠକେଇ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ମଧ୍ୟରୁ ଅଧିକ ଅଭିଯୋଗ ମାଛ ଓ ମାଂସ ବ୍ୟବସାୟୀଙ୍କ ନାମରେ ରହିଥିବାବେଳେ ନୟାଗଡ଼ ଜିଲ୍ଲା ବୈଧମାପ ବିଜ୍ଞାନ ବିଭାଗର ନିଷ୍କ୍ରିୟତା ସ୍ପଷ୍ଟ ପ୍ରମାଣିତ ହୋଇଛି। ନାଁକୁ ମାତ୍ର ଲୋକ ଦେଖାଣିଆ ଚଢ଼ଉ କରାଯାଉଥିବାବେଳେ ଏହାକୁ ଆଦୌ ଛୋଟ ଛୋଟ ବ୍ୟବସାୟୀ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାରେ ୮ଟି ବ୍ଲକ୍, ୫ଟି ଏନ୍‌ଏସି ଓ ନୟାଗଡ଼ ପୌର ପରିଷଦରେ ଲକ୍ଷାଧିକ ବ୍ୟବସାୟୀ କମ୍ପ୍ୟୁଟର କଣ୍ଟା ବ୍ୟବହାର କରୁଛନ୍ତି। ଜିଲ୍ଲାରେ ଲକ୍ଷାଧିକ ବ୍ୟବସାୟୀଙ୍କ ମଧ୍ୟରୁ ଅନେକ ଠକେଇ କରୁଥିବାବେଳେ ବୈଧମାପ ବିଜ୍ଞାନ ବିଭାଗ ବର୍ଷକୁ ମାତ୍ର ୧୫୦ରୁ ୨୦୦ ମାମଲା ରୁଜୁ କରି ଚୁପ୍ ବସୁଛି। ନୟାଗଡ଼ ପୌର ପରିଷଦ ଅନ୍ତର୍ଗତ ନୟାଗଡ଼ ସହରରେ ପ୍ରତ୍ୟେକ ଦିନ ଠକେଇ କରାଯାଉଛି। ଗ୍ରାହକଙ୍କୁ କମ୍ପ୍ୟୁଟର କଣ୍ଟା ତଥା ଡିଜିଟାଲ କଣ୍ଟାର ମାୟା ଜାଲରେ ବ୍ୟବସାୟୀମାନେ ଠକେଇ କରୁଥିବାବେଳେ ବିଭାଗ ଆଦୌ ଦୃଷ୍ଟି ଦେଉନାହିଁ। ନୟାଗଡ଼ ସହରରେ ରହିଥିବା ମାଛ ଓ ମାଂସ ବ୍ୟବସାୟୀମାନେ ସବୁଠାରୁ ଅଧିକ ପରିମାଣର ଠକେଇ କରୁଥିବା ଅଭିଯୋଗ ହେଉଛି। ନୟାଗଡ଼ ସହରରୁ ନୟାଗଡ଼ କଲେଜ ମଧ୍ୟରେ ରହୁଥିବା ଆମିଷ ବ୍ୟବସାୟୀ ଏବଂ ମାଛ ମାର୍କେଟ୍‌ରେ ରହିଥିବା ଦୋକାନଗୁଡ଼ିକ କଣ୍ଟାରେ ଠକେଇ କରୁଥିବା ନେଇ ଅନେକ ଗ୍ରାହକ ଅଭିଯୋଗ କରୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ନୟାଗଡ଼ ଫରେଷ୍ଟ କଲୋନୀ ନିକଟରେ ମାଛ ବ୍ୟବସାୟୀ କିଲୋ ପିଛା ୧୫୦ ଗ୍ରାମ୍ ଠକେଇ କରୁଥିବା ଅଭିଯୋଗ ହେଉଛି। ଗ୍ରାହକମାନେ ଅସନ୍ତୋଷବ୍ୟକ୍ତ କରିବା ସହ ପ୍ରଶାସନିକସ୍ତରରେ ନିଦାବିଷ୍ଟୁ ସାଜିବାକୁ ନେଇ ପ୍ରଶ୍ନ ଉଠିଥିଲା। ସେହିଭଳି ବିଭିନ୍ନ କ୍ଷେତ୍ରରେ ମାପ ଓ ଓଜନ ଜରିଆରେ ହେଉଥିବା ଠକେଇ ଏବେ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି।

**ଅଧିକ ଠକୁଛନ୍ତି ମାଛ ଓ ମାଂସ ବ୍ୟବସାୟୀ**

**୧ କେଜିରେ ୧୫୦ ଗ୍ରାମ୍ ଠକେଇ ଅଭିଯୋଗ**

**ନୟାଗଡ଼ ସହରରେ ଚାଲିଛି ସାଂଘାତିକ ଖେଳ**

# ଅସ୍ଥାୟୀ ରାସ୍ତାରୁ ନଦୀକୁ ଖସିଲା ହିଟାଚି ମେସିନ

ଖଣ୍ଡପଡ଼ା,୨୩।୬(ସମିସ): ଖଣ୍ଡପଡ଼ାରୁ ଖଳିସାହି ଦେଇ ଆଡ଼କଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁଆଁରିଆ ସେତୁ ପାଶ୍ୱର୍ସ୍ଥ ଅସ୍ଥାୟୀ ରାସ୍ତା ଦେଇ ଏକ ଟ୍ରକ୍ ଯୋଗେ ନିଆଯାଉଥିବା ହିଟାଚି ମେସିନଟି କୁଆଁରିଆ ନଦୀ ମଧ୍ୟକୁ ଖସିପଡ଼ିଥିବା ଜଣାପଡ଼ିଛି। ଉକ୍ତ ଟ୍ରକ୍‌ଟି ହିଟାଚି ମେସିନକୁ ନେଇ ଦଶପଲ୍ଲାରୁ ଖଣ୍ଡପଡ଼ା ଅଭିମୁଖେ ସୋମବାର ମଧ୍ୟାହ୍ନ ୧୨ଟା ସମୟରେ ଯାଉଥିବାବେଳେ ବାଇପାସ୍ ରାସ୍ତା ଦବିଯିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡ଼ିଛି। ସୌଭାଗ୍ୟବଶତଃ ଟ୍ରକ୍‌ଟି ଅଘଟଣରୁ ବର୍ତ୍ତି ଯାଇଥିଲେ ହେଁ ହିଟାଚି ମେସିନଟି ନଦୀ ଭିତରେ ପଡ଼ିରହିଛି। ଏହି ମେସିନକୁ ନଦୀରୁ ଉଦ୍ଧାର କରିବା ପାଇଁ ଆଉ ଏକ ହିଟାଚି ମେସିନର ସହାୟତା ନିଆଯାଇଥିବା ଜଣାପଡ଼ିଛି। ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ଖରସ୍ରୋତା କୁଆଁରିଆ ନଦୀର ପାଣି ଦୁଇକୂଳ ଖାଇ ପ୍ରବାହିତ ହେଉଛି। ଫଳରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ କୁଆଁରିଆ ସେତୁ ପାଶ୍ୱର୍ରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଥିବା ବାଇପାସ୍ ରାସ୍ତା ବର୍ଷାଋତୁରେ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣା ପରେ କୁଆଁରିଆ ସେତୁ ପାଶ୍ୱର୍ସ୍ଥ ବାଇପାସ୍ ରାସ୍ତା ଦେଇ ଯାତାୟାତ ନିମନ୍ତେ ଯାନବାହନ ଚାଳକମାନେ ନିଜକୁ ଅସୁରକ୍ଷିତ ମଣୁଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ବିପଦସଙ୍କୁଳ ଅବସ୍ଥାରେ ଅବସ୍ଥିତ ବାଇପାସ୍ ରାସ୍ତାଟି ନଦୀର ପ୍ରଖର ସ୍ରୋତରେ ନଷ୍ଟ ହୋଇଗଲେ ରାଜ୍ୟ ସରକାରଙ୍କ ୧୫ ଲକ୍ଷ ଟଙ୍କା ପାଣିରେ ପଡ଼ିବ ବୋଲି ଜଣାପଡ଼ିଛି।



# ପ୍ରତାପ ପରିଡ଼ାଙ୍କ ଅଲଭ୍ୟ ପୁସ୍ତକ ଉନ୍ମୋଚିତ



ନୟାଗଡ଼,୨୩।୬(ସମିସ): ଜ୍ଞାନ ପ୍ରକାଶର ନବମ ବାର୍ଷିକ ଉତ୍ସବ ଓ ନ୍ୟାସନାଲ୍ କନ୍‌ଫରେନ୍ସ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜ୍ଞାନ ପ୍ରକାଶ ପତ୍ରିକା ଉନ୍ମୋଚନ ସହ ଆଦର୍ଶ ଶିକ୍ଷକ, ଲେଖକ ଓ କବି ଡ. ପ୍ରତାପ କୁମାର ପରିଡ଼ାଙ୍କ ପ୍ରଥମ କବିତା ସଙ୍କଳନ ଅଲଭ୍ୟ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ସମ୍ବର୍ଦ୍ଧନା ପର୍ବରେ ପ୍ରତାପ କୁମାର ପରିଡ଼ାଙ୍କୁ ଶିକ୍ଷା ଓ ସାହିତ୍ୟ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ବ୍ୟଙ୍ଗକବି ଜ୍ଞାନ ହୋତା ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରଫେସର ଲକ୍ଷ୍ମୀଧର ବେହେରା, କୋଠଘର ପ୍ରତିଷ୍ଠାତା ସମ୍ପାଦିକା ଅମ୍ବିକା ସ୍ୱାଇଁ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା ସମ୍ପାଦକ ଜ୍ଞାନଚାନ୍ଦ ଶତପଥୀ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶପଲ୍ଲାରେ ଜନଶୁଣାଣି; ୪୭ ମାମଲା ତତ୍କାଳ ସମାଧାନ



ନୟାଗଡ଼,୨୩।୬(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ୍ ୧୪୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୩୫ଟି, ଗ୍ରାମ୍ୟ ସମସ୍ୟା ୯ଟି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସମ୍ବନ୍ଧୀୟ ୧ଟି ଅଭିଯୋଗ ରହିଥିଲା। ଏଥିରେ ୪୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଦଶପଲ୍ଲା ବିଡିଓ ଓ ଅନ୍ୟ ସରକାରୀ କର୍ମଚାରୀ ସାମିଲ୍ ହୋଇଥିଲେ।

# ନିଶା ନିବାରଣ ସଚେତନତା

ଖଣ୍ଡପଡ଼ା,୨୩।୬(ସମିସ): ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଅବକାରୀ ଏସ୍‌ଆଇ ଦୀପକ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ସିଡିପିଓ କେ. କୋଟେଶ୍ୱରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିଶାଦ୍ରବ୍ୟର କୁପରିଣାମ ସମ୍ପର୍କରେ ସର୍ବସାଧାରଣଙ୍କୁ ସଚେତନ କରିବା, ନିଶାଦ୍ରବ୍ୟ ସେବନ ବନ୍ଦ ସହ ନିଶାଦ୍ରବ୍ୟକୁ ପୂରା ବର୍ଜନ କରି ଏକ ସୁସ୍ଥ ସମାଜ ଗଠନରେ ସହଯୋଗର ହାତ ବଢ଼ାଇବା ନେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ପଞ୍ଚାୟତ ଲୋକ ପ୍ରତିନିଧିଙ୍କୁ ସେନେଇ ସଚେତନ କରାଯାଇଥିଲା। ପୁନଶ୍ଚ ଏ ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରକାଶ ଥାଉକି, ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ନିଶାମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବକାରୀ ବିଭାଗ ଜରିଆରେ ଏଭଳି କାର୍ଯ୍ୟକ୍ରମ ଲଗାତର ଭାବେ ଚାଲୁ ରହିଥିବା ଜଣାପଡ଼ିଛି।

**ରାସ୍ତା ନିର୍ମାଣ ଦାବିରେ ୧୭ ଖଣ୍ଡ ମୌଜା; ଗାଁ ଗାଁରେ ଚାଲିଛି ବୈଠକ**

# ୨୫ରେ ଜାତୀୟ ରାଜପଥ ଅବରୋଧ



**➲ ସାମିଲ ହେବେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକ**

**➲ ଚୁପ୍ ବସିଛି ପ୍ରଶାସନ; ଦାବିରେ ଅଟଳ ଲୋକେ**

ନୟାଗଡ଼,୨୩।୬(ସମିସ): ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ, ଚାହାଳୀ ପଞ୍ଚାୟତର ୧୭ ଖଣ୍ଡ ମୌଜାବାସୀ ରାସ୍ତା ନିର୍ମାଣ ଦାବିରେ ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିବେ। ଏନେଇ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଗାଁ ଗାଁ ବୁଲି କ୍ରିୟାନୁଷ୍ଠାନ କମିଟି ଲୋକଙ୍କୁ ସଚେତନ କରିବା ସହ ଆନ୍ଦୋଳନରେ ସାମିଲ୍ ହେବାକୁ ଆହ୍ୱାନ ଦେଉଛି। ଦୀର୍ଘ ୧୦ ବର୍ଷ ଧରି ୧୭ ଖଣ୍ଡ ମୌଜା ଓ ଗୁଡୁପାଙ୍ଗୀ ମଧ୍ୟରେ ରାସ୍ତା ପାଇଁ ବିବାଦ ଲାଗି ରହିଛି। ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ରହିଛି। ୧୭ ଖଣ୍ଡ ମୌଜାବାସୀ ବଳଭଦ୍ରପୁର ଡିପାମାଳ ରାସ୍ତାକୁ ସଦାବନ୍ଧ ଛକ ଦେଇ ନିର୍ମାଣ କରିବାକୁ ଦାବି କରୁଥିବାବେଳେ ଗୁଡୁପାଙ୍ଗୀ ଏହାକୁ ବିରୋଧ କରୁଛି। ଗୁଡୁପାଙ୍ଗୀ ରାସ୍ତା ତାଙ୍କ ଗ୍ରାମ ଦେଇ ନିର୍ମାଣ କରିବା ଜିଦ୍‌ରେ ଅଟଳ ରହିଛି। ଏହି ବିବାଦକୁ ନେଇ ବିଗତ ଦିନରେ ଅନେକ ରାସ୍ତାରୋକ, ପ୍ରଜାମେଳି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନେକ ପ୍ରୟାସ ପରେ ବି ରାସ୍ତା ନିର୍ମାଣ ହୋଇପାରୁନାହିଁ। ମାଳିସାହି ପଞ୍ଚାୟତର ୫ ଖଣ୍ଡ ଆଦିବାସୀ ଗାଁ ଏବଂ ଦେଉଳି ଗାଇଚରା ପଡ଼ିଆ ସଂଯୋଗ କରୁଥିବା ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଗୁଡୁପାଙ୍ଗୀ ୨୦୧୪ ମସିହାରେ ଲଙ୍କାକାଣ୍ଡ ସୃଷ୍ଟି କରିଥିଲା। ଠିକା ସଂସ୍ଥାର ଅନେକ ମେସିନ ପୋଡ଼ିଦେବା ସହ ପୁଲିସକୁ ଆକ୍ରମଣ କରିଥିଲା। ଯାହାକୁ ନେଇ ରାସ୍ତାର ଗତିପଥ ପରିବର୍ତ୍ତନ କରାଯାଇ ଗୁଡୁପାଙ୍ଗୀ ଗ୍ରାମ ଦେଇ ନିର୍ମାଣ କରାଯାଇଥିଲା। ଉକ୍ତ ରାସ୍ତା ନିର୍ମାଣ ଅଧପନ୍ତରିଆ ଭାବେ ରହିଥିବାବେଳେ ୧୭ ଖଣ୍ଡ ମୌଜାବାସୀ ବଳଭଦ୍ରପୁର ଦେଇ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ଏହାକୁ ନେଇ ପୂର୍ବରୁ ପ୍ରଜା ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ଘଟଣା ଘଟିଯାଇଛି। ବିବାଦ ସମାଧାନ କରିବା ପାଇଁ ଜିଲ୍ଲାପାଳ ସବୁ ଚେଷ୍ଟା କରିଛନ୍ତି। ଶାନ୍ତି କମିଟିଠାରୁ ଆରମ୍ଭ କରି ଅନେକ ପ୍ରୟାସ କରାଯାଇଥିବା ବେଳେ ଗୁଡୁପାଙ୍ଗୀ ସମାଧାନ ପାଇଁ ଆଗେଇପାରି ନାହିଁ। ରାସ୍ତା ନିର୍ମାଣକୁ ବିରୋଧ କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପର୍ଯ୍ୟନ୍ତ ମାମଲା ଯାଇଛି। ସେଠାରୁ ଫେଲ୍ ମାରିବା ପରେ ବି ବଳଭଦ୍ରପୁର ଦେଇ ରାସ୍ତା ନିର୍ମାଣକୁ ଗୁଡୁପାଙ୍ଗୀ ବିରୋଧ କରିଛି। ଫଳରେ ୫ ଖଣ୍ଡ ଆଦିବାସୀ ଗାଁ ବାସିନ୍ଦା ଜଙ୍ଗଲ ପରିସରରୁ ବାହାରକୁ ବାହାରିବା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ବିଗତ ଦିନରେ ଜିଲ୍ଲାପାଳ ୪୦ ଲକ୍ଷ ଟଙ୍କା ମଞ୍ଜୁର କରି ପୁଲିସ ଫୋର୍ସ ଉପସ୍ଥିତିରେ ମାଟି ରାସ୍ତା ନିର୍ମାଣ କରିଥିଲେ। ତାହା ଅଧପନ୍ତରିଆ ହୋଇ ରହିଥିବାବେଳେ ତୁରନ୍ତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି। ୧୭ ଖଣ୍ଡ ମୌଜାବାସୀ ଜାତୀୟ ରାଜପଥ ଅବରୋଧ କରିବା ସହ ଜେଲ୍‌ଭରୋ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଓଡ଼ଗାଁ,୨୩।୬(ସମିସ): ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୋମଣ୍ଡ ମଶାଣି ସାହିର ଜଣେ ଯୁବକଙ୍କୁ ଓଡ଼ଗାଁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଯୁବକ ଜଣକ ହେଲେ କୋମଣ୍ଡ ମଶାଣି ସାହିର ପବିତ୍ର ଦଳେଇ (୧୯)। ଅଭିଯୋଗ ଅନୁସାରେ, କୋମଣ୍ଡ ଅଞ୍ଚଳର ଜଣେ ନାବାଳିକା ଗତ ଏପ୍ରିଲ୍ ୨ ତାରିଖରୁ ନିଖୋଜ ହୋଇଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ଓଡ଼ଗାଁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରେ ଫୋନ୍ ଟ୍ରାକିଂ କରି ଝିଅକୁ ଖୋଜିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବାରମ୍ବାର ସ୍ଥାନ ପରିବର୍ତ୍ତନ କାରଣରୁ ଠାବ କରିବା ସମ୍ଭବ ହୋଇ ନ ଥିଲା। ଗତ ୨୧ ତାରିଖ ରାତିରେ ଓଡ଼ଗାଁ ପୁଲିସ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଓ ବିଜୟୱାଡା ମଝି ଶ୍ୟାମପୁରମଠାରୁ ନାବାଳିକାକୁ ଠାବ କରିଥିବାବେଳେ ତା' ସାଥିରେ ଥିବା ପବିତ୍ରଙ୍କୁ ମଧ୍ୟ ନିଜ ହେପାଜତକୁ ଆଣିଥିଲେ। ୨୨ ତାରିଖରେ ଓଡ଼ଗାଁରେ ପହଞ୍ଚିବା ପରେ ପୁଲିସ ସେମାନଙ୍କୁ ପଚରାଉଚରା ଆରମ୍ଭ କରିଥିଲା। କିନ୍ତୁ ତଦନ୍ତ ଅନୁସାରେ ନିଖୋଜ ମାମଲାଟି ଦୁଷ୍କର୍ମ ମାମଲାରେ ପରିଣତ ହୋଇଥିଲା। ଉଭୟଙ୍କର ଡାକ୍ତର ମାଇନା କରାଯାଇ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ନାବାଳିକାର ବୟାନ ରେକର୍ଡ କରାଯାଇଥିଲା। ଶିଶୁ ଯୌନ ନିର୍ଯାତନା ନିରୋଧ ଏବଂ ଦୁଷ୍କର୍ମ ସହିତ ଅପହରଣ ଅଭିଯୋଗରେ ରବିବାର ରାତିରେ ପବିତ୍ରଙ୍କୁ ଗିରଫ କରିଥିଲେ। ସୂଚନା ଥାଉକି, ନାବାଳିକା ସହିତ ଯୁବକ ଜଣକ ଗଲାପରେ ପୁରୀର ବିଭିନ୍ନ ସ୍ଥାନରେ ରହିଥିଲେ। ଧରାପଡ଼ିବା ଭୟରେ ଉଭୟେ ଆନ୍ଧ୍ର ପ୍ରଦେଶ ଚାଲିଯାଇଥିଲେ।



# ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଓଡ଼ଗାଁ,୨୩।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପାଣ୍ଡେରି ପଞ୍ଚାୟତର ପବିତ୍ର ସାହୁ (୫୦)ଙ୍କର ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିବାବେଳେ ସ୍ଥାନୀୟ ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ପବିତ୍ର ଭୁବନେଶ୍ୱରରେ ରହି ରଙ୍ଗ ମିସ୍ତ୍ରି ଭାବେ କାମ କରନ୍ତି। ନିକଟରେ ଗାଁକୁ ଆସି ପ୍ରାୟତଃ ୪/୫ ଦିନ ତଳେ ଝିଅର ବାହାଘର କରିଥିଲେ। କଇଁଠପଲ୍ଲୀ ମଦନପୁର ରାସ୍ତାର ଡହଙ୍ଗୀ ମୋଡ଼ରେ ସୋମବାର ଅପରାହ୍ଣରେ ଗାଡ଼ି ସହିତ ପବିତ୍ର ନିଶ୍ଚେତ ଅବସ୍ଥାରେ ପଡ଼ିଥିବାର ଜାଣିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପବିତ୍ରଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ତେବେ ତାଙ୍କ ଶରୀରରେ ସାମାନ୍ୟ ରାଞ୍ଜୁଡ଼ା ଦାଗ ଦେଖିବାକୁ ମିଳିଥିଲା। ମାତ୍ର ଶରୀରର ମୁଖ୍ୟ ଅଙ୍ଗଗୁଡ଼ିକରେ କୌଣସି କ୍ଷତ ନ ଥିଲା। ପରିବାର ଲୋକେ ସନ୍ଧ୍ୟାରେ ମୃତଦେହକୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

**ଭାପୁର ବ୍ଲକ୍‌ରେ ବିଡିଓଙ୍କ ମନମୁଖି କାର୍ଯ୍ୟ**

# ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ଜନପ୍ରତିନିଧିଙ୍କ ଧାରଣା



**● ପୁନଃ ତଦନ୍ତ ହେବ ଅନ୍ତ୍ୟୋଦୟ ଗୃହ ଯୋଜନା ତାଲିକା**

**● ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ଭାପୁର,୨୩।୬(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ଜନପ୍ରତିନିଧିଙ୍କୁ ବିଡିଓଙ୍କ ଅଣଦେଖା କରିବା, ଦଳୀୟ ଭିତ୍ତିରେ କାର୍ଯ୍ୟ କରିବା, ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା ଏବଂ ସର୍ବୋପରି ବ୍ଲକ୍ ସଭାଗୃହରେ ଶାସକ ଦଳର ଦଳୀୟ ବ୍ୟାନର୍‌ରେ ପଟ୍ଟା ବଣ୍ଟନ ଭଳି ବେନିୟମ କାର୍ଯ୍ୟ ବିରୁଦ୍ଧରେ ବ୍ଲକ୍‌ର ୩୦ ଜଣ ଜନପ୍ରତିନିଧି ସୋମବାର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଆସି ଧାରଣାରତ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳଙ୍କ ନେତୃତ୍ୱରେ ସରପଞ୍ଚ ରମେଶ ପ୍ରସାଦ ରାଉତ, ସୁଧାଂଶୁ ଭୂଷଣ ସ୍ୱାଇଁ, ଶିବାନୀ ଦାଶ, ଅଜୟ ମଲ୍ଲିକ, ପ୍ରଫୁଲ୍ଲ କୁମାର ଗୋଛି, ସୌମ୍ୟରଞ୍ଜନ ସାହୁ, ଇନ୍ଦୁମତୀ ସାହୁ, ସୋନାଲିକା ଦାସ, ସନ୍ତୋଷିନୀ ବେହେରା, ରଶ୍ମିତା ପ୍ରଧାନ, ଶୁଭସ୍ୱପ୍ନା ବିଶ୍ୱାଳ, ସମିତିସଭ୍ୟ ତପନ ମହାପାତ୍ର, ବାଳଗୋପାଳ ଷଡ଼ଙ୍ଗୀ, ବଂଶୀଧର ସୁବୁଦ୍ଧି, ପ୍ରାଣକୃଷ୍ଣ ନାୟକ, କାହ୍ନୁ ଚରଣ ପ୍ରଧାନ, ସମିତିସଭ୍ୟା ଦମୟନ୍ତୀ ଖଟେଇ, ଭାଗ୍ୟଶ୍ରୀ ମହାପାତ୍ର, ଜୟନ୍ତୀ ବେହେରା, ପ୍ରଜ୍ଞା ପରମିତା ସେଠୀ, ରମାମଣୀ ଦାସ, ପୁଷ୍ପାଞ୍ଜଳି ସେଠ, ଶାନ୍ତିଲତା ପ୍ରଧାନ, ସୁଜାତା ନାୟକ ପ୍ରମୁଖ ଧାରଣାରେ ବସିଥିଲେ। ସେମାନଙ୍କ ସହ ଭାପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ବସନ୍ତ କୁମାର ମାଝୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ସାହୁ, ପ୍ରଶନ୍ନ କୁମାର ନାୟକ, ନବକିଶୋର ସାହୁ, ମହିଳା ନେତ୍ରୀ କବିତା ମହାରଣା, ବରିଷ୍ଠ ନେତା ସନ୍ତୋଷ କୁମାର ତ୍ରିପାଠୀ, ବସନ୍ତ ନାୟକ, ବୃନ୍ଦାବନ ପଣ୍ଡା, ପୂର୍ବତନ ସମିତିସଭ୍ୟ କହ୍ନେଇ ସ୍ୱାଇଁ, ପ୍ରତାପ ସାହୁ, ଯୁବନେତା ଦେବୀ ପ୍ରସାଦ ଦାସ, ଅଜିତ ପାଇକରାୟ, ଅର୍ଜିତ ମହାନ୍ତି, ଦିପୁନା ପଣ୍ଡା, ଅନିଲ ବୈରିଗଞ୍ଜନ, ଅମୂଲ୍ୟ ପରମଗୁରୁ, ଗୋବର୍ଦ୍ଧନ ପ୍ରଧାନ, ସନାତନ ପ୍ରଧାନ, ରମେଶ ବରାଡ଼ଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

ସୋମବାର ମଧ୍ୟାହ୍ନରେ ଧାରଣାରତ ଜନପ୍ରତିନିଧିଙ୍କ ସହ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଓ ତହସିଲ୍‌ଦାର ଅର୍ଜୁନ ପ୍ରଧାନ ଆଲୋଚନା କରିଥିଲେ ହେଁ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା। ଅପରାହ୍ଣରେ ଜିଲ୍ଲା ପ୍ରଶାସନ ତରଫରୁ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଆସି ଧାରଣାରତ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ବ୍ଲକ୍ ସଭାଗୃହରେ ବିଜେପି ଦଳର ବ୍ୟାନର୍‌ରେ ପଟ୍ଟା ବଣ୍ଟନକୁ ତହସିଲ୍‌ଦାର ଓ ବିଡିଓ ଭୁଲ୍ ବୋଲି ମାନିଥିଲେ। ଏପରି ହେବା କଥା ନୁହେଁ ବୋଲି କହିଥିଲେ। ବ୍ଲକ୍ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଅଗୋଚରରେ ବିଡିଓ କାର୍ଯ୍ୟ କରିବାକୁ ଉପଜିଲ୍ଲାପାଳ ନାପସନ୍ଦ କରିଥିଲେ। ସମସ୍ତ ଜନପ୍ରତିନିଧିଙ୍କୁ ବିଡିଓ ସମ୍ମାନ କରିବାକୁ ବାଧ୍ୟ ଓ ଅନ୍ତ୍ୟୋଦୟ ଗୃହ ହିତାଧିକାରୀ ଚୟନରେ ହୋଇଥିବା ଅନିୟମିତତାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପୁନର୍ବାର ଏକ ସ୍ୱଚ୍ଛ ତଦନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ପୁନଃଚୟନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଉନ୍ନୟନ କାର୍ଯ୍ୟ କରିବା ସମୟରେ ବିବାଦୀୟ କାର୍ଯ୍ୟ ବର୍ତ୍ତମାନ ବନ୍ଦ କରିବା ଓ ବିଲ୍ ପୈଠ ନ କରିବାକୁ ବିଡିଓଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ସମୟରେ ବ୍ଲକ୍ ଉନ୍ନୟନ କାର୍ଯ୍ୟରେ କିପରି ବିବାଦ ନ ହେବ ସେଥିପାଇଁ ଉଭୟ ପକ୍ଷ ଓ ବିଡିଓଙ୍କୁ ଡକାଇ ସିଡିଏ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଏକ ସମାଧାନ ସୂତ୍ର କାଢ଼ିବେ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

● ସରିଲା ଅଣସର ଗୁପ୍ତ ସେବା

## ସୁସ୍ଥ ହେଲେ ଶ୍ରୀରଙ୍ଗନାଥ ଦେବ



ବାଣପୁର,୨୩।୬(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ୧୦୮ ଗଡୁ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ପଡ଼ିଥିବାବେଳେ ଉପସମ ଲାଗି ସେବକମାନେ ଦାରୁବିଗ୍ରହଙ୍କ ଅଣସର ଘରେ ଗୁପ୍ତ ସେବା କରୁଥିଲେ। ଯାହା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାନବୀୟ ଲୀଳାର ଅନନ୍ୟ ପ୍ରତିକ। ଶ୍ରୀକ୍ଷେତ୍ରରେ ଦାରୁବିଗ୍ରହଙ୍କ ଅଣସର ଘରେ ଗୁପ୍ତ ସେବା ପରି ଶକ୍ତିପୀଠ ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କର ମଧ୍ୟ ଅଣସର ଘରେ ସେବକମାନେ ଶୁଦ୍ଧପୁତ ଭାବେ ଗୁପ୍ତ ସେବା କରୁଥିଲେ। ବର୍ତ୍ତମାନ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଅଣସରରେ ଠାକୁରଙ୍କ ଶ୍ରୀଅଙ୍ଗ ସେବା କରାଯାଉଥିବାବେଳେ ଜ୍ୟେଷ୍ଠ ଶୁକ୍ଳ ତୃତୀୟାରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲା ନୀତି, ଚତୁର୍ଥୀରେ ଶ୍ରୀଅଙ୍ଗ ଫିଟା ନୀତି, ପଞ୍ଚମୀରେ ଫୁଲୁରୀ ତେଲ ଉପଚାର ଓ ଷଷ୍ଠୀରୁ ନବମୀ ମଧ୍ୟରେ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ଦଶମୀରେ ଶ୍ରୀବିଗ୍ରହଙ୍କୁ ଏକ ସ୍ୱତନ୍ତ୍ର ଲେପ ଦିଆଯାଇଥିବାବେଳେ ଶନିବାର ଏକାଦଶୀରେ ମହାପ୍ରଭୁଙ୍କୁ ଦଶମୂଳ ଲାଗି ହୋଇଥିଲା। ଦଶମୂଳ ମହାପ୍ରଭୁଙ୍କ ଔଷଧ ହୋଇଥିବାବେଳେ ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥତା ଅନୁଭବ କରନ୍ତି। ଅଣସର ଘରେ ପ୍ରବେଶ ଦିନଠାରୁ ଆଷାଢ଼ କୃଷ୍ଣ ଦଶମୀ ପର୍ଯ୍ୟନ୍ତ ଠାକୁର ଶୁକ୍ଳ ବସ୍ତ୍ର ପରିଧାନ କରିବା ସହ ଧଳା ଫୁଲ ଲାଗି କରାଯାଇ ବିନା ତୁଳସୀରେ ଠାକୁରଙ୍କ ବେଶ କରାଇ ଭୋଗ ଲାଗି କରାଯାଇ ଆସୁଥିବାବେଳେ ଏକାଦଶୀରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇ ମହାପ୍ରଭୁ ବାରଲାଗି ପାଟ ପରିଧାନ କରାଇ ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବା ପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବା ସହ ଖଳିପ୍ରସାଦ ଲାଗି ହୋଇଥିଲା।

ଆସନ୍ତା ୨୬ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହେବାକୁ ଥିବାବେଳେ ୨୭ରେ ଠାକୁର ପହଣ୍ଡିବିଜେ କରି ରଥାରୁଢ଼ ହୋଇ ଘୋଷଯାତ୍ରାରେ ବାହାରିବେ।

# ଅନନ୍ତ ପୁରୁଷୋତ୍ତମଦେବଙ୍କ ମସ୍ତକରେ ଶୋଭାପାଇବ ପାନବରଜ ଟାହିଆ

ଖୋର୍ଦ୍ଧା,୨୩।୬(ସମିସ)



ମହାପ୍ରଭୁଙ୍କ ସେବାରେ ପ୍ରଶାନ୍ତଙ୍କ ପରିବାର

ଇଚ୍ଛାମୟ, ଲୀଳାମୟ ଓ ଭାବମୟ ଠାକୁର ହେଉଛନ୍ତି ପ୍ରଭୁ ଅନନ୍ତ ପୁରୁଷୋତ୍ତମ। ଆଉ ଦୁଇଦିନ ପରେ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ଜାଗୁଲେଇପାଟଣାସ୍ଥିତ ଅନନ୍ତ ପୁରୁଷୋତ୍ତମ ଦେବ (ପୂର୍ଣ୍ଣବିଗ୍ରହ)ଙ୍କ ଘୋଷଯାତ୍ରା ଏବଂ ଶ୍ରୀକ୍ଷେତ୍ର ଘୋଷଯାତ୍ରାର ରୀତିନୀତି ମଧ୍ୟରେ ପାର୍ଥକ୍ୟ ନ ଥିବାବେଳେ କେବଳ ରଥ ପ୍ରସ୍ତୁତିରେ ରହିଛି ପାର୍ଥକ୍ୟ। ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ ନନ୍ଦିଘୋଷରେ ବିଜେ କରୁଥିବାବେଳେ ବଡ଼ଭାଇ ବଳଭଦ୍ର ଏବଂ ମା' ସୁଭଦ୍ରା ଦର୍ପଦଳନ ଓ ତାଳଧ୍ୱଜ ରଥରେ ବିଜେ କରିଆସୁଛନ୍ତି। ମାତ୍ର ଜାଗୁଲେଇପାଟଣାଠାରେ ତିନି ଭାଇ-ଭଉଣୀଙ୍କ ପୂର୍ଣ୍ଣବିଗ୍ରହ ଗୋଟିଏ ରଥରେ ରଥାରୁଢ଼ ହୋଇ ମାଉସୀ ମା' ମନ୍ଦିରକୁ ବିଜେ କରିବାର ପରମ୍ପରା କେଉଁ ଆବହମାନକାଳରୁ ଜାରି ରହିଛି। ଖୋର୍ଦ୍ଧା ସହରଠାରୁ ୫ କି.ମି. ଦୂରରେ ଜାଗୁଲେଇପାଟଣା ଗ୍ରାମ। ଏଠାରେ ଶ୍ରୀସୁଦର୍ଶନଙ୍କ ସହ ତିନି ଠାକୁରଙ୍କ ପୂର୍ଣ୍ଣ ବିଗ୍ରହ(ହାତଗୋଡ଼ ଥାଇ ଠାକୁର) ପୂଜା ପାଉଛନ୍ତି। ୧୯୮୦ରୁ ଏଠାରେ ଘୋଷଯାତ୍ରା ଆୟୋଜିତ ହୋଇଆସୁଛି। ଘୋଷଯାତ୍ରାରେ ବିଭିନ୍ନ ସେବକ ମଧ୍ୟ ତାଙ୍କର ଦାୟିତ୍ୱ ତୁଲାଇବାରେ ଲାଗିପଡ଼ିଥା'ନ୍ତି। ଏହାରି ମଧ୍ୟରେ ଆଜକୁ ୧୦ବର୍ଷ ହେବ ପାନବରଜ ଗାଁର ପ୍ରଶାନ୍ତ ପଟ୍ଟନାୟକଙ୍କ ପରିବାର ମଧ୍ୟ ଠାକୁରଙ୍କ ପାଇଁ ଟାହିଆ ପ୍ରସ୍ତୁତ କରିଥା'ନ୍ତି। ଏହି ଟାହିଆ ଠାକୁରଙ୍କଠାରେ ଲାଗିହେବା ପରେ ସ୍ୱନେତ୍ରରେ ଦେଖି ସନ୍ତୋଷଲାଭ କରନ୍ତି ବୋଲି ଶ୍ରୀ ପଟ୍ଟନାୟକ କୁହନ୍ତି।

ପ୍ରଶାନ୍ତଙ୍କ ସୂଚନା ଅନୁସାରେ, ୨୦୧୪ରେ ସେ ପରିବାର ସହ ଅନନ୍ତପୁରୁଷୋତ୍ତମ ଦେବଙ୍କ ରଥଯାତ୍ରା ଦେଖିବାକୁ ଯାଇଥିଲେ। ନାମ ସଂକୀର୍ତ୍ତନରେ ମନ୍ଦିର ପରିସର ଉଚ୍ଛୁଳିଥାଏ। ମହାପ୍ରଭୁଙ୍କ ମସ୍ତକରେ ଟାହିଆ ନ ଥିବା ଘଟଣା ପ୍ରଶାନ୍ତଙ୍କୁ ବ୍ୟଥିତ କରିଥିଲା। ସେହି ବର୍ଷ ପୁରୀରୁ ଟାହିଆ ଆସିପାରି ନ ଥିବା ମନ୍ଦିର ସଦସ୍ୟଙ୍କ ନିକଟରୁ ଜାଣିବାକୁ ପାଇଥିଲେ। ଏହାପରଠାରୁ ସେ ପାନବରଜରୁ ଟାହିଆ ପ୍ରସ୍ତୁତ କରିଦେବେ ବୋଲି ମନସ୍ଥ କରିଥିଲେ। ମାତ୍ର ଟାହିଆ ପ୍ରସ୍ତୁତ ସମ୍ପର୍କରେ କିଛି ଜଣା ନ ଥିଲା। ମହାପ୍ରଭୁଙ୍କୁ ମୁଣ୍ଡିଆ ମାରିବାରେ ଟାହିଆ ପ୍ରସ୍ତୁତିରେ ସେ କୌଣସି ବାଧାର ସମ୍ମୁଖୀନ ହୋଇ ନ ଥିବା ପ୍ରକାଶ କରିଛନ୍ତି। ୨୦୧୫ ଏବଂ ୨୦୧୬ରେ ଗୋଟିଏ ଲେଖାଏଁ ଟାହିଆ ପ୍ରସ୍ତୁତ କରି ଦେଇଥିଲେ। ମାତ୍ର ୨୦୧୭ରୁ ସେ ସାହସ କରି ଦୁଇଟି ଟାହିଆ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଥିଲେ। ଏହାରି ଭିତରେ ହଠାତ୍ ଏକ ରାତିରେ ମହାପ୍ରଭୁ ମଠ ମହନ୍ତ କମଳଲୋଚନ ଦାସ ଏବଂ କିଛି ସାଧୁଙ୍କ ସହ ଆସି ଘରର ଝରକା ବାହାରୁ ଟାହିଆର ସ୍ଥିତି ଦେଖିଥିବା ସେ ସ୍ୱପ୍ନରେ ଅନୁଭବ କରିଥିଲେ। ଯାହା ତାଙ୍କୁ ଚକିତ କରିଥିଲା। ଅନୁଭବ ସମ୍ପର୍କରେ ସେ ମନ୍ଦିର କମିଟିକୁ ଏହା ଜଣାଇଥିବାବେଳେ ସେବେଠାରୁ ଜଗନ୍ନାଥଙ୍କ ନିମନ୍ତେ ଟାହିଆ ପ୍ରସ୍ତୁତ ଲାଗି ତାଙ୍କର ଏବଂ ତାଙ୍କ ପରିବାରର ଉତ୍ସାହ ଅଧିକ ବଢ଼ିଥିଲା ବୋଲି ସେ କହିଛନ୍ତି।

ଟାହିଆ ପ୍ରସ୍ତୁତି ଲାଗି ପୁରୀରୁ ସେ ସୋଲ ଫୁଲ ଆଣୁଥିବାବେଳେ ସ୍ଥାନୀୟ ବଜାରରୁ ଚୁମୁକି, ଜମ୍ଭୁରା, ଜିଙ୍କ୍, ସୂତା, ଲେନ୍ସ, ପେପର ଆଦି କିଣିଆଣି ପ୍ରସ୍ତୁତିରେ ଲାଗିପଡ଼ନ୍ତି। ଖର୍ଚ୍ଚ ବାବଦରେ ସେ ମୁହଁ ଖୋଲି ନ ଥିବାବେଳେ ମନ୍ଦିର ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଏକ ବସ୍ତ୍ର ପ୍ରଦାନ କରାଯାଏ ବୋଲି ସେ କୁହନ୍ତି। ପବିତ୍ର ଅକ୍ଷୟ ତୃତୀୟାଠାରୁ ନିଷ୍ଠାର ସହିତ ଏ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏଥିରେ ତାଙ୍କୁ ତାଙ୍କ ପରିବାର ସହଯୋଗ କରୁଥିବା ସେ କୁହନ୍ତି।

ଚଳିତ ବର୍ଷ ଗୁଣ୍ଡିଚା ଯାତ୍ରା ଆଉ ଦୁଇଦିନ ରହିଥିବାବେଳେ ମହାପ୍ରଭୁଙ୍କ ଟାହିଆ ପ୍ରସ୍ତୁତି କାମ ଶେଷ ପର୍ଯ୍ୟାୟରେ। ଖୁବ୍‌ଶୀଘ୍ର ଏହା ମନ୍ଦିରକୁ ପ୍ରଦାନ କରାଯିବ ବୋଲି ଜଣାଯାଇଛି। ପ୍ରକାଶ ଥାଉକି, ପୁରୀ ଜଗନ୍ନାଥଙ୍କ ରଥଯାତ୍ରା ପୂର୍ବଦିନ ମହାପ୍ରଭୁଙ୍କ ସେବାଲାଗି ପ୍ରଶାନ୍ତଙ୍କ ପରିବାର ୩ ବୋଝ ପଦ୍ମଫୁଲ ଏବଂ ଗୋଟିଏ ବୋଝ ତୁଳସୀ ଯୋଗାଇଥା'ନ୍ତି। ମହାପ୍ରଭୁଙ୍କ ସେବା କରି ତାଙ୍କ ପରିବାରକୁ ଆନନ୍ଦ ମିଳେ ବୋଲି ସେ କୁହନ୍ତି।

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

ବେଗୁନିଆ,୨୩।୬(ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ ଜାତୀୟ ରାଜପଥର ଟିକାତାଳ ଟୋଲ୍‌ଗେଟ୍ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ବାଇକ୍ ଚାଳକ ଆହତ ହୋଇଥିବାବେଳେ ଆରୋହୀ ମହିଳାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ରାଜସୁନାଖଳା ରତ୍ନପୁର ସାହିର ଶାନ୍ତନୁ ଆଚାର୍ଯ୍ୟ ଓ ପତ୍ନୀ ମାମୁନି ପୁଅ ବିବାହ କାର୍ଯ୍ୟର ବନ୍ଧୁ ନିମନ୍ତ୍ରଣ କରିବା ପାଇଁ ରବିବାର ପୂର୍ବାହ୍ନରେ ବେଗୁନିଆ ଅଭିମୁଖେ ଯାଉଥିଲେ। ଟିକାତାଳ ଟୋଲ୍‌ଗେଟ୍ ପୂର୍ବରୁ ଥିବା ରାସ୍ତା ହମ୍ପସରେ ଏକ ମାଲ୍‌ବାହୀ ଟ୍ରକ୍ ଦ୍ରୁତଗତିରେ ଆସି ବାଇକ୍ ପଛରେ ପିଟି ଦେଇଥିଲା। ଫଳରେ ବାଇକ୍ ଚାଳକ ଶାନ୍ତନୁ ରାସ୍ତା ପାର୍ଶ୍ୱରେ ପଡ଼ି ଆହତ ହୋଇଥିବାବେଳେ ପତ୍ନୀ ମାମୁନି ଆଚାର୍ଯ୍ୟଙ୍କ ଡାହାଣ ହାତ ଉପରେ ଟ୍ରକ୍ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବର ପାଇ ବେଗୁନିଆ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରି ଟ୍ରକ୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ୯୩ ଲିଟର ଦେଶୀ ମଦ ଜବତ; ୫ ଗିରଫ



ବେଗୁନିଆ,୨୩।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଛି। ଏଥିରୁ ମୋଟ ୯୩ ଲିଟର ଦେଶୀ ମଦ ଜବତ ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ନାରାୟଣୀପଡ଼ା ଗ୍ରାମର ପ୍ରଦୀପ ନାୟକ, ହଳଦିଆ ଗ୍ରାମର ସୁକାନ୍ତ ପରିଡ଼ା, ରାଉତପଡ଼ା ଗ୍ରାମର ହେମନ୍ତ ନାୟକ, ପ୍ରମୋଦ ନାୟକ ଓ ସାହାଡ଼ାପୁଟ ଗ୍ରାମର ସୁଦର୍ଶନ ନାୟକ।

## ବାଲୁଗାଁ ମହାବିଦ୍ୟାଳୟରେ ଯୋଗ ସଙ୍ଗମ କାର୍ଯ୍ୟକ୍ରମ

ବାଲୁଗାଁ,୨୩।୬(ସମିସ): ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ "ଯୋଗ ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଅଧ୍ୟାପକ ଡ. ସନ୍ତୋଷ କୁମାର ରଥ "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯୋଗ ପ୍ରଶିକ୍ଷକ ଦୁର୍ଗାପ୍ରସାଦ ପାଢ଼ୀ, ଦିଲ୍ଲୀପ ସୁବୁଦ୍ଧି, ପ୍ରଦୀପ ବଳବନ୍ତରାୟ ଓ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂ ସାମିଲ ହୋଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଯୋଗ, ପ୍ରାଣାୟାମ ଅଭ୍ୟାସ କରାଇଥିବା ବେଳେ ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ଯୋଗଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଶିବ ମହାରଣା, ପ୍ରଜ୍ଞାସ୍ମିତା ସାହୁ, ପ୍ରାଚୀ ସାହୁ, ଦେବିସ୍ମିତା ସାହୁ, ରାଜଲକ୍ଷ୍ମୀ ଜେନାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଅଭି ଜାଲିଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସାମିଲ ହୋଇ ମହାବିଦ୍ୟାଳୟ ପରିସର ସଫେଇ କରିବା ସହ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ରୀନା ରାଉତ, ଯୁବ ରେଡ୍‌କ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ, ଏନ୍‌ସିସି ଅଧିକାରୀ ଚନ୍ଦନ ନାୟକ, ରୋଭର ରେଞ୍ଜର ଅଧିକାରୀ ସ୍ନିଗ୍ଧାରାଣୀ ମୁଦୁଲି ଓ ଦୀପକ କୁମାର ପରିଡ଼ା ପରିଚାଳନା କରିଥିବାବେଳେ ଯୁବ ରେଡ୍‌କ୍ରସ ଦିଗ୍‌ଦର୍ଶକ ଅଧ୍ୟାପକ ଧୋବୀ ଚରଣ ପରିଡ଼ା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

● ୨୧ ଦିନ ଧାରଣା ପରେ ଦାବି ମାନିଲା ଫାଟୁଆ ଗବେଷଣା କେନ୍ଦ୍ର

# ଠିକା କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଜଟଣୀ,୨୩।୬(ସମିସ): ନବ ନିର୍ମାଣ ଯୁବଛାତ୍ର ସଂଗଠନ ଓଡ଼ିଶା ପକ୍ଷରୁ ଜଟଣୀ ଅରଗୁଳସ୍ଥ ଫାଟୁଆ ଗବେଷଣା କେନ୍ଦ୍ରରେ ଠିକା କର୍ମଚାରୀଙ୍କୁ ନେଇ ହେଉଥିବା ଅନିୟମିତତା ବିରୁଦ୍ଧରେ ପୂର୍ବ ସୂଚନା ମୁତାବକ ଆନ୍ଦୋଳନ କରାଯାଇଥିଲା। ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ଓଡ଼ିଶାର ରାଜ୍ୟ ସଂଯୋଜକ ଏମ୍.ଡି.ମନୱର ଅଲିଙ୍କ ନେତୃତ୍ୱରେ ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକ୍ ଅଧୀନ ଅରଗୁଳ ରେଲ୍‌ୱେ ଷ୍ଟେସନଠାରୁ ବିରାଟ ରାଲି ବାହାରି ଫାଟୁଆ ଗବେଷଣା କେନ୍ଦ୍ରଠାରେ ପହଞ୍ଚିଥିଲା। ୨୧ ଦିନ ଧରି ଚାଲିଥିବା ଆନ୍ଦୋଳନ ପରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ସୂଚନା ଥାଉ କି, ଗତ ୧୫ ତାରିଖରେ ଜଟଣୀ ବରଅରାସ୍ଥ ମହାବୀରଙ୍କ ମନ୍ଦିର ପରିସରରେ ଫାଟୁଆ ଗବେଷଣା କେନ୍ଦ୍ର ପକ୍ଷରୁ ଠିକା କର୍ମଚାରୀଙ୍କ ବିରୁଦ୍ଧରେ ହେଉଥିବା ଅନ୍ୟାୟ ବିରୁଦ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ କରା ନ ଗଲେ ୨୩ ତାରିଖରେ ବିରାଟ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ଓଡ଼ିଶା ପକ୍ଷରୁ ଏବଂ ସେହି ସୂଚନା ଅନୁଯାୟୀ ସୋମବାର ଉକ୍ତ ସଂଗଠନ ପକ୍ଷରୁ କର୍ମଚାରୀଙ୍କୁ ନ୍ୟାୟପ୍ରଦାନ ପାଇଁ ଆନ୍ଦୋଳନ କରାଯାଇଥିଲା। କର୍ମଚାରୀଙ୍କୁ ଇଏସ୍‌ଆଇ କାର୍ଡ ପ୍ରଦାନ, ୨୫ ମାସର ବକେୟା ରହିଥିବା ଇପିଏଫ୍ ପ୍ରଦାନ, ଶୀଘ୍ର ବେତନ ପ୍ରଦାନ, ସ୍ଥାୟୀ ନିଯୁକ୍ତି, ଗତ ଏପ୍ରିଲ ଏବଂ ମେ' ମାସର ଦରମା ପ୍ରଦାନ, ଆଡ୍‌ମିନିଷ୍ଟ୍ରେଟିଭ୍ ଅଧିକାରୀଙ୍କ ଦୁର୍ବ୍ୟବହାର ବନ୍ଦ କରିବା, ଏମ୍‌ଟିଏସ୍‌ରେ କାର୍ଯ୍ୟ କରାଇ ଏଗ୍ରିକଲ୍‌ଚରର ବେତନ ପ୍ରଦାନ ବନ୍ଦ କରିବା, ଏମ୍ପ୍ଲୟୀ ସେୟାରରୁ ନେଇଥିବା ଅର୍ଥ ପ୍ରଦାନ କରିବା ଦାବିକୁ ନେଇ ଫାଟୁଆ କେନ୍ଦ୍ର ସମ୍ମୁଖରେ ଗର୍ଜିଥିଲେ ଆନ୍ଦୋଳନକାରୀ। ଫାଟୁଆ କେନ୍ଦ୍ରରେ କାର୍ଯ୍ୟରତ ଠିକା କର୍ମଚାରୀ ନିଜ ହକ୍ ପାଇବା ପାଇଁ ଦୀର୍ଘ ୨୧ ଦିନବ୍ୟାପୀ ଧାରଣାରେ ବସିଥିଲେ। ସୋମବାର ୫୫ ଜଣ ଶ୍ରମିକଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା, ୨୫ ମାସର ବକେୟା ଇପିଏଫ୍ ଦରମା ତୁରନ୍ତ ପ୍ରଦାନ, ଶ୍ରମିକମାନଙ୍କୁ ଇଏସ୍‌ଆଇ କାର୍ଡ ପ୍ରଦାନ, ସଠିକ ସମୟରେ ଶ୍ରମିକଙ୍କ ଦରମା ପ୍ରଦାନ ଆଦି ୮ଦଫା ଦାବିକୁ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଦ୍‌ରେ ରହିଥିଲେ ଆନ୍ଦୋଳକାରୀ। ଏହି ଆନ୍ଦୋଳନରେ ଶତାଧିକ ଆନ୍ଦୋଳନକାରୀଙ୍କ ସହିତ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇଥିଲେ। ଆନ୍ଦୋଳନସ୍ଥଳକୁ ଫାଟୁଆ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଆସି ଆନ୍ଦୋଳନକାରୀ ଏବଂ ଏମ୍. ଡି. ମନୱର ଅଲି ଏବଂ ଅକ୍ଷୟ କୁମାଙ୍କ ସହିତ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ୍. ଡି. ମନୱର ଅଲି ସୂଚନା ଦେଇଛନ୍ତି। କୌଣସି ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଜଟଣୀ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା।

## ଦୁବାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

● ମୃତଦେହ ଫେରାଇ ଆଣିବାକୁ ଆକୁଳ ନିବେଦନ

ଟାଙ୍ଗୀ,୨୩।୬(ସମିସ): ଖୋର୍ଦ୍ଧା ଜିଲ୍ଲା କୁଞ୍ଜୁରୀ ପଞ୍ଚାୟତର ଦୀକ୍ଷିତପଡ଼ା ଗ୍ରାମର ଗୋକୁଳ ବେହେରାଙ୍କ ପୁଅ ଗଜେନ୍ଦ୍ର ବେହେରା(୩୨) ୨୦୨୩ ଡିସେମ୍ବର ୯ରୁ ସୁଦୂର ଦୁବାଇରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ସୋମବାର ସକାଳୁ ତାଙ୍କର ମୃତ୍ୟୁ ହୋଇଥିବା ଖବର ତାଙ୍କ ସାଙ୍ଗସାଥିମାନେ ଗଜେନ୍ଦ୍ରଙ୍କ ପରିବାରକୁ ଜଣାଇଥିଲେ। ଏଥିରେ ତାଙ୍କ ପରିବାର ବର୍ଗ ହତାଶ ହୋଇ ଟାଙ୍ଗୀ ତହସିଲ୍‌ଦାର, ସାଂସଦ, ବିଧାୟକଙ୍କୁ ଲିଖିତ ଜଣାଇବା ସହ ଦୁବାଇରୁ ଗଜେନ୍ଦ୍ରଙ୍କ ମୃତଦେହ ଓଡ଼ିଶା ଫେରାଇ ଆଣିବା ପାଇଁ ପରିବାର ବର୍ଗ ଓ ଗ୍ରାମବାସୀମାନେ ଓଡ଼ିଶା ପ୍ରଶାସନ ପାଖରେ ଆକୁଳ ନିବେଦନ କରିଛନ୍ତି। ଗଜେନ୍ଦ୍ରଙ୍କ ସ୍ତ୍ରୀ ଓ ଏକ ଶିଶୁପୁତ୍ର ଥିବା ଜଣାପଡ଼ିଛି।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର



ବୋଲଗଡ଼,୨୩।୬(ସମିସ): ବୋଲଗଡ଼ ବ୍ଲକ୍ କଳାଙ୍ଗ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୬୪ଟି ଅଭିଯୋଗ ଶୁଣାଣି ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୧୩୮ଟି ଓ ୨୬ଟି ସାମୂହିକ ଗ୍ରାମ୍ୟ ସମସ୍ୟା ଅଭିଯୋଗ ଥିଲା। ଶିବିରରେ ବିଧାୟକ ପ୍ରଦୀପ ସାହୁ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଏଡିଏମ୍(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ କିଶୋର ପଣ୍ଡା, ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁ, ତହସିଲ୍‌ଦାର ବିଜୟ ସେଠୀ ଓ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟକାରୀ ହେଉନି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

ବାଲୁଗାଁ,୨୩।୬(ସମିସ): କେନ୍ଦ୍ର ସରକାରଙ୍କ ବହୁ ଆକାଂକ୍ଷିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ରାଜ୍ୟର ବିଭିନ୍ନ ଜିଲ୍ଲାରେ କିଛି କିଛି ସ୍ଥାନରେ କାର୍ଯ୍ୟକାରୀ ହେଉଥିବାସ୍ଥଳେ ଏହି ଯୋଜନା ଜରିଆରେ ଜନସାଧାରଣଙ୍କୁ ସବ୍‌ସିଡି ଦରରେ କମ୍ ଖର୍ଚ୍ଚରେ ସୋଲାର ପ୍ଲାଣ୍ଟ ସ୍ଥାପନ କରି ମାଗଣା ବିଜୁଳି ପାଇବା ଲାଗି ସମସ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିତରଣ କେନ୍ଦ୍ରମାନ ଖୋଲାଯାଇଛି। ହେଲେ ସମଗ୍ର ବାଲୁଗାଁ, ବାଣପୁର ତଥା ଚିଲିକା ନିର୍ବାଚନମଣ୍ଡଳୀରେ ଏହି ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ଚିଲିକା ନିର୍ବାଚନ ମଣ୍ଡଳୀବାସୀଙ୍କ ସୌରଶକ୍ତି ମାଧ୍ୟମରେ ମାଗଣା ବିଜୁଳି ପାଇବାର ସ୍ୱପ୍ନ, ସ୍ୱପ୍ନରେ ସୀମିତ ରହିଯାଇଛି। ସରକାରୀ ନିୟନ୍ତ୍ରିତ ସଂସ୍ଥା ତଥା ଦାୟିତ୍ୱରେ ଥିବା ବିଦ୍ୟୁତ୍ କମ୍ପାନୀଗୁଡ଼ିକର ଏହି ଯୋଜନାର କାର୍ଯ୍ୟକାରିତା ପ୍ରତି ଆଗ୍ରହୀ ନ ଥିବା ସ୍ଥଳେ ଅନେକ ବେସରକାରୀ ସଂସ୍ଥା ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଆଗଭର ହେଉଛନ୍ତି। ହେଲେ ଯେଉଁ ବେସରକାରୀ ସଂସ୍ଥାକୁ ଏହି ଯୋଜନା କାର୍ଯ୍ୟକାରୀ ପାଇଁ ନିୟୋଜିତ କରାଯାଇଛି, ଉକ୍ତ ସଂସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଭରସା ପାଉ ନ ଥିବାରୁ ଏହି ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସଂସ୍ଥା ଲୋକଙ୍କୁ ସବ୍‌ସିଡି ବାବଦରେ ଏବଂ ଏହାର ବିଭିନ୍ନ ଲାଭ ବାବଦରେ ସଠିକ୍ ଭାବେ ଲୋକଙ୍କ ନିକଟରେ ପହଞ୍ଚାଇପାରୁ ନ ଥିବାରୁ ଏହି ଯୋଜନାର ସଠିକ୍ ରୂପାୟନ ହୋଇପାରୁନାହିଁ। ଫଳରେ ଡବଲ ଇଞ୍ଜିନ୍ ବିଜେପି ସରକାରଙ୍କ ଏହି କେନ୍ଦ୍ରୀୟ ଯୋଜନା ଚିଲିକା ନିର୍ବାଚନମଣ୍ଡଳୀରେ ଫେଲ୍ ମାରିଛି। ଏହି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଅର୍ଥ ବ୍ୟୟ କରି ଅଧିକ ସବ୍‌ସିଡି ଯୋଗାଇ ଦେଉଥିବାରୁ ଯେପରି ପ୍ରତ୍ୟେକ ପରିବାର ନିଜ ନିଜ ଘର ଛାତ ଉପରେ ସ୍ୱଳ୍ପ ଖର୍ଚ୍ଚରେ ସୌର ପ୍ୟାନେଲ୍ ବସାଇ ମାଗଣାରେ ବିଦ୍ୟୁତ୍ ଶକ୍ତି ପାଇ ଏହି ଯୋଜନାର ଲାଭ ଉଠାଇ ପାରିବେ। ବହୁ ଆଗ୍ରହୀ ବ୍ୟକ୍ତି ଏହି ଯୋଜନାରେ ନିଜ ନିଜ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ହାତଗଣତି ଲୋକଙ୍କ ଘରେ ଏହି ଯୋଜନା ମାଧ୍ୟମରେ ସୌର ପ୍ୟାନେଲ ବସାଯାଇଥିବା ବେଳେ ଏଥିରୁ ଅନେକ ବଞ୍ଚିତ ରହିଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେପି ପକ୍ଷରୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା; ତାହା ବିସ୍ତାରରେ ଏହି ଯୋଜନା ଜରିଆରେ ତଥା ସୌର ପ୍ରକଳ୍ପ ବସାଇ ମାଗଣା ବିଦ୍ୟୁତ୍ ପାଇବାକୁ ଯୋଜନା କରାଯାଇଥିଲା। ହେଲେ ଏହି ଯୋଜନା ସଠିକ୍ କାର୍ଯ୍ୟକାରୀ ନ ହେବାରେ ସରକାରଙ୍କ ମାଗଣା ବିଦ୍ୟୁତ୍ ଯୋଗାଣ ପ୍ରତିଶ୍ରୁତିରେ ରହିଗଲା। ସରକାର ଓ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଏହି ଯୋଜନାର ସଠିକ୍ କାର୍ଯ୍ୟକାରିତା ଲାଗି ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦୃଢ଼ ଦାବି ହେଉଛି।

# ୫ଦଫା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା,୨୩।୬(ସମିସ)




ରାଜ୍ୟରେ ବେଳକୁ ବେଳ ବଢ଼ିଚାଲିଛି ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା। ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବାବେଳେ ମେଳା ମହୋତ୍ସବରେ ମାତିଛନ୍ତି ସରକାର। ଏହାକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ ନିନ୍ଦା କରାଯିବା ସହ ୫ଦଫା ଦାବିରେ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଥାଉକି, ସଂଗଠନର ସଭାପତି ଜଲିଜ୍ୟୋତ୍ସ୍ନା ରାଉତରାୟଙ୍କ ନେତୃତ୍ୱରେ ସଦସ୍ୟମାନେ ଏକତ୍ରିତ ହୋଇ ୫ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଗଠନର ରାଜ୍ୟ ସଭାପତି ସ୍ୱୟଂପ୍ରଭା ନାୟକ ଯୋଗଦେଇ ଗୋପାଳପୁର ଗଣଦୁଷ୍କର୍ମ ଓ ହରିଚନ୍ଦନପୁର ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା କେବଳ ରାଜ୍ୟରେ ନୁହେଁ, ସାରା ଦେଶରେ ଜନତାଙ୍କୁ ସ୍ତମ୍ଭିଭୂତ କରିଛି। ସେହିପରି ବାରିପଦା, ବାଲେଶ୍ୱର, କେନ୍ଦ୍ରାପଡା, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନେକ ଘଟଣା ପ୍ରାୟ ଗତ ଏକ ସପ୍ତାହ ମଧ୍ୟରେ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଅଳ୍ପ କିଛିଦିନ ତଳେ ତାଳଚେର ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଜଣେ ଝିଅକୁ ଦୁଷ୍କର୍ମ କରି ବୀଭତ୍ସଭାବେ ହତ୍ୟା କରାଯାଇଥିଲା। ଏଥିସହିତ ହତ୍ୟା, ଲୁଟ୍, ରାହାଜନୀ ପ୍ରଭୃତି ରାଜ୍ୟରେ ବ୍ୟାପକ ଭାବେ ବୃଦ୍ଧି ପାଉଥିବା ଅପରାଧିକ କାର୍ଯ୍ୟକଳାପ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଅପାରଗତା ଉପରେ ବର୍ଷିଥିଲେ। ବିଶେଷଭାବେ ରାଜ୍ୟରେ ନାରୀ ସମାଜ ସୁରକ୍ଷିତ ନ ଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସରକାର ୫ଦଫା ଦାବି ଯଥା- ଗୋପାଳପୁର ଗଣଦୁଷ୍କର୍ମ ଘଟଣାର ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ, ହରିଚନ୍ଦନପୁର ସମେତ ସମ୍ପ୍ରତି ରାଜ୍ୟରେ ଘଟିଥିବା ଦୁଷ୍କର୍ମ, ହତ୍ୟା ଆଦି ଘଟଣାର ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯାଉ, ନିଶା ଓ ମାଦକଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା ଓ ଅପରାଧମୂଳକ କାର୍ଯ୍ୟକ୍ରମର ପ୍ରସାର ସମ୍ପୂର୍ଣ୍ଣ ବନ୍ଦ କରିବା, ନାରୀ ନିରାପତ୍ତାକୁ ସୁନିଶ୍ଚିତ କରିବା ସହ ଏ କ୍ଷେତ୍ରରେ ପୁଲିସ ପ୍ରଶାସନର ବିଫଳତାକୁ ଦୂର କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପ୍ରଭୃତି ଦାବି କରାଯାଇଛି। ସଂଗଠନର ଜିଲ୍ଲା ସମ୍ପାଦିକା ସଂଘମିତ୍ରା ମହାପାତ୍ର ସଭା ପରିଚାଳନା କରିଥିବାବେଳେ ଏଥିରେ ରିନା ପ୍ରଧାନ, ସୁକାନ୍ତି ନାୟକ, ଯମୁନା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

■ ମା' ଉଗ୍ରତାରା ଛକରେ ଲାଗିଥିବା ଫଳକରେ ଭୁଲ୍ ସୂଚନା

## ୧୬ ପରିବର୍ତ୍ତେ ଲେଖାଯାଇଛି ୫ ନମ୍ବର ଏନ୍‌ଏଚ୍

ଟାଙ୍ଗୀ,୨୩।୬(ସମିସ): ୧୬ନଂ ଜାତୀୟ ରାଜପଥ(ଏନ୍‌ଏଚ୍) ମା' ଉଗ୍ରତାରା ଛକରେ ଭୂଷଣ୍ଡପୁର ଯିବାକୁ ଏକ ସୂଚନାଫଳକ ଲଗାଯାଇଛି। ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଚିତ୍ର ସ୍ଥାନିତ ହୋଇଛି। ଦୀର୍ଘ ବର୍ଷ ପୂର୍ବରୁ ୫ନଂ ଜାତୀୟ ରାଜପଥର ନାମ ପରିବର୍ତ୍ତିତ ହୋଇ ୧୬ନଂ ଭାବେ ନାମିତ ହୋଇସାରିଛି। ଏହା ସତ୍ତ୍ୱେ କେଉଁ ଆଧାରରେ ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗ ଏପରି ଅକ୍ଷମଣୀୟ ତ୍ରୁଟି କରି ମୁଖ୍ୟମନ୍ତ୍ରୀଙ୍କଠାରୁ ବାହାବା ନେଉଛନ୍ତି। ଏଥି ସହିତ ସଂଶ୍ଳିଷ୍ଟ ନିର୍ମାଣ ବିଭାଗ ଅଧିକାରୀମାନେ ଅନ୍ଧ ନା ସେମାନଙ୍କର ଆବଶ୍ୟକ ଜ୍ଞାନର ଅଭାବ। ଏହାକୁ ବିଧିବଦ୍ଧ ଭାବରେ ଯାଞ୍ଚ କରା ନ ଯାଇ କିପରି ସେଠାରେ ସ୍ଥାପନ କରାଗଲା। ସେମାନଙ୍କ ବେପରୁଆ ମନୋଭାବ ଯୋଗୁଁ ଏପରି ହୋଇଥିବା ଅନୁମାନ କରାଯାଉଛି। ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା' ଉଗ୍ରତାରା ଠାକୁରାଣୀଙ୍କ ମନ୍ଦିର ଏହି ଛକଠାରୁ ମାତ୍ର ୩ କି.ମି. ଦୂର। ମନ୍ତ୍ରୀ, ସାଂସଦ, ବିଧାୟକ, ପ୍ରଶାସନିକ ଅଧିକାରୀଙ୍କ ଯାତାୟାତ ହେଉଛି। ଅଥଚ ଏହି ତ୍ରୁଟି କାହାର ଦୃଷ୍ଟିକୁ ନ ଆସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ବେପରୁଆ ତଥା ଖାମଖିଆଲି କାମ ଯୋଗୁଁ ଏଭଳି ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି। କାଳବିଳମ୍ବ ନ କରି ସଂଶୋଧିତ ସୂଚନାଫଳକ ଏହି ଛକରେ ସ୍ଥାନିତ କରିବାକୁ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ତରଫରୁ ନିର୍ମାଣ ବିଭାଗ ନିକଟରେ ଦାବି କରାଯାଇଛି।




ଜାତୀୟ ରାଜପଥ ପ୍ରାଧିକରଣଙ୍କ ତରଫରୁ ମଧ୍ୟ ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ରେ ଅନେକ ଗ୍ରାମର ନାମ ଭୁଲ୍ ଭାବରେ ସ୍ଥାନିତ ହୋଇଥିବା ଦେଖିବାକୁ ମିଳୁଛି। ତୁରନ୍ତ ଏହାର ସଂଶୋଧନ ହେବାର ଆବଶ୍ୟକତା ରହିଛି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୮୬ ● ପାଉଣ୍ଡ ୧୧୬.୯୫
- ୟୁରୋ ୧୦୦.୪୩ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୦୦ (ଭୁବନେଶ୍ୱର)
- ରୁପା : ୧,୧୧,୩୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୧,୮୯୬.୦୦
- ନିଫ୍ଟି ୨୪,୯୭୧.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# କମୁଛି ଲାଭ: ସଙ୍କଟରେ ଭାରତୀୟ ବ୍ୟାଙ୍କ

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

ଗତ ଆର୍ଥିକବର୍ଷର ମାର୍ଚ୍ଚ ତ୍ରୈମାସିକ ଭାରତୀୟ ବ୍ୟାଙ୍କଗୁଡ଼ିକ ପାଇଁ ବହୁତ ଭଲ ନ ଥିଲା। ଏଥର ବ୍ୟାଙ୍କଗୁଡ଼ିକର ମୋଟ ଲାଭ କେବଳ ଗୋଟିଏ ଅଙ୍କ ବୃଦ୍ଧି ପାଇଛି, ଯାହା ଗତ ୪ ବର୍ଷ ମଧ୍ୟରେ ଅର୍ଥାତ୍ ୧୭ ତ୍ରୈମାସିକରେ ପ୍ରଥମ ଥର ପାଇଁ ଦେଖାଯାଇଛି। ଯାହାଫଳରେ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଘୋର ସଙ୍କଟ ମଧ୍ୟକୁ ଚାଲିବା ଆଶଙ୍କା କରାଯାଉଛି। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଦୁର୍ବଳ ପ୍ରଦର୍ଶନ ଏବଂ ଦେଶର ସର୍ବବୃହତ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଲାଭରେ ହ୍ରାସ ଏହି ମାନ୍ଦାବସ୍ଥାର ପ୍ରମୁଖ କାରଣ ପାଲଟିଛି। ଅପରପକ୍ଷେ ବ୍ୟାଙ୍କଗୁଡିକର ନିଟ୍ ସୁଧ ଆୟ ମଧ୍ୟ କେବଳ ଗୋଟିଏ ପଏଣ୍ଟ ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଯେତେବେଳେ କି ଲାଭ ଉପରେ ନିରନ୍ତର ଚାପ ରହିଥିଲା। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ ସେପ୍ଟେମ୍ବରରୁ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅତିରିକ୍ତ ଲିକ୍ୟୁଡିଟି ପ୍ରବେଶ




କରାଇବା ଆରମ୍ଭ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଆଗାମୀ ସମୟରେ ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ଯଦି ଆମେ ଦେଶର ୨୯ଟି ବ୍ୟାଙ୍କର ନମୁନାକୁ ଦେଖିବା, ତେବେ ମୋଟ ନିଟ୍ ଲାଭରେ ୪.୯% ବୃଦ୍ଧି ଘଟିଛି, ଯାହା ୯୩,୮୨୮.୩ କୋଟି ଟଙ୍କା ରହିଛି। କିନ୍ତୁ ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏଥର ଲାଭ ଦୃଷ୍ଟିରୁ ପଛରେ ପଡ଼ିଯାଇଛି। ଏସ୍‌ବିଆଇର ନିଟ୍ ଲାଭରେ ୯.୯% ହ୍ରାସ ଘଟି ୧୮,୬୪୨.୬ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମିଳିତ ଭାବରେ ୧୩% ଲାଭ ବୃଦ୍ଧି ହାସଲ କରିଥିଲେ, ଯାହା ୪୮,୪୦୩.୪ କୋଟି ଟଙ୍କା ଥିଲା। କିନ୍ତୁ ଏହି ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍ ଥିଲା। ପୂର୍ବରୁ, ଜୁନ୍ ୨୦୨୨ ତ୍ରୈମାସିକରେ ୯.୨% ଅଭିବୃଦ୍ଧି ରେକର୍ଡ କରାଯାଇଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ହୁଏତ ମନ୍ଥର ପ୍ରଦର୍ଶନ କରିଥିବେ, କିନ୍ତୁ ଘରୋଇ ବ୍ୟାଙ୍କଗୁଡ଼ିକର ଅବସ୍ଥା ଆହୁରି ଖରାପ ଥିଲା। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ମୋଟ ଲାଭ ୨.୫% ହ୍ରାସ ପାଇ ୪୫,୪୨୪.୯ କୋଟି ଟଙ୍କା ହୋଇଛି। ଗତ ୧୩ ତ୍ରୈମାସିକରେ ଏହା ପ୍ରଥମ ଥର ଯେ ଘରୋଇ ବ୍ୟାଙ୍କଗୁଡ଼ିକର ଲାଭ ବାର୍ଷିକ ଆଧାରରେ ହ୍ରାସ ପାଇଛି। ଏହି ଦୁର୍ବଳ ପ୍ରଦର୍ଶନ ଘରୋଇ ବ୍ୟାଙ୍କଗୁଡ଼ିକର ଅଂଶକୁ ମଧ୍ୟ ପ୍ରଭାବିତ କରିଛି।

- ୪ ବର୍ଷ ପରେ କମିଲା ମୁନାଫା
- ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଲାଭ ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍
- ମୋଟ ସୁଧ ଆୟରେ ହ୍ରାସ

ଏହାବାଦ୍ ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମଧ୍ୟ ହ୍ରାସ ପାଇଛି। ଏହି ତ୍ରୈମାସିକରେ ନିଟ୍ ସୁଧ ଆୟ ମାତ୍ର ୩.୭% ବୃଦ୍ଧି ପାଇ ୨.୧ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଗତ ୧୪ ତ୍ରୈମାସିକରେ ସବୁଠାରୁ କମ୍ ଅଭିବୃଦ୍ଧି ଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମାତ୍ର ୨.୪% ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଯେତେବେଳେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୫.୩% ଅଭିବୃଦ୍ଧି ଦେଖାଇଛନ୍ତି। ଏହି ସଂଖ୍ୟାଗୁଡ଼ିକ ବ୍ୟାଙ୍କଗୁଡ଼ିକର ସମସ୍ୟାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ଏହାଛଡା ବ୍ୟାଙ୍କଗୁଡିକର ନିଟ୍ ସୁଧ ମାର୍ଜିନ୍ ଅନେକ ତ୍ରୈମାସିକ ପାଇଁ ଚାପ ମଧ୍ୟରେ ରହିଛି। ଏହାର ସବୁଠାରୁ ବଡ କାରଣ ହେଉଛି ରେପୋ ହାର ହ୍ରାସ ସତ୍ତ୍ୱେ, ବ୍ୟାଙ୍କଗୁଡ଼ିକ ଜମା ହାର ହ୍ରାସ କରିବାରେ ବିଳମ୍ବ କରିଛନ୍ତି। ମାର୍ଚ୍ଚ ତ୍ରୈମାସିକର ୨୯ଟି ବ୍ୟାଙ୍କ ମଧ୍ୟରୁ ୧୯ଟି ବ୍ୟାଙ୍କ ବାର୍ଷିକ ଆଧାରରେ ସେମାନଙ୍କର ନିଟ୍ ସୁଧ ମାର୍ଜିନ୍‌ରେ ହ୍ରାସ ପଞ୍ଜିକୃତ କରିଛି। ଏହି ପରିସ୍ଥିତି ବ୍ୟାଙ୍କଗୁଡ଼ିକ ପାଇଁ ଚିନ୍ତାର ବିଷୟ ହୋଇ ରହିଛି, କାରଣ ମାର୍ଜିନ୍ ହ୍ରାସ ସିଧାସଳଖ ସେମାନଙ୍କ ଲାଭକୁ ପ୍ରଭାବିତ କରେ।

### ଯୁଦ୍ଧ, ଟାରିଫ୍, ବାଣିଜ୍ୟ ଯୁଦ୍ଧ

## ବିଶ୍ୱକୁ ମହାମାନ୍ଦାବସ୍ଥାକୁ ଠେଲିଦେଲେ ଟ୍ରମ୍ପ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ଇରାନର ପରମାଣୁ ସଂସ୍ଥାନ ଉପରେ ଆମେରିକାର ବୋମାମାଡ଼ ପରେ ବିଶ୍ୱରେ ଉତ୍ତେଜନା ବୃଦ୍ଧି ପାଇଛି। କେନ୍ଦ୍ର ସରକାର ଆମେରିକା-ଇରାନ-ଇସ୍ରାଏଲ୍ ବିବାଦ ଉପରେ କଡ଼ା ନଜର ରଖିଛି। ଭାରତ ସରକାର ବର୍ତ୍ତମାନ ସ୍ଥିତି ହର୍ମୁଜ୍ ପ୍ରଣାଳୀର ସମ୍ଭାବ୍ୟ ବନ୍ଦ ହେବାର ପ୍ରଭାବକୁ ମଧ୍ୟ ମୂଲ୍ୟାଙ୍କନ କରୁଛି। ଏହି ପ୍ରଣାଳୀ ପେଟ୍ରୋଲିୟମ ଉତ୍ପାଦ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ତଥାପି, ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। କିନ୍ତୁ, ଭାରତ ବର୍ତ୍ତମାନ ଏହାକୁ ନେଇ ବହୁତ ଚିନ୍ତିତ ନୁହେଁ। ସବୁଠାରୁ ବଡ଼ ଉତ୍ତେଜନା ହେଉଛି ଯେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ରୁଷ-ୟୁକ୍ରେନ ପରି ଲମ୍ବା ହେବା ଉଚିତ୍ ନୁହେଁ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହା ଭାରତ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

ବିଗତ କିଛି ମାସ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଆଶାଠାରୁ କମ୍ ରହିଥିଲା। ଏବେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। କିନ୍ତୁ, ବର୍ତ୍ତମାନ ଏହାର କୌଣସି ବଡ଼ ପ୍ରଭାବ ପଡ଼ିବ ନାହିଁ। ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି। ଭାରତ ଇରାନରୁ ସିଧାସଳଖ ତେଲ ଆମଦାନୀ କରେ ନାହିଁ। କିନ୍ତୁ, ଏହା ଏହାର ତେଲ ଆବଶ୍ୟକତାର ୮୦% ଆମଦାନୀ କରେ। ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟରେ ଯେ କୌଣସି ବଡ଼ ବୃଦ୍ଧି ବାଣିଜ୍ୟ ନିଅଣ୍ଟ, ଆର୍ଥିକ ନିଅଣ୍ଟ ଏବଂ ପାଇକାରୀ ମୁଦ୍ରାସ୍ଫୀତି ହାର ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ବ୍ୟାଙ୍କ ଅଫ୍ ବରୋଦାର ଏକ ରିପୋର୍ଟରେ କୁହାଯାଇଛି ଯେ ଇରାନ ତୈଳ ବଜାରରେ ଏକ ବଡ଼ ଖେଳାଳି ନୁହେଁ। ଏହାର ଅଂଶ ୪%। କିନ୍ତୁ, ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଜାହାଜଗୁଡ଼ିକୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପଡିବ। ବିଶ୍ୱର ୨୦% ରୁ ଅଧିକ ତୈଳ ପରିବହନ ଏହି ପ୍ରଣାଳୀ ଦେଇ ଗତି କରେ। ରିପୋର୍ଟରେ କୁହାଯାଇଛି, ପଶ୍ଚିମ ଏସିଆରୁ ପ୍ରଚୁର ଅଶୋଧିତ ତୈଳ ବନ୍ଦ ହୋଇପାରେ। ଏପରି ପରିସ୍ଥିତିରେ, ଯୋଗାଣ ଏବଂ ଚାହିଦାରେ ଏକ କୃତ୍ରିମ ଅସନ୍ତୁଳନ ସୃଷ୍ଟି ହୋଇପାରେ। ଏହା ମୂଲ୍ୟ ବୃଦ୍ଧି କରିପାରେ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୧୦% ବୃଦ୍ଧି ଅର୍ଥନୀତି ଉପରେ ଅଧିକ ପ୍ରଭାବ ପକାଇବ ନାହିଁ। କାରଣ ହେଉଛି ଅର୍ଥନୀତିର ମୌଳିକ ଶକ୍ତି ଦୃଢ଼।

## ମାଲାବାରର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୨୩।୬(ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ନଏଡା ସେକ୍ଟର ୧୮୦ରେ ଏହାର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମାଲାବାର ଗ୍ରୁପ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାଲାବାର ଗ୍ରୁପର ପରିଚାଳନା ନିର୍ଦ୍ଦେଶକ (ଭାରତ,ଅପରେସନ) ଓ ଆସେର,ଗ୍ରୁପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେପି ବୀରନ୍‌କୁଟ୍ଟୀ, ଗ୍ରୁପ ଚିଫ୍ ମାର୍କେଟିଂ ଅଫିସର ସଲିସ୍ ମ୍ୟାଥ୍ୟୁ, ହେଡ୍ ରିଟେଲ ଅପରେସନ୍ (ଅବଶିଷ୍ଟ ଭାରତ) ପିକେ ସିରାଜ୍, ରିଜିଓନାଲ ହେଡ୍ (ଉତ୍ତର) ଏନ୍‌କେ ନିଶାଦ୍ ଏବଂ ପରିଚାଳନା ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମାଲାବାର ଗ୍ରୁପ ପକ୍ଷରୁ ଭାରତ ଏବଂ ବିଶ୍ୱ ବଜାରରେ ରଖାଯାଇଥିବା ଆଖିଦୃଶିଆ ଅଭିବୃଦ୍ଧି ଯୋଜନାର ଅଂଶସ୍ୱରୂପ ନଏଡା ଶୋ'ରୁମ ଖୋଲାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମାଲାବାରର ୧୫ଟି ଦେଶରେ ଶୋ' ରୁମ୍ ରହିଥିବା ଜଣାପଡ଼ିଛି।

## ଆରବ ରାଷ୍ଟ୍ରରୁ ଭାରତକୁ ଅର୍ଥ ପ୍ରେରଣରେ ଅଚାନକ ବୃଦ୍ଧି

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଯୋଗୁ ସମ୍ପ୍ରତି ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଏହାକୁ ନେଇ ଉପସାଗରୀୟ ବିଶେଷ କରି ଆରବ ରାଷ୍ଟ୍ରଗୁଡିକରେ ବାଣିଜ୍ୟ କାରବାର ଧିମା ପଡିଯାଇଛି। ହେଲେ ଏହା ମଧ୍ୟରେ ଭାରତକୁ ଆରବ ରାଷ୍ଟ୍ରଗୁଡିକୁ ଅର୍ଥ ପ୍ରେରଣରେ ଅଚାନକ ବୃଦ୍ଧି ଘଟିଛି। କାରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ସାଉଦି ଆରବରୁ ଦେଶକୁ ଧୁମ୍ ଟଙ୍କା ପଠାଉଛନ୍ତି ପ୍ରବାସୀ ଭାରତୀୟ। ବିଶେଷକରି ୟୁଏଇ ଏବଂ ସାଉଦି ଆରବରେ ରହୁଥିବା ପ୍ରବାସୀ ଭାରତୀୟ(ଏନ୍‌ଆର୍‌ଆଇ)ମାନଙ୍କ ମଧ୍ୟରେ ଦେଶକୁ ଟଙ୍କା ପଠାଇବା ପାଇଁ ଏକ ପ୍ରତିଯୋଗିତା ଚାଲିଛି। ପ୍ରକୃତରେ, ୟୁଏଇ ଦିରହାମ୍(ଏଇଡି) ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୨୩.୫ ଟଙ୍କା ପ୍ରତି ଦିରହମ୍‌କୁ ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି, ପ୍ରବାସୀ ଭାରତୀୟମାନେ ଏହାର ସୁଯୋଗ ନେଉଛନ୍ତି ଏବଂ ଭାରତକୁ ଯଥାସମ୍ଭବ ଟଙ୍କା ପଠାଇବାକୁ ଚାହୁଁଛନ୍ତି।

ଏକ ରିପୋର୍ଟ ଅନୁସାରେ, ଯେବେଠାରୁ ଟଙ୍କା ପ୍ରାୟ ୨୩.୫ ଟଙ୍କା ପ୍ରତି ଦିରହାମ୍‌କୁ ହ୍ରାସ ପାଇଛି, ସେବେଠାରୁ ବିଦେଶରୁ ଭାରତକୁ ପଠାଯାଉଥିବା ଟଙ୍କା ପରିମାଣରେ ତୀବ୍ର ବୃଦ୍ଧି ଘଟିଛି। ଏହି କାରଣରୁ ପ୍ରବାସୀ ଭାରତୀୟମାନେ କମ୍ ଟଙ୍କାରେ ଅଧିକ ଦିରହାମ୍ ପଠାଇ ପାରୁଛନ୍ତି, ଯାହା ଫଳରେ ଭାରତରେ ଥିବା ସେମାନଙ୍କ ପରିବାର ଅଧିକ ଟଙ୍କା ପାଇବେ। ଏହି କାରଣରୁ ଉପସାଗରୀୟ ଦେଶଗୁଡ଼ିକ ବିଶେଷକରି ୟୁଏଇ ଏବଂ ସାଉଦି ଆରବରେ ରହୁଥିବା ଭାରତୀୟମାନେ ପ୍ରଚୁର ମାତ୍ରାରେ ଟଙ୍କା ଭାରତକୁ ପଠାଉଛନ୍ତି।



**ୟୁଏଇ, ସାଉଦି ଆରବରୁ ଧୁମ୍ ଟଙ୍କା ପଠାଉଛନ୍ତି ପ୍ରବାସୀ**

**ୟୁଏଇ ଦିରହାମ୍ ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଖସୁଛି**

ଉପସାଗରୀୟ ରାଷ୍ଟ୍ରଗୁଡିକର ମୁଦ୍ରା ବିନିମୟ ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଜୁନ୍ ୧୯ ପରଠାରୁ ଏଇଡି ରୁ ଭାରତୀୟ ଟଙ୍କା କାରବାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଶିଳ୍ପ ଅଧିକାରୀଙ୍କ ଅନୁଯାୟୀ, ଯାହାଙ୍କ ପାଖରେ କିଛି ଅତିରିକ୍ତ ଟଙ୍କା ଅଛି, ସେମାନେ ତାହାକୁ ତୁରନ୍ତ ଭାରତକୁ ପଠାଉଛନ୍ତି। ୟୁଏଇର ଏକ ମୁଦ୍ରା ଏକ୍ସଚେଞ୍ଜର ଜଣେ ବରିଷ୍ଠ ଅଧିକାରୀ ଗଲ୍ଫ ନ୍ୟୁଜକୁ କହିଛନ୍ତି, ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଏଇଡି-ଭାରତୀୟ ଟଙ୍କା ପଠାଣ ଦୃଷ୍ଟିରୁ ସର୍ବୋତ୍ତମ ଥିଲା। କିଛି ସମୟ ପାଇଁ ଟଙ୍କାର ମୂଲ୍ୟ ୨୩.୪୬ ଟଙ୍କାକୁ ବୃଦ୍ଧି ପାଇଥିଲେ ମଧ୍ୟ, ଅଧିକାଂଶ ଲୋକ ଟଙ୍କା ପଠାଇବା ଜାରି ରଖିଥିଲେ।

ସାଧାରଣତଃ ଜୁନ୍ ମାସରେ, ଛୁଟି ଏବଂ ଯାତ୍ରା ଖର୍ଚ୍ଚ ଯୋଗୁଁ ପ୍ରବାସୀ ଭାରତୀୟମାନେ ଭାରତକୁ କମ୍ ଟଙ୍କା ପଠାଇଥାନ୍ତି। କିନ୍ତୁ ଏଥର ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଏହି ଧାରା ପରିବର୍ତ୍ତନ ହୋଇଛି। ମୁଦ୍ରା ବିନିୟମ ଏଜେନ୍ସିଗୁଡ଼ିକର କହିବାନୁଯାୟୀ, ସପ୍ତାହାନ୍ତରେ ମଧ୍ୟ ଟଙ୍କା ପଠାଇବାର ଗତି ଅକ୍ଷୁର୍ଣ୍ଣ ରହିଛି ଏବଂ ଏହା ସୋମବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଉଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଜୁଲାଇରେ ଟଙ୍କାର ବିନିମୟ ମୂଲ୍ୟରେ ସମାନ ସ୍ଥିତି ରୁହେ କିମ୍ବା ଏହା ଆହୁରି ଦୁର୍ବଳ ହୁଏ, ତେବେ ଏହା ପ୍ରବାସୀ ଭାରତୀୟମାନଙ୍କ ପାଇଁ ଦ୍ୱିଗୁଣିତ ଲାଭ ହେବ।

## ଆଦିତ୍ୟ ଆଲୁମିନିୟମ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର



ଭୁବନେଶ୍ୱର ,୨୩।୬(ସମିସ): ଆଦିତ୍ୟ ଆଲୁମିନିୟମ୍(ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍) ଲପଙ୍ଗା ସମ୍ବଲପୁରକୁ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର ୨୦୨୪ ମିଳିଛି। ପଞ୍ଚତାରକା ବର୍ଗରେ କମ୍ପାନୀକୁ ଏହି ପୁରସ୍କାର ମିଳିଛି। ଜିରୋ ଲିକ୍ୱିଡ୍ ଡିସ୍‌ଚାର୍ଜ,ଅତ୍ୟାଧୁନିକ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ, ବର୍ଜ୍ଜ ଜଳ ପରିଚାଳନା ଏବଂ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଆଦିତ୍ୟ ଆଲୁମିନିୟମ୍‌ର ଆଖିଦୃଶିଆ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୦ମ ଜାତୀୟ ପରିବେଶ,ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ କନ୍‌କ୍ଲେଭ୍ ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ୟୁନିଟ୍ ମୁଖ୍ୟ ତଥା ସଭାପତି ଜଗନ୍ନାଥ ପ୍ରସାଦ ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଆଇକ୍ୟୁଇଏମ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟ ସଚିବ ଉମା ନାନ୍ଦୂରୀ ଏବଂ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଭାପତି ଅଶୋକ ତ୍ରିପାଠୀ ଉପସ୍ଥିତ ଥିଲେ।

### ସେନ୍‌ସେକ୍ସରେ ୫୧୧ ପଏଣ୍ଟ ହ୍ରାସ

ମୁମ୍ବାଇ,୨୩।୬(ଏଜେନ୍ସି): ଦୁର୍ବଳ ବୈଶ୍ୱିକ ସଂକେତ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୫୧୧.୩୮ ପଏଣ୍ଟ ଏବଂ ନିଫ୍ଟିରେ ୧୪୦.୫୦ ପଏଣ୍ଟ ହ୍ରାସ ଘଟିଛି।

## ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ପାଇଁ ଆକାଶ ଛାତ୍ର ଶୁଭ୍ରଜିତ୍ ପାଲ୍ ମନୋନୀତ

ଭୁବନେଶ୍ୱର,୨୩।୬(ସମିସ): ଫିଲିପାଇନ୍ସର କ୍ୱିଜନ୍ ସିଟିରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ (ଆଇବିଓ)୨୦୨୫ ପାଇଁ ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍(ଏଇଏସ୍‌ଏଲ୍)ର କଲିକତାର ଛାତ୍ର ଶୁଭ୍ରଜିତ୍ ପାଲ ମନୋନୀତ ହୋଇଛନ୍ତି। ଜୁଲାଇ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ ପାଇଁ ଶୁଭ୍ରଜିତ୍‌ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ପ୍ରାଣୀ ବିଜ୍ଞାନ ପ୍ରତି ଆଗ୍ରହ ରଖୁଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ହେଉଛି ଏକ ବିଶ୍ୱ ସ୍ତରୀୟ ପ୍ରତିଯୋଗିତା। ଶୁଭ୍ରଜିତ୍ ଏନ୍‌ଏସ୍‌ଇବି ଏବଂ ଆଇଏନ୍‌ବିଓ ପାଇଁ ଯୋଗ୍ୟତା ଅର୍ଜ୍ଜନ କରିବା ସହ ୨୦୨୪ରେ ଓସିଏସ୍‌ସି କ୍ୟାମ୍ପରେ ଯୋଗଦେଇଥିଲେ। ଶୁଭ୍ରଜିତ୍‌ଙ୍କ ସଫଳତା ଉପରେ ପ୍ରତିକ୍ରିୟା ରଖି ଆକାଶ ଏଜୁକେଶନାଲ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦୀପକ୍ ମେହେରୋତ୍ରା କହିଛନ୍ତି ଯେ, ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ୨୦୨୫ରେ ଶୁଭ୍ରଜିତ୍‌ଙ୍କ ଅଂଶ ଗ୍ରହଣ ନେଇ ଆମେ ବେଶ ଆନନ୍ଦିତ। ଏଭଳି ପ୍ଲାଟଫର୍ମ ପିଲାଙ୍କୁ କିଛି ଶିଖିବା ଏବଂ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। ଏଥିରେ ୭୦ରୁ ଅଧିକ ରାଷ୍ଟ୍ରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି।



# ଭାରତରେ ମକା, ସୋୟାବିନ୍ ଶସ୍ତାରେ ବିକିବାକୁ ଆମେରିକାର ଜିଦ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ମଝିରେ ଫସି ରହିଛି। ବାଣିଜ୍ୟ ଚୁକ୍ତି ପାଇଁ, ଆମେରିକା ମକା ଏବଂ ସୋୟାବିନ୍ ଭଳି ତାର ଜେନେଟିକାଲ୍ ପରିବର୍ତ୍ତିତ (ଜିଏମ୍) ଖାଦ୍ୟ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି କରୁଛି। ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଚାହୁଁଛି ଯେ ଏହି ଉତ୍ପାଦଗୁଡ଼ିକ ଭାରତରେ ଶସ୍ତାରେ ବିକ୍ରି ହେଉ। ସେହି ସମୟରେ, ଭାରତ ସରକାର ଚାଷୀମାନଙ୍କୁ କ୍ଷତିରୁ ରକ୍ଷା କରିବା ପାଇଁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଚାହୁଁନାହାନ୍ତି। ଭାରତୀୟ ଅଧିକାରୀଙ୍କ ମତରେ ଯଦି ଆମେରିକାରୁ ଶସ୍ତା ଜିଏମ୍ ଖାଦ୍ୟ ଭାରତକୁ ଆସେ, ତେବେ ଭାରତୀୟ କୃଷକମାନଙ୍କ ପାଇଁ ସେମାନଙ୍କର ଫସଲ ବିକ୍ରି କରିବା କଷ୍ଟକର ହୋଇଯିବ। ଏପରି ପରିସ୍ଥିତିରେ ଚୁକ୍ତିକୁ ନେଇ ଦ୍ୱନ୍ଦ୍ୱ ରହିଛି। ଜୁଲାଇ ୯ ତାରିଖ ପୂର୍ବରୁ ଏ ନେଇ ସମାଧାନ ଖୋଜିବା କଷ୍ଟକର ହୋଇପାରେ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଅଧୀନରେ ଉଭୟ ଦେଶ ପରସ୍ପରର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରି ବାଣିଜ୍ୟ ବୃଦ୍ଧି କରିବାକୁ ଚାହାଁନ୍ତି। ଭାରତ ଆମେରିକାରେ ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ କିଛି ଇଞ୍ଜିନିୟରିଂ ସାମଗ୍ରୀ ଉପରେ ଶୂନ୍ୟ ଟିକସ ଚାହୁଁଛି, ଯେତେବେଳେ କି ଆମେରିକା ଏହାର କୃଷି ଏବଂ ଶିଳ୍ପ ଉତ୍ପାଦ ପାଇଁ ଭାରତରେ ଏକ ବଜାର ଚାହୁଁଛି। ଆସନ୍ତା ଜୁଲାଇ ୯ ସୁଦ୍ଧା ଏହି ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ପ୍ରୟାସ କରାଯାଉଛି। ଯଦି ଏହି ତାରିଖ ସୁଦ୍ଧା କୌଣସି ସୀମିତ ଚୁକ୍ତିନାମା ନ ହୁଏ, ତେବେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୬% ଲାଗୁ କରିବ।

**ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି**

**ଜୁଲାଇ ୯ରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା**

**କ୍ଷତି ସହିବେ ଭାରତୀୟ ଚାଷୀ**

**ଆଶଙ୍କାରେ ଦ୍ୱିପାକ୍ଷିକ ବାଣିଜ୍ୟ**

ଆମେରିକା ଚାହୁଁଛି ଯେ ଭାରତ ଜିଏମ୍ ଫସଲ (ମକା, ସୋୟାବିନ୍) ଏବଂ ଅନ୍ୟାନ୍ୟ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରୁ। ଏହାସହିତ, ଏହା ଚିକିତ୍ସା ଉପକରଣ ଉପରେ ଶୁଳ୍କ ଏବଂ ତଥ୍ୟ ସ୍ଥାନୀୟକରଣ ନିୟମରେ ଛାଡ଼ ଚାହୁଁଛି। ଆମେରିକା ଏହାର ଦୁଗ୍ଧ ଉତ୍ପାଦ, ଯାନବାହାନ ଏବଂ ହ୍ୱିସ୍କି ପରି ସାମଗ୍ରୀ ଉପରେ କମ ଶୁଳ୍କ ଦାବି ମଧ୍ୟ କରୁଛି। ଭାରତ ଆମେରିକାର ଦାବି ଗ୍ରହଣ କରିବାକୁ ମନା କରିଦେଇଛି, ବିଶେଷକରି କୃଷି ଏବଂ କ୍ଷୀର ବଜାର ଖୋଲିବା ଦାବି। ଭାରତ କହିଛି ଯେ ଏହା ଲକ୍ଷ ଲକ୍ଷ ଗରିବ ଚାଷୀଙ୍କ କ୍ଷତି କରିବ। ଭାରତୀୟ ଉତ୍ପାଦଗୁଡ଼ିକ ଆମେରିକୀୟ ଉତ୍ପାଦ ସହିତ ପ୍ରତିଯୋଗିତା କରିପାରିବେ ନାହିଁ। ଭାରତ କହିଛି ଯେ ଯଦି ଆମେରିକା ଇସ୍ପାତ ଏବଂ ଅଟୋମୋବାଇଲ୍ ଉପରେ ଶୁଳ୍କ ଲାଗୁ କରେ, ତେବେ ଆମେ ମଧ୍ୟ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବୁ। ଭାରତ ଚାହୁଁଛି ଯେ ଆମେରିକା ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ ଅଟୋ ଯନ୍ତ୍ରାଂଶ ଉପରୁ ଶୁଳ୍କ ହଟାଉ କିମ୍ବା ହ୍ରାସ କରୁ। ଭାରତ ପ୍ରଥମେ ଶୂନ୍ୟ ଶୁଳ୍କ ଦାବି କରିଥିଲା, କିନ୍ତୁ ବର୍ତ୍ତମାନ ଏହା ଅତି କମରେ ୧୦% ମୂଳ ଶୁଳ୍କ ଉପରେ ସହମତ ହେବ ବୋଲି ଆଶା କରାଯାଉଛି, ଯାହାକୁ ଆମେରିକା ସମସ୍ତ ଦେଶ ପାଇଁ ଲାଗୁ କରୁଛି।

ଯଦି ଜୁଲାଇ ୯ ସୁଦ୍ଧା କୌଣସି ଚୁକ୍ତି ନ ହୁଏ, ତେବେ ଆମେରିକା ବୟନ ଶିଳ୍ପ, ଔଷଧ ଏବଂ ଅଟୋ ଯଶ ସମେତ ଭାରତୀୟ ସାମଗ୍ରୀ ଉପରେ ୨୬% ଶୁଳ୍କ ଲାଗୁ କରିପାରେ। ଏହା ଭାରତୀୟ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ। ଜବାବରେ ଭାରତ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିପାରେ, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି କରିପାରେ। ଆଲୋଚନା ଏବେ ବି ଚାଲିଛି। ଜୁନରେ ଦିଲ୍ଲୀରେ ଅନୁଷ୍ଠିତ ଆଲୋଚନାରେ ଡିଜିଟାଲ୍ ବାଣିଜ୍ୟ ଏବଂ ସୀମା ଶୁଳ୍କ ସୁବିଧା ଭଳି ପ୍ରସଙ୍ଗରେ ସହମତି ହୋଇଥିଲା। ଯଦି ଆମେରିକା ଭାରତୀୟ ସାମଗ୍ରୀ ଯେପରିକି କପଡ଼ା ଏବଂ ଜୋତା ଉପରେ ୧୦% ଶୁଳ୍କ ପ୍ରଦାନ କରେ ତେବେ ଭାରତ କିଛି କୃଷି ଉତ୍ପାଦ ଏବଂ ଯାନବାହାନ ଉପରେ ଶୁଳ୍କ ହ୍ରାସ କରିବାକୁ ବିଚାର କରୁଛି, କିନ୍ତୁ ଜିଏମ୍ ଖାଦ୍ୟ ଏବଂ କ୍ଷୀର ପରି ପ୍ରସଙ୍ଗଗୁଡ଼ିକ ଏକ ଅଚଳାବସ୍ଥା ରହିଛି। ଅପରପକ୍ଷେ ଭାରତ ଏବଂ ଆମେରିକା ଉଭୟ ଏହି ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ କରିବାକୁ ଚାହାଁନ୍ତି, କିନ୍ତୁ ଭାରତ ଏହାର ଚାଷୀ ଏବଂ ସ୍ଥାନୀୟ ଶିଳ୍ପକୁ ସୁରକ୍ଷା ଦେବାକୁ ପ୍ରାଥମିକତା ଦେଉଛି। ଯଦି ଚୁକ୍ତି ହୁଏ ନାହିଁ, ତେବେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ରେ ଆମେରିକାର ଇସ୍ପାତ ଏବଂ ଆଲୁମିନିୟମ ଶୁଳ୍କ ବିରୁଦ୍ଧରେ ଅଭିଯୋଗ କରିପାରିବ। ଦୁଇ ଦେଶ ସମ୍ଭବତଃ ତିନୋଟି ପର୍ଯ୍ୟାୟରେ ଚୁକ୍ତି ସମାପ୍ତ କରିବାକୁ ଚେଷ୍ଟା କରିବେ। ପ୍ରଥମ ପର୍ଯ୍ୟାୟ ଜୁଲାଇ ସୁଦ୍ଧା, ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର-ନଭେମ୍ବର ସୁଦ୍ଧା ଏବଂ ତୃତୀୟ ପର୍ଯ୍ୟାୟ ପରବର୍ତ୍ତୀ ବର୍ଷ ପାଇଁ ଧାର୍ଯ୍ୟ କରାଯାଇଛି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।


**ମୀନ:** ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୫୬୪- ରାଣୀ ଦୁର୍ଗାବତୀଙ୍କ ବିୟୋଗ।
- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮ - କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।

## ଆଜି ବାହୁଡ଼ିଥିଲେ

# ଜନନାୟକ ନବକୃଷ୍ଣ ଚୌଧୁରୀ



ନବକୃଷ୍ଣ ଚୌଧୁରୀ ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ବାଦ୍ ତାଙ୍କର ଏକ ବ୍ୟାପକ ପରିଚୟ ଥିଲା। ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଏବଂ ସର୍ବୋଦୟ ନେତା। ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ। ନବକୃଷ୍ଣ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଗୋକୁଳାନନ୍ଦ ଚୌଧୁରୀ ଜଣେ ଓକିଲ ଥିଲେ। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ସାବରମତୀ ଆଶ୍ରମରେ ଦଶମାସର ରହଣି ତାଙ୍କୁ ସଚ୍ଚୋଟ ଲୋକସେବକ ହେବାରେ ସାହାଯ୍ୟ କରିଥିଲା ଏବଂ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ଲାଗିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ 'ସାରଥି' ଏବଂ ତା ପରେ 'କୃଷକ' ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହୋଇଥିଲେ। ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହୋଇଥିଲେ। ଶେଷରେ ୧୯୫୦ରେ ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ। ଏହି ସମୟ ଭିତରେ ସେ ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଆଜୀବନ ଶୋଷିତ ଶ୍ରେଣୀର ସପକ୍ଷରେ କାର୍ଯ୍ୟ କରିଥିବା ଏହି ଜନନେତା ୧୯୮୪ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ନୃତ୍ୟ ପ୍ରବୀଣା ସଂଯୁକ୍ତା



ସ୍ୱାଧୀନତୋତ୍ତର ଓଡ଼ିଶାରେ ଯେଉଁ ନୃତ୍ୟାଙ୍ଗନାମାନେ ଓଡ଼ିଶୀକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ସଂଯୁକ୍ତା ପାଣିଗ୍ରାହୀ ଅନ୍ୟତମ। ନିଜର କଠୋର ସାଧନା ଓ ଅଧ୍ୟବସାୟ ଦ୍ୱାରା ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡ଼ିଶୀ ନୃତ୍ୟର ଜଣେ ସଫଳତମ ନୃତ୍ୟଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଓଡ଼ିଶୀକୁ ଭାରତ ସମେତ ସମଗ୍ର ବିଶ୍ୱରେ ଆଦୃତ କରାଇବା ପାଇଁ ସେ ଆମେରିକା, ଫିଲିପାଇନ୍ସ, ୟୁକେ, ଇସ୍ରାଇଲ, ଗ୍ରୀସ୍ ଆଦି ଦେଶଗୁଡ଼ିକ ଭ୍ରମଣ କରିଥିଲେ। ତାଙ୍କ ନୃତ୍ୟ ପ୍ରତିଭା ଓ ନୃତ୍ୟ କଳା ପ୍ରତି ଅବଦାନ ସ୍ୱରୂପ ତାଙ୍କୁ ୧୯୭୫ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। ୧୯୭୬ରେ ମଧ୍ୟ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ସଂଯୁକ୍ତାଙ୍କର ଜନ୍ମ ୨୪ ଅଗଷ୍ଟ, ୧୯୪୪ ମସିହାରେ ବ୍ରହ୍ମପୁରର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଅଭିରାମ ମିଶ୍ର ଓ ମାତାଙ୍କ ନାମ ଶକୁନ୍ତଳା ମିଶ୍ର। ବାଲ୍ୟ ସମୟରୁ ତାଙ୍କ ଭିତରେ ନୃତ୍ୟ ପ୍ରତିଭା ବିକଶିତ ହୋଇଥିଲା। ମାତ୍ର ତାଙ୍କ ପିତାଙ୍କ ବିରୋଧ ସତ୍ତ୍ୱେ ମା' ତାଙ୍କୁ ନୃତ୍ୟ ପାଇଁ ପ୍ରୋତ୍ସାହିତ କରିଥିଲେ। ମା'ଙ୍କ ପ୍ରେରଣା ବଳରେ ସଂଯୁକ୍ତା ଚାରି ବର୍ଷ ବୟସରେ ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ୧୯୫୦-୧୯୫୩ ମସିହା ମଧ୍ୟରେ ତାଙ୍କୁ ତିନି ତିନି ଥର ସର୍ବଶ୍ରେଷ୍ଠ ଶିଶୁ କଳାକାର ଭାବେ ଅଭିହୀତ କରାଯାଇଥିଲା। ୧୯୫୨ ମସିହାରେ ସେ ଅନ୍ତରାଷ୍ଟ୍ରୀୟ ଶିଶୁ ଚଳଚ୍ଚିତ୍ର ସମାରୋହରେ ପ୍ରଥମ ପୁରସ୍କାର ଜିତିଥିଲେ। ନୃତ୍ୟରେ ଭଲ ପ୍ରଶିକ୍ଷଣ ପାଇଁ ତାଙ୍କ ମା' ତାଙ୍କୁ ଚେନ୍ନାଇରେ କଳାକ୍ଷେତ୍ରକୁ ପଠାଇଥିଲେ। ସେଠାରେ ସେ ୬ବର୍ଷ ପର୍ଯ୍ୟନ୍ତ ଭାରତନାଟ୍ୟମ୍ ଓ କଥକ ଶିକ୍ଷା ଲାଭ କରିଥିଲେ। ୧୪ବର୍ଷ ବୟସରେ ସେ ଓଡ଼ିଶା ଫେରି ଆସି ଓଡ଼ିଶୀ ନୃତ୍ୟର ବିକାଶ ଦିଗରେ ଧ୍ୟାନ ଦେଇଥିଲେ। ୧୯୬୦ ମସିହାରେ ୧୬ବର୍ଷ ବୟସରେ ସଙ୍ଗୀତଜ୍ଞ ରଘୁନାଥ ପାଣିଗ୍ରାହୀଙ୍କୁ ବିବାହ କରିଥିଲେ। ରଘୁନାଥଙ୍କ ସହିତ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ଯଶ ଓ ଖ୍ୟାତିର ସର୍ବୋଚ୍ଚ ସ୍ଥାନରେ ସଂଯୁକ୍ତା ପହଞ୍ଚି ପାରିଥିଲେ। ନିଜର ଚେଷ୍ଟା ବଳରେ ସେ ଓଡ଼ିଶୀ ନୃତ୍ୟକୁ ବିଶ୍ୱସ୍ତରରେ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବାରେ ସଫଳ ହୋଇଥିଲେ। ୧୯୯୭ ମସିହା ଆଜିର ଦିନରେ ଏହି ମହାନ୍ ନୃତ୍ୟଶିଳ୍ପୀଙ୍କ ମୃତ୍ୟୁ ହୋଇଥିଲା।

# ଘୁଞ୍ଚିପାରେ 'ପରମସୁନ୍ଦରୀ' ରିଲିଜ୍ ଡେଟ୍



ବଲିଉଡ୍ ଅଭିନେତା ଅଜୟ ଦେବଗନଙ୍କ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର୍-୨' ଆସନ୍ତା ଜୁଲାଇ ୨୫ ତାରିଖରେ ରିଲିଜ୍ ହେବ। ଏହି ଦିନ ଜାହ୍ନବୀ କପୁର ଓ ସିଦ୍ଧାର୍ଥ ମଲହୋତ୍ରାଙ୍କ ଫିଲ୍ମ 'ପରମସୁନ୍ଦରୀ' ମଧ୍ୟ ମୁକ୍ତିଲାଭ କରିବ। ଇତିମଧ୍ୟରେ 'ପରମସୁନ୍ଦରୀ'ର ନିର୍ମାତା ଅଜୟଙ୍କ ଷ୍ଟାରଡମ୍ ଓ 'ସନ୍ ଅଫ୍ ସର୍ଦ୍ଦାର'ର ସଫଳତାକୁ ଦେଖି ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅଜୟଙ୍କ ଯୋଗୁଁ ତାଙ୍କ ଫିଲ୍ମକୁ ବଡ଼ ଧରଣର କ୍ଷତି ସହିବାକୁ ପଡ଼ିପାରେ ବୋଲି ଏହାର ନିର୍ମାତା ଭାବୁଛନ୍ତି। ପ୍ରଯୋଜକ ଦିନେଶ ବିଜାନ ଫିଲ୍ମର ସଫଳତା ନେଇ ବେଶ୍ ଆଶାବାଦୀ ଅଛନ୍ତି। ଅପରପକ୍ଷରେ ଜୁଲାଇ ମାସରେ ଅନେକଗୁଡ଼ିଏ ରୋମାଣ୍ଟିକ୍ କମେଡି ଫିଲ୍ମ ରିଲିଜ୍ ହେଉଥିବାରୁ ଏହା 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ ବୋଲି ଦିନେଶ ଭାବୁଛନ୍ତି। ତେବେ ଦିନେଶ ଏହାକୁ ଅଗଷ୍ଟରେ ରିଲିଜ୍ କରିବା ପାଇଁ ଯୋଜନା କରୁଛନ୍ତି। ଅପରପକ୍ଷରେ 'ୱାର୍-୨', 'ଧଡକ-୨' ମଧ୍ୟ ଅଗଷ୍ଟ ମାସରେ ରିଲିଜ୍ ହେବ। ଏଦୁଇଟି ଫିଲ୍ମ ମଧ୍ୟ 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ। କିନ୍ତୁ ଏଯାଏଁ ଏହି ଫିଲ୍ମ କେବେ ମୁକ୍ତିଲାଭ କରିବ ସେନଇ ଦିନେଶ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି। କିଛି ଦିନ ପୂର୍ବରୁ ଫିଲ୍ମର ଫାଷ୍ଟ ଲୁକ୍ ସାମ୍ନାକୁ ଆସିଥିଲା। ଉଭୟ ଜାହ୍ନବୀ ଓ ସିଦ୍ଧାର୍ଥ ଦକ୍ଷିଣ ଭାରତୀୟ ପୋଷାକ ପରିପାଟୀରେ ବେଶ୍ ଭଲ ଦେଖାଯାଉଛନ୍ତି। ସବୁଠୁ ବଡ଼ କଥା ହେଲା ସିଦ୍ଧାର୍ଥ ଓ ଜାହ୍ନବୀଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି।




# ସଠିକ୍ ଖାଦ୍ୟ ସଂରକ୍ଷଣରୁ ରୋଗମୁକ୍ତ ରହିବେ ପ୍ରାଣୀ

**ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ରହିଥାଏ। ଏହି ଦିନରେ ଅତ୍ୟଧିକ ଆର୍ଦ୍ରତା ଓ ଚାରିଆଡେ ପାଣି ଜମି ରହୁଥିବାରୁ ପ୍ରାଣୀଙ୍କ ଖାଦ୍ୟକୁ କବକ ଓ ଜୀବାଣୁ ଆଦି ଶୀଘ୍ର ସଂକ୍ରମିତ କରିଥାନ୍ତି। ଉକ୍ତ ପଚା ସଢ଼ା ଖାଦ୍ୟ ଖାଇ ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି। ତେଣୁ ଅନ୍ୟଦିନ ତୁଳନାରେ ବର୍ଷାଦିନେ ପ୍ରାଣୀଙ୍କ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହିଦିନେ ସଠିକ୍ ଉପାୟରେ ଚାଷୀଭାଇମାନେ ଖାଦ୍ୟ ସଂରକ୍ଷଣ କରିପାରିବେ।**

ଅଧିକାଂଶ ପ୍ରାଣୀଙ୍କ ଖାଦ୍ୟକୁ ନ ଶୁଖାଇ ଏହାକୁ ସଂରକ୍ଷଣ କରି ଦିଅନ୍ତି। ସେହିପରି ଖୋଲା ଓଦାଳିଆ ସ୍ଥାନରେ ଖାଦ୍ୟ ରଖିବା, ଓଦା ଖାଦ୍ୟରେ କବକ ତଥା ପୋକ ସଂକ୍ରମଣ ହେବା, ଖାଦ୍ୟକୁ ସଫା ଓ ସ୍ୱଚ୍ଛ ସ୍ଥାନରେ ନ ରଖିବା କାରଣରୁ ଏହା ନଷ୍ଟ ହୋଇଥାଏ। ଏହି ବିଷାକ୍ତ ତଥା ଦୂଷିତ ଖାଦ୍ୟ ଖାଇବା ଯୋଗୁ ଗାଇଗୋରୁଙ୍କଠାରେ ପତଳା ଝାଡ଼ା ହେବା, ଶରୀରରୁ ଜଳୀୟଅଂଶ କମିଯିବା, ଦୁର୍ବଳ ଅନୁଭବ କରି ଖାଇବା ପିଇବା କମାଇ ଦେବା, ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ। ବିଶେଷ କଥା ହେଉଛି, ସଢ଼ା ବା ପଚା ଖାଦ୍ୟରେ ଅଫ୍ଲାଟକ୍ସିନ, ମାୟକୋଟକ୍ସିନ ପରି ହାନିକାରକ କବକ ଉତ୍ପନ୍ନ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ପ୍ରାଣୀଙ୍କର ପେଟଜନିତ ସମସ୍ୟା ହେବାର ଭୟ ଅଧିକ ରହିଥାଏ।

ତେଣୁ ପ୍ରାଣୀଙ୍କ ଖାଦ୍ୟ ସାଇତିବା ପାଇଁ ସର୍ବଦା ଉଚ୍ଚ, ଶୁଖିଲା ଓ ବାୟୁଚଳାଚଳ ହୋଇପାରୁଥିବା ସ୍ଥାନ ଚୟନ କରନ୍ତୁ। ବାଉଁଶ, କାଠ କିମ୍ବା ଇଟା ସାହାଯ୍ୟରେ ଥାକ କରି ସେଥିରେ ଖାଦ୍ୟ ରଖିବା ସବୁଠୁ ଭଲ ବିକଳ୍ପ। ଖାଦ୍ୟ ସାଇତିବା ପରେ ଏହା ଉପରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ପାଲ ଘୋଡାଇବା ନିହାତି ଆବଶ୍ୟକ। ଖାଦ୍ୟର ଯାଞ୍ଚ କରି ଏହାକୁ ମଝିରେ ମଝିରେ ଶୁଖାଇ ପାରିବେ। ଖାଦ୍ୟ ସାଇତା ଯାଉଥିବା ସ୍ଥାନରେ ନିମ୍ବପତ୍ର ପୁଟୁଳା କିମ୍ବା ଶୁଖିଲା ପତ୍ରକୁ ଖାଦ୍ୟରେ ମିଶାଇ ରଖିବା ଦ୍ୱାରା ସଂକ୍ରମଣରୁ ରକ୍ଷା କରାଯାଇପାରେ। ସେହିପରି ଘାସ କାଟିବା ପରେ ୩ରୁ ୫ଦିନ ଖରାରେ ଶୁଖାଇବା ଜରୁରି। ଶୁଖିଲା ଘାସକୁ ସଠିକ୍ ଢଙ୍ଗରେ ରଖିବା ଦ୍ୱାରା ଏହା ଦୀର୍ଘ ସମୟ ଭଲ ରୁହେ। ଏନେଇ ପ୍ରତି ୧୫ରୁ ୨୦ ଦିନରେ ଚାରାର ସ୍ଥିତି ଯାଞ୍ଚ କରି ପାରିବେ। ବର୍ଷାଦିନେ ପ୍ରାଣୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତା ଏବଂ ଗୁଣବତ୍ତା ଦୁଇଟିକୁ ଗୁରୁତ୍ୱ ଦେବା ଆବଶ୍ୟକ।



# କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ସମୟରେ ଫସଲରେ କୀଟନାଶକ ସିଞ୍ଚନ ଓ ଜଳସେଚନ ବନ୍ଦ ରଖନ୍ତୁ।
- ତଳିଘେରା ପାଇଁ ବଛା ଯାଇଥିବା ଜମିକୁ ୩ରୁ ୪ଥର ହଳ କରି ଘାସ ବାଛି ଦିଅନ୍ତୁ। ବୁଣାଧାନ ପାଇଁ ଶେଷ ଓଡ଼ ଚାଷ ସମୟେ ଏକର ପ୍ରତି ୮ କୁଇଣ୍ଟାଲ ଖତ ପ୍ରୟୋଗ କରନ୍ତୁ।
- ସଅଳ କିମ୍ବା ମଧ୍ୟମ ଋତୁରେ ଦେଖାଯାଉଥିବା ମରୁଡ଼ିକୁ ଏଡ଼ାଇବା ପାଇଁ ବର୍ଷା ଜଳ ସଂଗ୍ରହ ପ୍ରକଳ୍ପଗୁଡିକୁ ମରାମତି କରନ୍ତୁ।
- ବିହନ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ।
- ବାଇଗଣ ତଳିଘେରାରେ ଘରାକଟା ରୋଗ ହେଲେ, ଶୁଖିଲା ପାଗ ଦେଖି ୧୦ଲିଟର ପାଣିରେ ୨୦ ଗ୍ରାମ ମେଟାଲାଗଜିଲ ଓ ମାଙ୍କୋଜେବ ମିଶାଇ ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ।
- ଭେଣ୍ଡି ବିହନ ଲଗାଇବା ସମୟରେ ଏକର ପ୍ରତି ୭୦ କିଗ୍ରା ଡିଏପି, ୧୧ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୪୫ ସେମି ଏବଂ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ।

# ଗଛର ଯତ୍ନ ନେବ ଆପ୍



**ସମ୍ପ୍ରତି ବାଲ୍‌କୋନି, ଛାତ, ଘର ଅଗଣାରେ ଅଧିକାଂଶ ବ୍ୟକ୍ତି କଣ୍ଟେନର ଗାର୍ଡେନିଂ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଶେଷ ଦେଖାଶୁଣା କରିବାକୁ ପଡ଼େ। ହେଲେ ଯେତେବେଳେ କାମ ବା ଛୁଟି ବିତାଇବାକୁ ଜଣେ ଦୀର୍ଘ ସମୟ ବାହାରକୁ ଯାଆନ୍ତି, ଗଛର ଦେଖାରଖା ଓ ପାଣି ଦେବାକୁ ନେଇ ଚିନ୍ତିତ ରହିଥାନ୍ତି। ହେଲେ ଏବେ ଏହି ସମସ୍ୟାକୁ ଦୂର କରିବାକୁ ବିଭିନ୍ନ ପ୍ରକାର ସ୍ମାର୍ଟ ଆପ୍ ଉପଲବ୍ଧ ରହିଛି।**

**ପ୍ଲାଣ୍ଟସ୍ନାପ:** ଗଛ ଚିହ୍ନଟ କରିବାକୁ ପ୍ଲାଣ୍ଟସ୍ନାପ ଆପ୍ ବହୁତ ଉପଯୋଗୀ। ଫୋନ୍ କ୍ୟାମେରାରେ ଗଛର ଫଟୋ ନେଇ ଏହାର ନାଁ ଏବଂ ଦେଖାରଖା ବିଷୟରେ ଏହି ଆପ୍ ସୂଚନା ଦେଇଥାଏ। ତେଣୁ ଜଣେ ବାହାରେ ଥିଲେ ବି ଏହି ଆପ୍ ବ୍ୟବହାର କରି ଗଛର କିପରି ଯତ୍ନ ନିଆଯାଇ ପାରିବ ତଥା ଗଛକୁ କେଉଁ ସମୟରେ ପାଣି ଆବଶ୍ୟକ ସେ ବିଷୟରେ ଜାଣି ପାରିବେ।

**ୱାଟରବଟ:** ୱାଟରବଟ୍ ଆପ୍‌ଟି ଗଛରେ ପାଣି ଦେବାକୁ ରିମାଇଣ୍ଡର ସେଟ୍ କରିଥାଏ। ତେଣୁ ଜଣେ ଗଛର ପ୍ରଜାତି ଏବଂ ଏହାର ଆବଶ୍ୟକ ଅନୁସାରେ ଜଳସିଞ୍ଚନର କାର୍ଯ୍ୟସୂଚୀ ବନାଇ ପାରିବେ। ଆପ୍‌ରେ ନୋଟିଫିକେସନ ପଠାଇବାର ସୁବିଧା ଥିବାରୁ ଜଣେ ବାହାରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ଗଛକୁ ପାଣି ଦେଇପାରିବେ।

**ଗାର୍ଡେନାଇଜ୍:** ଗାର୍ଡେନାଇଜ୍ ଆପ୍ ସମସ୍ତ ଗଛର ସୂଚନାକୁ ପଞ୍ଜିକରଣ କରିଥାଏ। ଏହାର ଦେଖାରଖା ପାଇଁ ରେକର୍ଡ କରି ମଧ୍ୟ ରଖିଥାଏ। ଏହି ଆପ୍ ମଧ୍ୟ ଗଛର ବୃଦ୍ଧି, ପାଣି ଦେବାର ସମୟ, ଖତ ପ୍ରୟୋଗ ଆଦି ବିଷୟରେ ମନେ ପକାଇଥାଏ। ତେଣୁ ଜଣେ ଦୂରରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କୁ ଯୋଗାଯୋଗ କରି ଗଛର ସଠିକ ଯତ୍ନ ନେଇପାରିବେ।

**ଫ୍ଲୋରିଶ୍:** ଫ୍ଲୋରିଶ୍ ସ୍ମାର୍ଟ ଆପ୍‌ଟି ଜଳବାୟୁ ଅନୁସାରେ ଗଛର ଯତ୍ନ ନେବାକୁ ସୂଚନା ଦେଇଥାଏ। ଏହା ପାଣିପାଗ ପରିବର୍ତ୍ତନ ଅନୁସାରେ କେଉଁ ଗଛକୁ କେତେ ପାଣି ଆବଶ୍ୟକ, କେଉଁ ଦିନ ଖତ ପ୍ରୟୋଗ କରିବା ତଥା ରୋଗପୋକର ସମ୍ଭାବନା ବିଷୟରେ ପରାମର୍ଶ ଦିଏ। ଏହି ଆପ୍‌ଟି ବଗିଚା ଥିବା ସ୍ଥାନର ପାଣିପାଗକୁ ଟ୍ରାକ୍ କରି ଫୋନ୍‌କୁ ମେସେଜ୍ ପଠାଇଥାଏ। ଏହାଦ୍ୱାରା ଜଣେ ଦୂରରୁ ଥାଇ ବି ଗଛର ଯତ୍ନ ନେଇ ପାରନ୍ତି। ଆବଶ୍ୟକ ମୁତାବକ ଗଛକୁ ଜଳ ଯୋଗାଣ କରିହୁଏ।

**ସ୍ମାର୍ଟ ପ୍ଲାଣ୍ଟ କେୟାର:** ସ୍ମାର୍ଟ ପ୍ଲାଣ୍ଟ କେୟାର ଆପ୍‌ଟି ଗଛରେ ରୋଗ ଏବଂ ପୋକକୁ ଚିହ୍ନଟ କରି ଏହାର ନିରାକରଣ ପାଇଁ ସୂଚନା ଦେଇଥାଏ। ଏହି ଆପ୍‌ରେ ଜଳ ସିଞ୍ଚନ ଏବଂ ଖତ ପ୍ରୟୋଗ ପାଇଁ ରିମାଇଣ୍ଡର ସୁବିଧା ରହିଛି। ତେଣୁ ଆପ୍ ମାଧ୍ୟମରେ ସମସ୍ତ ଗଛର ଦେଖାରଖା ସହଜ ହୁଏ।

# ଗ୍ରୋବ୍ୟାଗ୍‌ରେ ଆଭାକାଡୋ






**ଆଭାକାଡୋ ଏକ ବିଦେଶୀ ଫଳ। ଏହିଫଳରେ ପ୍ରୋଟିନ୍, ଫାଇବର, ପୋଷକତତ୍ତ୍ୱ ଭରପୁର ମାତ୍ରାର ମିଳିଥାଏ। କୁଣ୍ଡରେ ଆଭାକାଡୋ ଲଗାଇବା ତ ସମସ୍ତେ ଜାଣନ୍ତି, ଗ୍ରୋବ୍ୟାଗ୍‌ରେ ଏହି ଫଳ ଗଛ ଲଗାଇବାର ଟ୍ରେଣ୍ଡ ଏବେ ବଢୁଛି।**

ଗ୍ରୋବ୍ୟାଗ୍ ମଜବୁତ୍, ସମ୍ପ୍ରସାରଣ ଏବଂ ହାଲୁକା ହୋଇଥାଏ। ଏଥିରେ ମାଟି ଭର୍ତ୍ତି କରି ବାଲ୍‌କୋନି, ଛାତ, ଅଗଣା, ଝରକା କୋଣ ପାଖେ ରଖାଯାଇପାରିବ। ଗ୍ରୋ ବ୍ୟାଗ୍‌ରେ ଗଛ ଲଗାଇଲେ ଜଳ ନିଷ୍କାସନ ଭଲ ହୁଏ। ମୂଳ ମଜବୁତ୍ ହୋଇଥାଏ। ଏହା ପରିବେଶ ଅନୁକୂଳ। ତେଣୁ ୧୮x୧୮ ଇଞ୍ଚ ମଜବୁତ୍ ଗ୍ରୋ ବ୍ୟାଗ୍‌ରେ ୫୦% ମାଟି, ୩୦ % ଗୋବର ଖତ ଏବଂ ୨୦% ବାଲି ମିଶାଇ ଆଭାକାଡୋ ଚାରା କିମ୍ବା ବିହନକୁ ଅଙ୍କୁରିତ କରି ଲଗାଯାଇଥାଏ। ଆଭାକାଡୋକୁ ନିୟମିତ ୫ରୁ ୬ ଘଣ୍ଟା ଖରା ଏବଂ ପାଣିର ଆବଶ୍ୟକ ହୋଇଥାଏ। ସେଥିପାଇଁ ପ୍ରତି ମାସରେ ଖତ କିମ୍ବା ଜିଆଖତ ପ୍ରୟୋଗ କରାଯାଇପାରିବ। ରୋଗ ପୋକ ନିୟନ୍ତ୍ରଣ ପାଇଁ ନିମ୍ବତେଲ ସିଞ୍ଚନ ଉତ୍ତମ ବିକଳ୍ପ। ଗଛ ଲଗାଇବାର ୩ ରୁ ୪ ବର୍ଷ ପରେ ଗଛ ଫଳ ଦେବା ଆରମ୍ଭ କରେ।

# ଦିଲୀପ ଦୋଶୀଙ୍କ ବିୟୋଗ



ଲଣ୍ଡନ, ୨୩।୬ (ଏଜେନ୍ସି): ଇଂଲଣ୍ଡ ମାଟିରେ ଭାରତ ପ୍ରଥମ ଟେଷ୍ଟ ଖେଳୁଥିବାବେଳେ ୪ର୍ଥ ଦିବସରେ ଏକ ଦୁଃଖଦ ଖବର ଆସିଛି। ପୂର୍ବତନ ଭାରତୀୟ କ୍ରିକେଟର୍ ଦିଲୀପ ଦୋଶୀଙ୍କ ସୋମବାର ହୃଦଘାତରେ ଲଣ୍ଡନରେ ବିୟୋଗ ଘଟିଛି। ମୃତ୍ୟୁବେଳକୁ ଦିଲୀପଙ୍କୁ ୭୭ ବର୍ଷ ବୟସ ହୋଇଥିଲା ଏବଂ ସେ ଦୀର୍ଘ ବର୍ଷ ହେବ ଲଣ୍ଡନରେ ରହିଆସୁଥିଲେ। ବାମହାତୀ ସ୍ପିନ ବୋଲର ଦିଲୀପ ୧୯୭୯ରୁ ୧୯୮୩ ମସିହା ପର୍ଯ୍ୟନ୍ତ ଭାରତ ପକ୍ଷରୁ ୩୩ ଟେଷ୍ଟ ଓ ୧୫ ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ଟେଷ୍ଟରେ ତାଙ୍କ ନାମରେ ୧୧୪ ଓ ଏକଦିବସୀୟରେ ୨୨ ୱିକେଟ୍ ଲିପିବଦ୍ଧ ରହିଛି। ୧୯୭୯ରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତରେ ଆସିଥିବାବେଳେ ସେ ଚେନ୍ନଇ ଟେଷ୍ଟ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ଏହି ମ୍ୟାଚର ପ୍ରଥମ ପାଳିରେ ସେ ଅଷ୍ଟ୍ରେଲିଆର ୬ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ। ରାଜକୋଟରେ ଜନ୍ମିତ ଦୋଶୀ ଘରୋଇ କ୍ରିକେଟ୍‌ରେ ସୌରାଷ୍ଟ୍ର ଓ ବେଙ୍ଗଲ ପକ୍ଷରୁ ଏବଂ କାଉଣ୍ଟି କ୍ରିକେଟ୍‌ରେ ନଟିଂହାମଶାୟର ଓ ୱର୍କଶାୟର ପାଇଁ ପ୍ରତିନିଧିତ୍ୱ କରି ୨୩୮ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ମୋଟ୍ ୮୯୮ଟି ୱିକେଟ୍ ହାସଲ କରିଥିଲେ। ଯେଉଁଥିରେ ୬ଥର ୧୦ ୱିକେଟ୍ ଓ ୪୩ଥର ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି।

# ଟିଓପିଏସ୍‌ରେ ସାମିଲ ହେଲେ ଶ୍ରାବଣୀ, ଅନିମେଶ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ଓ ଧାବିକା ଶ୍ରାବଣୀ ନନ୍ଦ କେନ୍ଦ୍ର କ୍ରୀଡ଼ା ବିଭାଗର ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟିଓପିଏସ୍)ର ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ସେହିଭଳି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଏଏମ୍/ଏନ୍ଏସ୍ ଜିମ୍ନାଷ୍ଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଶାର ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସାମିଲ କରାଯାଇଛି। ୨୨ ବର୍ଷୀୟ ଅନିମେଶ ଗତ ମାସ ପ୍ରାରମ୍ଭରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ରେ ୨୦୦ ମିଟର ରେସ୍‌କୁ ୨୦.୩୨ ସେକେଣ୍ଡରେ ଶେଷ କରି ନୂଆ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା ଭାରତୀୟ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌ରେ ଶ୍ରାବଣୀ ରହିଛନ୍ତି। ଶ୍ରାବଣୀଙ୍କ ବ୍ୟତୀତ ଅଭିନ୍ୟା ରାଜରଜନ, ସ୍ନେହା ଶାନୁଭାଲ୍ଲି ଓ ନତ୍ୟା ଗାନ୍ଧେ ରିଲେ ଦଳର ସଦସ୍ୟା ରହିଛନ୍ତି। ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ପଦକ ଆଶାୟୀ ଭାବେ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ମାସିକ ୨୫ ହଜାର ଟଙ୍କାର ଭତ୍ତା ପ୍ରଦାନ କରାଯିବ। ଜିମ୍ନାଷ୍ଟ ପ୍ରଣତୀଙ୍କ ସମେତ ତ୍ରିପୁରାର ପ୍ରତିଷ୍ଠା ସାମନ୍ତ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସ୍ଥାନ ପାଇଛନ୍ତି।



## ଗୋଟିଏ ଟେଷ୍ଟରେ ୫ ଶତକ; ଇଂଲଣ୍ଡ ଆଗରେ ୩୭୧ ରନ୍‌ର ଟାର୍ଗେଟ୍

# ରାହୁଲ, ପନ୍ତଙ୍କ ଦମ୍‌ଦାର୍ ଶତକ



ଲିଡ୍ସ, ୨୩।୬ (ଏଜେନ୍ସି)

ଲୋକେଶ ରାହୁଲ (୧୩୭) ଓ ଋଷଭ ପନ୍ତ (୧୧୮)ଙ୍କ ଶତକ ସହାୟତାରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଭାରତ ଘରୋଇ ଇଂଲଣ୍ଡ ଆଗରେ ୩୭୧ ରନ୍‌ର ଟାର୍ଗେଟ ଦେଇଛି। ଏହି ଟାର୍ଗେଟ୍‌କୁ ପିଛା କରି ମ୍ୟାଚ୍‌ର ଚତୁର୍ଥ ଦିନ ଖେଳ ଶେଷବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୨୧ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନରେ ମ୍ୟାଚ୍ ଜିତିବାକୁ ଇଂଲଣ୍ଡ ୯୦ ଓଭରରେ ୩୫୦ ରନ୍ ଓ ଏହା ମଧ୍ୟରେ ଭାରତକୁ ସମସ୍ତ ୧୦ଟି ୱିକେଟ ଆବଶ୍ୟକ ହେଉଛି। ସୋମବାର ମ୍ୟାଚ୍‌ର ଚତୁର୍ଥ ଦିନରେ ରାହୁଲ ଓ ପନ୍ତ ୪ର୍ଥ ୱିକେଟ ଯୋଡିରୁ ୧୯୫ ରନ୍ ଉଠାଇବା ଫଳରେ ଦ୍ୱିତୀୟ ଇନିଂସରେ ଭାରତ ୩୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ପ୍ରଥମ ଇନିଂସରେ ୬ ରନ୍‌ରେ ଆଗୁଆ ରହିଥିଲା। ଏହି ମ୍ୟାଚ୍‌ରେ ଭାରତର ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ୨ଟିକୁ ମିଶାଇ ମୋଟ ୫ଟି ଶତକ ସଂଗୃହୀତ ହୋଇଛି। ଯାହାକି ଭାରତର ଟେଷ୍ଟ ଇତିହାସରେ ପ୍ରଥମଥର ଦେଖିବାକୁ ମିଳିଛି। ସେହିପରି ପନ୍ତ ଭାରତର ପ୍ରଥମ ତଥା ଜିମ୍ବାୱେର ଆଣ୍ଡି ଫ୍ଲାୱାରଙ୍କ ପରେ ବିଶ୍ୱର ଦ୍ୱିତୀୟ ୱିକେଟରକ୍ଷକ ଭାବେ ଗୋଟିଏ ଟେଷ୍ଟରେ ୨ଟି ଶତକ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ଭାରତର ୭ମ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଅନ୍ୟମାନେ ହେଲେ ବିଜୟ ହଜାରେ, ସୁନିଲ ଗାଭାସ୍କର, ରାହୁଲ ଦ୍ରାବିଡ୍, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, ରୋହିତ ଶର୍ମା। ଏମାନଙ୍କ ମଧ୍ୟରୁ ଗାଭାସ୍କର ୩ଥର ଓ ଦ୍ରାବିଡ୍ ୨ଥର ଏଭଳି ସଫଳତା ପାଇଛନ୍ତି।

**୩୧ ରନ୍‌ରେ ୬ଟି ୱିକେଟ୍**: ଏହି ମ୍ୟାଚ୍‌ର ଚତୁର୍ଥ ଦିନରେ ଭାରତ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୯୦ ରନ୍‌ରୁ ସତର୍କତାର ସହ ଖେଳି ଆରମ୍ଭ କରିଥିଲା। କିନ୍ତୁ ଅଧିନାୟକ ଗିଲ୍ ୮ ରନ୍‌ରେ ଶୀଘ୍ର ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରାହୁଲ ଓ ପନ୍ତ ଭାରତର ସ୍କୋରକୁ ୨୮୭ ରନ୍‌ରେ ପହଞ୍ଚାଇବା ପରେ ଯୋଡି ଭାଙ୍ଗିଥିଲା। ୧୧୮ ରନ୍ କରି ପନ୍ତ ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ତାଙ୍କ ବ୍ୟାଟ୍‌ରୁ ୧୩୪ ରନ୍ ମିଳିଥିଲା। ପନ୍ତଙ୍କ ଆଉଟ ହେବାର ୪୬ ରନ୍ ପରେ ୫ମ ଖେଳାଳି ଭାବେ ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସର ପରିସମାପ୍ତି ଘଟିଥିଲା। ରାହୁଲ ୨୪୭ ବଲ୍ ଖେଳି ୧୮ ଚୌକା ସହ ଗିଲ୍‌ଙ୍କ ପରି ପ୍ଲେଡ୍ ଅନ୍ ହୋଇଥିଲେ। ଏହା ଫଳରେ ତାଙ୍କ ୱିକେଟ ସହ ଭାରତ ତାହାର ଶେଷ ୬ଟି ୱିକେଟ ୩୧ ରନ୍ ମଧ୍ୟରେ ହରାଇଥିଲା। ପ୍ରଥମ ଇନିଂସରେ ମଧ୍ୟ ଭାରତ ୪୧ ରନ୍‌ରେ ଶେଷ ୭ଟି ୱିକେଟ ହରାଇଥିଲା। ରବୀନ୍ଦ୍ର ଜାଡେଜା ଅପରାଜିତ ୨୫ ରନ୍ କରିଥିଲାବେଳେ ୨୦ ରନ୍ କରି କରୁନ ନାୟାର ଦ୍ୱିତୀୟ ସୁଯୋଗ ହାତଛଡ଼ା କରିଛନ୍ତି। ଶାର୍ଦ୍ଦୁଳ ୪ ରନ୍ କରିଥିଲାବେଳେ ଅନ୍ୟ ୩ ପେସର ଖାତା ଖୋଲି ପାରି ନାହାନ୍ତି। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ୍ କାର୍ସ, ଜୋଶ ଟଙ୍ଗ୍ ୩ଟି ଲେଖାଏଁ ୱିକେଟ ପାଇଛନ୍ତି।



### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୪୭୧ (ଗିଲ-୧୪୭, ପନ୍ତ-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୬୫ (ପୋପ୍-୧୦୬, ବ୍ରୁକ୍-୯୯, ଡକେଟ-୬୨, ବୁମ୍‌ରା-୫/୮୩, କ୍ରିଷ୍ଣା-୩/୧୨୮)।
**ଭାରତ ଦ୍ୱିତୀୟ ଇନିଂସ**: ୩୬୪ (ରାହୁଲ-୧୩୭, ପନ୍ତ-୧୧୮, ଟଙ୍ଗ୍-୩/୭୨, କାର୍ସ-୩/୮୦)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୨୧/୦ (ବେନ୍ ଡକେଟ- ଅପରାଜିତ ୯, ଜ୍ୟାକ୍ କ୍ରଲି- ଅପରାଜିତ ୧୨)।

### ଗୋଟିଏ ଟେଷ୍ଟରେ ୨ଟି ଶତକ: ପନ୍ତ ୭ମ ଭାରତୀୟ

| ଖେଳାଳି | ପ୍ରଥମ | ଦ୍ୱିତୀୟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ମାସ ଓ ବର୍ଷ |
|---|---|---|---|---|---|
| ବିଜୟ ହଜାରେ | ୧୧୬ | ୧୪୫ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଜାନୁଆରୀ,୧୯୪୮ |
| ସୁନୀଲ ଗାଭାସ୍କର | ୧୨୪ | ୨୨୦ | ୱେଷ୍ଟଇଣ୍ଡିଜ୍ | ପୋର୍ଟ-ଅଫ୍-ସ୍ପେନ୍ | ଏପ୍ରିଲ,୧୯୭୧ |
| ସୁନୀଲ ଗାଭାସ୍କର | ୧୧୧ | ୧୩୭ | ପାକିସ୍ତାନ | କରାଚି | ନଭେମ୍ବର,୧୯୭୮ |
| ସୁନୀଲ ଗାଭାସ୍କର | ୧୦୭ | ୧୮୨* | ୱେଷ୍ଟଇଣ୍ଡିଜ୍ | କୋଲକାତା | ଡିସେମ୍ବର,୧୯୭୮ |
| ରାହୁଲ ଦ୍ରାବିଡ୍ | ୧୯୦ | ୧୦୩* | ନ୍ୟୁଜିଲାଣ୍ଡ | ହାମିଲଟନ | ଜାନୁଆରୀ,୧୯୯୯ |
| ରାହୁଲ ଦ୍ରାବିଡ୍ | ୧୧୦ | ୧୩୫ | ପାକିସ୍ତାନ | କୋଲକାତା | ମାର୍ଚ୍ଚ, ୨୦୦୫ |
| ବିରାଟ କୋହଲି | ୧୧୫ | ୧୪୧ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଡିସେମ୍ବର, ୨୦୧୪ |
| ଆଜିଙ୍କ୍ୟ ରାହାଣେ | ୧୨୭ | ୧୦୦* | ଦକ୍ଷିଣ ଆଫ୍ରିକା | ଦିଲ୍ଲୀ | ଡିସେମ୍ବର ୨୦୧୫ |
| ରୋହିତ ଶର୍ମା | ୧୭୬ | ୧୨୭ | ଦକ୍ଷିଣ ଆଫ୍ରିକା | ବିଶାଖାପାଟଣା | ଅକ୍ଟୋବର, ୨୦୧୯ |
| ଋଷଭ ପନ୍ତ | ୧୩୪ | ୧୧୮ | ଇଂଲଣ୍ଡ | ହେଡିଂଲେ | ଜୁନ୍, ୨୦୨୫ |

# ମାଷ୍ଟର୍ସ କପ୍ ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୩।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଅଧିନାୟକ ଲାଜରୁସ ବାର୍ଲା ଓ ଅନିଲ କୁଲ୍ଲୁ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଅପରପକ୍ଷରେ ମାଷ୍ଟର୍ସ କପ୍‌ର ମହିଳା ବିଭାଗରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ସୋମବାର ପୁଲ୍-ବି'ରେ ଓଡ଼ିଶା ଏହାର ଶେଷ ମ୍ୟାଚରେ ୩-୨ ଗୋଲ୍‌ରେ ହରିୟାଣାକୁ ମାତ୍ ଦେଇଥିଲା। ଓଡ଼ିଶା ପାଇଁ ରଞ୍ଜିତା ବେଗ୍ ୨ଟି ଓ ସରିତା ରୋଶନ ମିଞ୍ଜ ଗୋଟିଏ ଗୋଲ୍ ଦେଇଥିଲେ। ପ୍ରକାଶଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି।

# ଶକ୍ତିସ୍ୱରୂପ ଏଏସସିଏ ଲେଭଲ୍-୧ କୋଚ୍

କଟକ,୨୩।୬(ସମିସ): ଓଡ଼ିଶାର ଦ୍ୱିତୀୟ ପ୍ରଶିକ୍ଷକ ଭାବେ ଶକ୍ତିସ୍ୱରୂପ ଦାଶ ଅଷ୍ଟ୍ରେଲିଆନ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ ଆସୋସିଏସନ(ଏଏସ୍‌ସିଏ) ଲେଭଲ-୧ କୋଚ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ଏହି ଅନୁବନ୍ଧିତ କୋର୍ସ ଆୟୋଜନ କରାଯାଇଥିଲା। ଶକ୍ତିସ୍ୱରୂପଙ୍କ ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ରାଜ୍ୟର ପ୍ରଥମ ପ୍ରଶିକ୍ଷକ ଭାବେ ଏହି ସଫଳତା ହାସଲ କରିଥିଲେ। ଏଏସ୍‌ସିଏ ଲେଭଲ-୧ କୋର୍ସ ଖେଳାଳିଙ୍କ କ୍ଷେତ୍ରରେ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂର ମୌଳିକ ଶିକ୍ଷା ପ୍ରଦାନ କରିଥାଏ। ପୁରୀରେ ଜନ୍ମିତ ଶକ୍ତିସ୍ୱରୂପ ଗତ ସିଜନରେ ଓଡ଼ିଶା ୧୬ବର୍ଷରୁ କମ୍ ଦଳର ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ରହିଥିଲେ। ଏଏସ୍‌ସିଏ ଲେଭଲ-୧ ସଫଳତା ସହିତ ସେ ବିସିସିଆଇ ସିଓଇ କ୍ରିକେଟ ସ୍ପେସିଫିକ୍ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଶକ୍ତିସ୍ୱରୂପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଜାତୀୟ ମିନି ଗଲ୍ଫ

# ବିକାଶ, ସୌମ୍ୟାଶ୍ରୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ




ଭୁବନେଶ୍ୱର, ୨୩।୬ (ସମିସ): ଜାତୀୟ ବରିଷ୍ଠ ମିନି ଗଲ୍ଫର ୧୦ମ ସଂସ୍କରଣ ଚଳିତ ମାସ ୨୫ରୁ ନାଗପୁରରେ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ୧୦ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ପୁରୁଷ ଓ ମହିଳା ଖେଳାଳି ରହିଛନ୍ତି। ବିକାଶ ଚନ୍ଦ୍ର ପଟ୍ଟନାୟକ ପୁରୁଷ ଦଳର ଅଧିନାୟକ ରହିଥିବାବେଳେ ସେ ମଧ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ପୁରୁଷ ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପଟ୍ଟନାୟକ, ଗିରିଜା ଶଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦୈବଜିତ ରହିଛନ୍ତି। ସେହିଭଳି ସୌମ୍ୟାଶ୍ରୀ ରଥଙ୍କୁ ଓଡ଼ିଶା ମହିଳା ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଦଳରେ ଅନିକା ପଟ୍ଟନାୟକ, ଆଦିତି ପାଟିଲ, ରେଶମା ମାଝୀ ଓ ଆଇଶା ଘଟୁଆଳ ସ୍ଥାନ ପାଇଛନ୍ତି। ଅଭିସ୍ପା ପଣ୍ଡା ପ୍ରଶିକ୍ଷକ ଓ ଲତା ସମର୍ଥା ମ୍ୟାନେଜର ଭାବେ ମହିଳା ଦଳ ସହ ଗସ୍ତ କରିଛନ୍ତି। ଓଡ଼ିଶା ଦଳ ସୋମବାର ନାଗପୁର ଯାତ୍ରା କରିଛି। ଦଳର ସଫଳତା କାମନା କରି ଓଡ଼ିଶା ମିନି ଗଲ୍ଫ ସଂଘ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

# ଓଡ଼ିଶା ବାଳିକା ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ ପଦକ



ପୁରୀ,୨୩।୬(ସମିସ): ମହାରାଷ୍ଟ୍ରର ଶିରିଡିଠାରେ ଅନୁଷ୍ଠିତ ୩୦ତମ ଜାତୀୟ ସବ୍ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗୌରାବାନ୍ୱିତ କରିଛି। କ୍ୱାର୍ଟରଫାଇନାଲରେ ତାମିଲନାଡୁକୁ ହରାଇଥିବା ବେଳେ ସେମିରେ ଆୟୋଜକ ମହାରାଷ୍ଟ୍ରଠାରୁ ୧-୨ ସେଟ୍‌ରେ ପରାସ୍ତ ହୋଇଥିଲା। ଏହାପରେ ବ୍ରୋଞ୍ଜ ପଦକ ଲଢେଇରେ କେରଳକୁ ୨-୧ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା ଓଡ଼ିଶା ବାଳିକା ଦଳ। ସେହିପରି ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ ଚାରିଥରର ବିଜେତା ଦିଲ୍ଲୀଠାରୁ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୨-୧ ସେଟ୍‌ରେ ପରାସ୍ତ ହୋଇଥିଲା। ଓଡ଼ିଶା ବାଳିକା ଦଳର ବ୍ରୋଞ୍ଜ ପଦକ ବିଜୟ ଉପଲକ୍ଷେ କ୍ରୀଡ଼ା ନିର୍ଦ୍ଦେଶକ ହରେଶ ମିଶ୍ର, ଧୀରଜ କୁମାର ପଟ୍ଟନାୟକ (ଓଏସ୍‌ଡି), ଓଡ଼ିଶା ଥ୍ରୋ ବଲ୍ ସଭାପତି ଭୂପିନ୍ଦର ସିଂ ବାଳିକା ଦଳର ଖେଳାଳୀ ଏବଂ କୋଚ୍ ସୁଧାସିନ୍ଧୁ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ହକିକୁ ଲଳିତ୍‌ଙ୍କ ଅଲ୍‌ବିଦା

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)



ଭାରତୀୟ ହକି ଦଳର ଭେଟେରାନ ଫରୱାର୍ଡ ଲଳିତ ଉପାଧ୍ୟାୟ ଶେଷରେ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଲଳିତ ଅଗ୍ରଭାଗରେ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଥିଲେ। ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ କାଂସ୍ୟ ପଦକ ବିଜୟୀ କରାଇବାରେ ଲଳିତ୍‌ଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ଲଳିତ ତାଙ୍କ ଅବସର ବାର୍ତ୍ତାରେ ଲେଖିଛନ୍ତି, 'ଏହି ଯାତ୍ରା ଏକ ଛୋଟିଆ ଗାଁରୁ ଆରମ୍ଭ ହୋଇଥିଲା। ଦୁଇ ଦୁଇଥର ଅଲିମ୍ପିକ ପୋଡିୟମରେ ଠିଆ ହେବା ଅବିସ୍ମରଣୀୟ ରହିଥିଲା। ୨୬ ବର୍ଷ ପରେ ମୋ ସହର ବାରଣାସୀରୁ ଅଲିମ୍ପିଆନ ହେବା ମୋ ପାଇଁ ବେଶ୍ ସମ୍ମାନଜନକ ଥିଲା'।

ବାରଣାସୀରେ ଜନ୍ମିତ ଲଳିତ ୨୦୧୪ ବିଶ୍ୱକପ୍‌ରେ ଖେଳି ଅନ୍ତର୍ଜାତୀୟ ହକିରେ ପାଦ ଥାପିଥିଲେ। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗରେ ଜୁନ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩୧ ବର୍ଷୀୟ ଲଳିତ ତାଙ୍କ ୧୧ ବର୍ଷର ଜ୍ୱାଜଲ୍ୟମୟ କ୍ୟାରିୟରରେ ଭାରତୀୟ ହକିର ଏକାଧିକ ସ୍ମରଣୀୟ ମୁହୂର୍ତ୍ତରେ ସାମିଲ ରହିଥିଲେ। ସେ ଭାରତ ପାଇଁ ୧୮୩ ମ୍ୟାଚ୍ ଖେଳି ୬୭ଟି ଗୋଲ୍ ସ୍କୋର କରିଛନ୍ତି। ଦୁଇଟି ଅଲିମ୍ପିକ୍ସ ପଦକ ବ୍ୟତୀତ ଲଳିତ ୨୦୧୬ ଏସିଆନ ଚାମ୍ପିଅନ୍ସ ଟ୍ରଫି ଓ ୨୦୧୭ ଏସିଆ କପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଭୁବନେଶ୍ୱରରେ ୨୦୧୭ରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳରେ ସେ ଥିଲେ। ୨୦୨୧ରେ ତାଙ୍କୁ ଅର୍ଜୁନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲଳିତ ବର୍ତ୍ତମାନ ଉତ୍ତର ପ୍ରଦେଶ ପୁଲିସରେ ଡେପୁଟୀ ଏସ୍‌ପି ଭାବେ କାର୍ଯ୍ୟରତ ରହିଛନ୍ତି। ଲଳିତଙ୍କ ଅବସରକୁ ନେଇ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, 'ଲଳିତ ଆମ ପିଢିର ସବୁଠୁ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରୁ ଅନ୍ୟତମ। ଅଲିମ୍ପିକ୍ ହେଉକି କୌଣସି ଲିଗ୍ ମ୍ୟାଚ୍ ହେଉ ସେ ସର୍ବଦା ଗର୍ବର ସହିତ ଭାରତୀୟ ଜର୍ସି ପରିଧାନ କରିଥାନ୍ତି।'

# ଖୋର୍ଦ୍ଧା ଜିଲ୍ଲା ଚେସ୍ ଶନିବାର

ଭୁବନେଶ୍ୱର, ୨୩।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ଜିଲ୍ଲା ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶନିବାର ଓ ରବିବାର ଦୁଇଦିନ ଧରି ଘାଟିକିଆ ସ୍ଥିତ ଏପିଜେ ସ୍କୁଲ ପରିସରରେ ଖେଳାଯିବ। ଏଥିରେ ୩୨ଟି ଟ୍ରଫି ଓ ୪୦ଟି ଚେସ୍ ବହି ପ୍ରଦାନ କରାଯିବ ବୋଲି ଆୟୋଜକ ସଂଘର ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ଏଣ୍ଟ୍ରି ଫି ୫୦୦ ଟଙ୍କା ସହ ସ୍ୱୟଂଶୁ ସତ୍ୟକାମଙ୍କୁ ମୋବାଇଲ ନଂ- ୯୯୩୭୦-୦୭୯୪୫ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

# ନିଶାନ୍ତ ବିଶ୍ୱାଳ ଚାମ୍ପିଅନ




ଭୁବନେଶ୍ୱର,୨୩।୬ (ସମିସ): ବରିଷ୍ଠ ଖେଳାଳି ନିଶାନ୍ତ ବିଶ୍ୱାଳ ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର-୨୦୨୫ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲରେ ନିଶାନ୍ତ ୬-୪ ଫ୍ରେମ୍‌ରେ ଟାଇଟଲ ଫେବରାଇଟ୍ ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ଜିତିନେଇଥିଲେ। କ୍ୟାରିୟରର ୭ମ ଟାଇଟଲ ଜିତିଥିବା ଏହି ଚାମ୍ପିଅନଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ଆଶୁତୋଷଙ୍କୁ ରନର ଅପ୍ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ମିଳିଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଶୁତୋଷ ୫-୨ ଫ୍ରେମ୍‌ରେ ଚିରାଗ ଅରୋରାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ନିଶାନ୍ତ ମଧ୍ୟ ୫-୨ ଫ୍ରେମ୍‌ରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରି ଦ୍ୱିତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଖେଳ ଶେଷରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ବିଏସ୍‌ଏଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଗୋବିନ୍ଦ ଶର୍ମା, ଭିଣ୍ଟେଜ୍ କ୍ଲବ୍‌ର ଦୁଇ ମାଲିକ ତଥା ଖେଳାଳି ଅମିୟ ରଞ୍ଜନ ନାୟକ ଓ ସତ୍ୟଦୀପ ଦାସ୍ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଓ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ସାଭପତି ତାରାରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ସମିର ଅଲି ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS